R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୩୫୩
ତିଥି : ନବମୀ
୨୭ ସେପ୍ଟେମ୍ବର ୨୦୨୪, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

समय SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 353
27 Sept 2024, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore




## ନୂଆ ସରକାରଙ୍କ ଆଜିଠୁ ଦୁଇ ଦିନିଆ ଜିଲ୍ଲାପାଳ, ଏସ୍‌ପି ସମ୍ମିଳନୀ

# ନୂତନ ଯୋଜନାର ପ୍ରଣୟନ ଉପରେ ଦିଆଯିବ ଗୁରୁତ୍ୱ

ଭୁବନେଶ୍ୱର,୨୬।୯ (ସବ୍ୟୁ) : ନୂଆ ସରକାରଙ୍କର ପ୍ରଥମ ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ୨୭ ତାରିଖରେ ଜିଲ୍ଲାପାଳ ସମ୍ମିଳନୀ ଥିଲାବେଳେ ୨୮ ତାରିଖରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସମ୍ମିଳନୀ ରହିଛି । ଏହି ସମ୍ମିଳନୀରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସମେତ ଆଇଏଏସ୍ ପ୍ରୋବେସନଲ ଯୋଗଦେବେ ।

୨୭ ତାରିଖରେ ସକାଳ ୯.୩୦ରେ ଜିଲ୍ଲାପାଳ ସମ୍ମିଳନୀ ଆରମ୍ଭ ହେବ । ଉନ୍ନୟନ କମିଶନର ସ୍ୱାଗତ ଭାଷଣ ଦେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରଙ୍କ ପ୍ରାଥମିକତା ସମ୍ପର୍କରେ ସୂଚନା ଦେବେ । ଚା'ପାନ ବିରତି ପରେ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ସୁଭଦ୍ରା ଯୋଜନାର ସଠିକ ପ୍ରଣୟନ, ଧାନକ୍ରୟ ନୀତିର ପ୍ରସ୍ତୁତି, ପିଏମ୍ ଜନମନ ଓ ସରକାରଙ୍କର ନୂଆ ଯୋଜନାର ପ୍ରଣୟନ ସମ୍ପର୍କରେ ଆଲୋଚନା କରାଯିବା ପରେ ପିଏମ୍‌ଶ୍ରୀର ପ୍ରଣୟନ ସମ୍ପର୍କରେ ଆଲୋଚନା କରାଯିବ । ସେହିଭଳି ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଲାଗି ଗାଇଡ୍ ଲାଇନ ସମ୍ପର୍କରେ ଆଲୋଚନା ହେବ । ମଧ୍ୟାହ୍ନଭୋଜନ ବିରତି ପରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ସହର ଓ




### ଦୁର୍ନୀତି ପ୍ରତି ଶୂନ୍ୟ ସମ୍ବେଦନଶୀଳତା

### କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

ଗ୍ରାମାଞ୍ଚଳରେ ନିରନ୍ତର ପାନୀୟ ପ୍ରକଳ୍ପ, ଶିଳ୍ପ ବିକାଶ ଓ ଅଭିଯୋଗ ଶୁଣାଣି ଉପରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ । ୨୮ ତାରିଖରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ସମ୍ମିଳନୀ ଅନୁଷ୍ଠିତ ହେବ । ପୋଲିସ ଡିଜି ସ୍ୱାଗତ ଭାଷଣ ଦେବାକୁ ଥିଲାବେଳେ ମୁଖ୍ୟମନ୍ତ୍ରୀ ମଧ ତାଙ୍କ ବକ୍ତବ୍ୟ ରଖିବେ । ଚା'ପାନ ବିରତି ପରେ ଆଇନ ଶୃଙ୍ଖଳା ସ୍ଥିତି ବଜାୟ ରଖିବା ପାଇଁ ସରକାରଙ୍କ ଆଭିମୁଖ୍ୟ, ମାଓବାଦୀ ଦମନ ଏବଂ ଉପକୂଳ ସୁରକ୍ଷା, ମହିଳା ସୁରକ୍ଷା ପ୍ରତି ଶୂନ୍ୟ ସହନଶୀଳତା ନୀତି ଓ ଡ୍ରଗ୍ସ ମାଫିଆଙ୍କୁ (୯ ପୃଷ୍ଠାରେ)

# ରାଉରକେଲା ଗଣ ଦୁଷ୍କର୍ମ ମାମଲାରେ ପୁଣି ଦୁଇ ଅଟକ

ରାଉରକେଲା, ୨୬।୯ (ସବ୍ୟୁ): ରାଉରକେଲା ଗଣ ଦୁଷ୍କର୍ମ ମାମଲାରେ ଆଉ ଦୁଇ ଅଭିଯୁକ୍ତ ଅଟକ। ରଘୁନାଥପାଲି ଥାନା ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି। ବୁଧବାର ମଧ ତିନି ଜଣଙ୍କୁ ଅଟକ ରଖି ପଚରାଉଚରା କରିଛୁ ପୋଲିସ ।ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ପୋଲିସ ଚଢାଉକୁ ଜୋରଦାର କରିଛି । ପୋଲିସର ୪ ଟି ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଅତିରିକ୍ତ ଏସପି, ପୋଲିସ ଏସଡିପିଓଙ୍କ ନେତୃତ୍ୱରେ ୪ ଟିମ ପକ୍ଷରୁ ଚଢାଉ ଜାରି ରହିଛି। ଗତ ୨୨ ତାରିଖ ରାତିରେ (୯ ପୃଷ୍ଠାରେ)

## ଖଣି, ଶିଳ୍ପାୟନରେ ପୋଲିସଙ୍କ କାର୍ଯ୍ୟ ନେଇ ଡିଜିପି ଅସନ୍ତୁଷ୍ଟ

# ବେଆଇନ୍ କାର୍ଯ୍ୟରେ ସମ୍ପୃକ୍ତ ନହେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୬।୯ (ସବ୍ୟୁ) : ବିଭିନ୍ନ ଶିଳ୍ପାଞ୍ଚଳରେ ରାଜ୍ୟ ପୋଲିସ ଯେଉଁଟା ତା'ର କର୍ତ୍ତବ୍ୟ ନୁହେଁ ସେଭଳି କିଛି କାର୍ଯ୍ୟ କରୁଥିବାର ଅଭିଯୋଗ ଆସିଛି । ରାଜ୍ୟ ପୋଲିସର କେତେକ କର୍ମଚାରୀଙ୍କ ମାଫିଆଗିରି ଅଭିଯୋଗ ମଧ ହୋଇଛି । ଏହାକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳାର ଅତିରିକ୍ତ ଡିଜିପି ସବୁ ପୋଲିସ ଏସ୍‌ପି, ଡିଆଇଜି, ଆଇଜି ଓ ପୋଲିସ କମିଶନରଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ।

ଚିଠିରେ ଉଲ୍ଲେଖ କରାଯାଇଛି ଯେ ବିଭିନ୍ନ ଶିଳ୍ପାଞ୍ଚଳ ଓ ଖଣି ଅଞ୍ଚଳରେ ପରିବହନ ଓ ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ପୋଲିସର କ୍ଷେତ୍ର ଅଧିକାରୀମାନେ ସଂପୃକ୍ତ ରହୁଛନ୍ତି । ବିଶେଷକରି ପରିବହନ କାର୍ଯ୍ୟରେ ସମ୍ପୃକ୍ତ ରହି ଜିଲ୍ଲା ଏସ୍‌ପି ମୁଖ୍ୟାଳୟମାନଙ୍କର ନଜରକୁ ଆସିଛି । ପୋଲିସ ଡିଜି ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଏହିସବୁ କାର୍ଯ୍ୟ ପୋଲିସର ଦାୟିତ୍ୱ ବାହାରେ ବୋଲି କହିଛନ୍ତି । ଯଦି କୌଣସି ପୋଲିସ ଅଫିସର ଏଭଳି କାର୍ଯ୍ୟକରେ ସମ୍ପୃକ୍ତି ରଖନ୍ତି ଅବା କାହାରି ସହ ପକ୍ଷପାତ କରୁଥିବା ଜଣାପଡ଼େ, ତାହାକୁ ଗୁରୁତର ଭାବେ ଗ୍ରହଣ କରାଯିବ । କ୍ଷେତ୍ର ଅଧିକାରୀମାନଙ୍କୁ ଏହି ନିର୍ଦ୍ଦେଶକୁ ଗ୍ରହଣ କରିବା ସହ ଏହାର କଡ଼ାକଡ଼ି ଅନୁପାଳନ ପାଇଁ ନିର୍ଦ୍ଦେଶ ଦିଆଯାଉଛି ବୋଲି ଅତିରିକ୍ତ ପୋଲିସ ଡିଜି ଆଇନ ଶୃଙ୍ଖଳା କହିଛନ୍ତି ।

ଅଭିଯୋଗ ଅନୁଯାୟୀ ଖଣି ଓ ଶିଳ୍ପାଞ୍ଚଳରେ କିଛି ପୋଲିସ ଅଫିସର ନିର୍ଦ୍ଦିଷ୍ଟ ଖଣି ମାଫିଆ ଓ ବ୍ୟବସାୟୀଙ୍କ (୯ ପୃଷ୍ଠାରେ)

## ଓଡ଼ିଶାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ

# ବିକଶିତ ଭାରତ ଗଠନ ଲାଗି ବିଜେପି ସହ ଯୋଡି ହୁଅ : ନଡ୍ଡା

ଭୁବନେଶ୍ୱର, ୨୬।୯ (ସବ୍ୟୁ) : ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ.ଜଗତ ପ୍ରକାଶ ନଡ୍ଡା ଦିନିକିଆ ଓଡିଶା ଗସ୍ତରେ ଆସି ଭୁବନେଶ୍ୱରଠାରେ ଅନୁଷ୍ଠିତ 'ସଦସ୍ୟତା ଅଭିଯାନ-୨୦୨୪' ସଂପର୍କିତ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ରାଜ୍ୟରେ ବିଜେପିର ଡବଲ୍ ଇଂଜିନ ସରକାରଙ୍କ ବିଭିନ୍ନ ବିକାଶମୁଳକ କାର୍ଯ୍ୟକୁ ଭୁୟସୀ ପ୍ରଶଂସା କରିଛନ୍ତି । ଏଥି ସହ ଜାରୀ ରହିଥିବା ସଦସ୍ୟତା ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଏବଂ ଦୁଷ୍ୟନ୍ତ ଗୌତମ, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ସାଂସଦ ସମ୍ବିତ ପାତ୍ର ଏବଂ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ । ଅଜିର ସଦସ୍ୟତା ଅଭିଯାନରେ ପୂର୍ବତନ ସୈନିକ, ଅବସରପ୍ରାପ୍ତ ପ୍ରଶାସକ, ଡାକ୍ତର, ଇଞ୍ଜିନିୟର, ଓକିଲ, ଚାଟାର୍ଡ ଆକାଉଟାଣ୍ଟ ଏବଂ କଳା ଜଗତ ସହ ସଂପୃକ୍ତ ଅନେକ ବିଶିଷ୍ଟ ବ୍ୟକ୍ତିବିଶେଷ ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି ।




ଏହି ଅବସରରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ବିଜେପି ଏବଂ ଏନ୍‌ଡିଏ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରୁଥିବାବେଳେ ବିରୋଧୀ ଇଣ୍ଡି ମେଣ୍ଟରେ ସାମିଲ ଦଳଗୁଡ଼ିକ ଦୁର୍ନୀତିକୁ ପ୍ରୋତ୍ସାହିତ କରିବା ସହିତ ରାଷ୍ଟ୍ର ବିରୋଧୀ ତତ୍ତ୍ୱକୁ ପ୍ରୋତ୍ସାହିତ କରୁଛନ୍ତି । ଦେଶରେ ପାଖାପାଖି ୫୦୦୦ ଛୋଟବଡ଼ ରାଜନୈତିକ ଦଳ ଥିଲାବେଳେ ସେଥିରୁ ମାତ୍ର ୫୦ଟି ଦଳ ସକ୍ରିୟ ଅଛନ୍ତି । ମାତ୍ର ଭାରତୀୟ ଜନତା ପାର୍ଟି ସମସ୍ତଙ୍କ ଠାରୁ ସ୍ୱତନ୍ତ୍ର ଏବଂ ଏହା ଏକ ମାତ୍ର ରାଜନୈତିକ ଦଳ ଯାହା ସଂପୂର୍ଣ୍ଣ ଗଣତାନ୍ତ୍ରୀକ ଏବଂ ନୀତି ଆଦର୍ଶ ଦ୍ୱାରା ପରିଚାଳିତ ରାଜନୈତିକ ଦଳ । ବିଶ୍ୱର ଅନ୍ୟ କୌଣସି ଦଳରେ ଏଭଳି ଗଣତାନ୍ତ୍ରିକ ବ୍ୟବସ୍ଥା ନାହିଁ। (୯ ପୃଷ୍ଠାରେ)

## ଜିଦ୍‌ରେ ଅଟଳ ସେବିକା ସଂଘ

# ଆଜିଠୁ ହସ୍ପିଟାଲରେ ସମ୍ପୂର୍ଣ୍ଣ ସେବା ବନ୍ଦ

ଭୁବନେଶ୍ୱର, ୨୬।୯ (ସବ୍ୟୁ) : ରାଜ୍ୟ ସରକାରଙ୍କ ଏସ୍‌ମାକୁ ଅଣଦେଖା କରି ଓଡିଶା ସେବିକା କର୍ମଚାରୀ ସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଦ୍ୱିତୀୟ ଦିନରେ ମଧ ଆନ୍ଦୋଳନ ଜାରି ରହିଛି । ସରକାରଙ୍କ ସହିତ ଆଲୋଚନା ବିଫଳ ହେବା ପରେ ଗୁରୁବାର ସେବିକା ସଂଘ ପୁଣି ଆନ୍ଦୋଳନ କରିଛି । ୧୦ ଦଫା ଦାବି ନେଇ ସେବିକା କର୍ମଚାରୀମାନେ କାର୍ଯ୍ୟବନ୍ଦ କରିଛନ୍ତି । ଯଦି ଗୁରୁବାର ସୁଦ୍ଧା କୌଣସି ପ୍ରତିଶ୍ରୁତି ନମିଳେ, ତାହେଲେ ଶୁକ୍ରବାର ଠାରୁ ଜରୁରୀକାଳୀନ ସେବା ବନ୍ଦ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ବୁଧବାର ଲୋକସେବା ଭବନରେ ସ୍ୱାସ୍ୟ ସଚିବଙ୍କ ସହିତ ଆଲୋଚନା ହୋଇଥିଲା । ମାତ୍ର ଏହି ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା । ସରକାରଙ୍କ ସହ ଆଲୋଚନା ବିଫଳ ହୋଇଥିଲା । ଫଳରେ ସେବିକା ଅଫିସରମାନେ ଆନ୍ଦୋଳନ ଜାରି ରଖିଛନ୍ତି । ୧୦ ଦଫା ଦାବି ନେଇ ସେବିକା ସଂଘ ସରକାରଙ୍କୁ ମାସେ ସମୟ ସୀମା ଦେଇଥିଲା ମାତ୍ର ଦାବି ପୂରଣ ନେଇ କୌଣସି ପଦକ୍ଷେପ ନିଆଯାଇନଥିଲା । ଏହାପରେ ସେବିକା ସଂଘ ଆନ୍ଦୋଳନ କରିବାକୁ ରାସ୍ତାକୁ ଓହ୍ଲାଇଥିଲା ।

ସଂଘ କହିଥିଲା, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ଓଡ଼ିଶା ସେବିକା କର୍ମଚାରୀ ସଂଘର ଆନ୍ଦୋଳନକୁ ଗୋଟିଏ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଗଲା । ଗତ ଅଗଷ୍ଟ ୨୩ ତାରିଖରେ ଓଡିଶାର ସ୍ୱାସ୍ଥ୍ୟମନ୍ତ୍ରୀ ନିଜ ଅଧକ୍ଷତାରେ ନର୍ସିଂ କର୍ମଚାରୀ ସଂଘର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି (୯ ପୃଷ୍ଠାରେ)

# ହାର୍ପିସ୍ ନେଲା ଛୁଆ ହାତୀର ଜୀବନ

ବାରଙ୍ଗ, ୨୬।୯ (ସବ୍ୟୁ) : ପୁଣି ଗୋଟିଏ ହାତୀ ଛୁଆର ଜୀବନ ନେଇଛି ହାର୍ପିସ ଭୁତାଣୁ ।ଗତ ଅଗଷ୍ଟ ମାସ ୨୮ ତାରିଖରେ ଚନ୍ଦକା ଡମପଡା ଅଭୟାରଣ୍ୟର କୁମାରଖୁଣ୍ଟିରେ ଥିବା ହାତୀ ପାଠଶାଳାରେ ସାଢେ୭ବର୍ଷର ମାଇ ହାତୀ ମାମା ହର୍ପିସ୍ ଭୁତାଣୁ ରେ ମୃତ୍ୟୁ ହୋଇଥିବା ବେଳେ ପୁଣି ଗୁରୁବାର ଦିନ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଦେଢବର୍ଷ ବୟସର ଗୋଟିଏ ଅଣ୍ଡିରା ହାତୀ ଅଭିର ମୃତ୍ୟୁ ହୋଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି । ଅଭିର ମୃତ୍ୟୁ ପରେ ବନବିଭାଗର ଚିନ୍ତା ବଢିଯାଇଛି । ସୂଚନା ଯୋଗ୍ୟ (୯ ପୃଷ୍ଠାରେ)



## ଜୀବିତପୁତ୍ରିକା ପର୍ବରେ ଅଘଟଣ

# ପାଣିରେ ବୁଡ଼ି ୩୭ ଶିଶୁଙ୍କ ସମେତ ୪୬ ମୃତ



ବିହାର, ୨୬।୯ : ବିହାରରେ ଜୀବିତପୁତ୍ରିକା ପର୍ବ ପାଳନ ଅବସରରେ ବିଭିନ୍ନ ସ୍ଥାନରେ ପୋଖରୀ ଓ ନଦୀରେ ଗାଧୋଇବା ବେଳେ ୪୬ ଜଣଙ୍କର ପାଣିରେ ବୁଡିଯାଇ ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରେ ୩୭ ଶିଶୁ ଅଛନ୍ତି । ବର୍ତ୍ତମାନସୁଦ୍ଧା ୩ ଜଣ ନିଖୋଜ ଅଛନ୍ତି । ବିହାରରେ ଏହି ପର୍ବକୁ ଧୁମ୍‌ଧାମରେ ପାଳନ କରାଯାଏ । ୧୫ ଜିଲ୍ଲାରୁ ଏଭଳି ସୂଚନା ଆସିଛି । ଏହି ପର୍ବ ପାଳନ ଅବସରରେ ମହିଳା ଓ ଶିଶୁମାନେ ନଦୀ ଓ ପୋଖରୀରେ ପବିତ୍ର ସ୍ନାନ କରିଥାନ୍ତି । ରାଜ୍ୟ ବିପର୍ଯ୍ୟାୟ ପରିଚାଳନା ବିଭାଗ ପକ୍ଷରୁ କୁହାଯାଇଛି ଯେ ବର୍ତ୍ତମାନସୁଦ୍ଧା ୪୩ ମୃତଦେହ ଉଦ୍ଧାର କରାଯାଇଛି । ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି । ଅନୁକମ୍ପା ରାଶି ପ୍ରଦାନ କରିବା ଆରମ୍ଭ ହୋଇଛି । ଜିଭିତପୁତ୍ରିକା ପର୍ବ ପୁଅମାନଙ୍କ ଶୁଭ ମନାସି ମା'ମାନେ (୯ ପୃଷ୍ଠାରେ)

## ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା

# ସୁବର୍ଣ୍ଣରେଖାରେ ବନ୍ୟା ଆଶଙ୍କା

ଭୁବନେଶ୍ୱର, ୨୬।୯ (ସବ୍ୟୁ) : ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଜାରି ରହିଛି । ଗତ ୨୪ ଘଣ୍ଟା ମଧ୍ୟରେ ତାଳଚେରରେ ସର୍ବାଧିକ ୧୫୫ ମିମି ବର୍ଷା ହୋଇଥିବା ବେଳେ ଜଗତସିଂହପୁରରେ ୯୯ ମିମି, କେନ୍ଦୁଝରରେ ୮୯ ମିମି ଓ ବାରିପଦାରେ ୬୨ ମିମି ବର୍ଷା ରେକର୍ଡ କରାଯାଇଛି । ନଦୀର ଉପର ଅବବାହିକାରେ ପ୍ରବଳ ବର୍ଷା ବିତ୍ପାତ ଜାରି ରହିଛି । ଫଳରେ ଗାଲୁଡିହି ବ୍ୟାରେଜର ଜଳପତ୍ତନ କ୍ରମାଗତ ବୃଦ୍ଧି ପାଇଛି । ଆସନ୍ତାକାଲି(ଶୁକ୍ରବାର) ଠାରୁ ରାଜ୍ୟରେ ପାଗ ବଦଳିବ । କମିବ ବର୍ଷା, ବିଶେଷ ବଡ଼ ବର୍ଷା ନାହିଁ ।

ସେହିପରି ସୁବର୍ଣ୍ଣରେଖା ନଦୀକୁ ପଡ଼ୋଶୀ ଝାଡ଼ଖଣ୍ଡର ଗାଲୁଡ଼ିହି ବ୍ୟାରେଜ ଜଳ ନିଷ୍କାସନ କରିଛି । ଏହି ବ୍ୟାରେଜରୁ ୨୨୦୦ କ୍ୟୁସେକ ବନ୍ୟା ପାଣି ନିଷ୍କାସିତ ହେଉଛି । ସୁବର୍ଣ୍ଣରେଖାରେ ବନ୍ୟାଜଳ ଛାଡ଼ିବା ଦ୍ୱାରା ତଳିଆ ଅଞ୍ଚଳରେ ପୁଣି ବନ୍ୟା ଆଶଙ୍କା ଦେଖାଯାଇଛି । (୯ ପୃଷ୍ଠାରେ)

## ମେଜରଙ୍କ ବାନ୍ଧବୀ ବିରୋଧରେ ରୁଜୁ ମାମଲା ରଦ୍ଦ ଆବେଦନ

# ରେକର୍ଡପତ୍ର ଦାଖଲ ଲାଗି ନିର୍ଦ୍ଦେଶ

କଟକ, ୨୬।୯ (ସବ୍ୟୁ) : ଭରତପୁର ଥାନା ଭିତରେ ମାଡ଼ ମାରିବା ଏବଂ ଅସଦାଚରଣ କରିବା ଘଟଣାରେ ସେନା ମେଜରଙ୍କ ବାନ୍ଧବୀ ବିରୋଧରେ ରୁଜୁ ମାମଲାକୁ ରଦ୍ଦ ପାଇଁ ହୋଇଥିବା ମାମଲାର ଶୁଣାଣି ଆସନ୍ତା ୩ ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି । ଶୁଣାଣି ସମୟରେ ମାମଲା ସଂକ୍ରାନ୍ତୀୟ ସମସ୍ତ ରେକର୍ଡ଼ପତ୍ର ଦାଖଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି ।

ମାମଲାରୁ ପ୍ରକାଶ ଯେ, ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀ ଗତ ୧୪ ତାରିଖରେ ରାତି ପ୍ରାୟ ୧୨ଟା ୩୦ରେ ପଟିଆରୁ ଫେରୁଥିଲେ । ଏହି ସମୟରେ ରାସ୍ତାରେ ଯାଉଥିବା କିଛି ଯୁବକଙ୍କ କାର୍କୁ ଓଭରଟେକ୍ କରି ଆଗକୁ ଯାଇଥିଲେ ସେନା ଅଧିକାରୀ । ତେବେ ଏଥିରେ ଉକ୍ଷିପ୍ତ ହୋଇ ସଂପୃକ୍ତ ଯୁବକମାନେ ରାସ୍ତା ସେମାନଙ୍କୁ ଅଟକାଇ ଧମକଚମକ ଦେଇଥିଲେ । ଘଟଣା ସମ୍ପର୍କରେ ଅଭିଯୋଗ (୯ ପୃଷ୍ଠାରେ)

## ସୁପ୍ରିମ୍‌କୋର୍ଟରେ ଗୁଜରାଟ ସରକାରଙ୍କୁ ଝଟ୍‌କା

# ବିଲକିସ୍ ମାମଲା ରାୟର ପୁନର୍ବିଚାର ଆବେଦନ ଖାରଜ

ଭୁବନେଶ୍ୱର,୨୬।୯ (ସବ୍ୟୁ) : ଗୁଜରାଟର ଦଙ୍ଗା ପୀଡିତା ବିଲକିସ୍ ବାନୋ ମାମଲାରେ ସୁପ୍ରିମ୍‌କୋର୍ଟରୁ ଗୁଜରାଟ ସରକାରଙ୍କୁ ବଡ ଝଟ୍‌କା ଲାଗିଛି । ଏହି ମାମଲାରେ ଗୁଜରାଟ ସରକାରଙ୍କ ପକ୍ଷରୁ ପୂର୍ବ ରାୟର ପୁନର୍ବିଚାର ଲାଗି କରାଯାଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ଅଗ୍ରାହ୍ୟ କରିଛନ୍ତି । ଏହି ମାମଲାର ଅଭିଯୁକ୍ତଙ୍କୁ ମୁକ୍ତ କରିବା ପାଇଁ ଗୁଜରାଟ ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ ଓ ସେମାନଙ୍କୁ କ୍ଷମା ଦେଇଥିଲେ ସେହି ନିଷ୍ପତ୍ତିକୁ ସୁପ୍ରିମ୍‌କୋର୍ଟ ରଦ୍ଦ କରିଥିଲେ । ପରେ ଏହି ରାୟ ଉପରେ ଗୁଜରାଟ ସରକାରଙ୍କ ପକ୍ଷରୁ ପୁନର୍ବିଚାର ଲାଗି ସୁପ୍ରିମ୍‌କୋର୍ଟରେ ଆବେଦନ କରାଯାଇଥିଲା ।

ସୂଚନାଯୋଗ୍ୟ ୨୦୦୨ ଗୁଜରାଟ ଦଙ୍ଗାରେ ବିଲକିସ୍‌ଙ୍କୁ ଗଣଧର୍ଷଣ କରାଯିବା ସହ ତାଙ୍କ ପରିବାର ବର୍ଗଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୧୧ ଜଣ ଦୋଷୀଙ୍କୁ ଗୁଜରାଟ ସରକାର ସଜା ସରିବା ପୂର୍ବରୁ କ୍ଷମା ଦେଇ ମୁକ୍ତି କରିଥିଲେ । ଏହାକୁ ସୁପ୍ରିମ୍‌କୋର୍ଟ ଖାରଜ କରି ପୁନର୍ବାର ସେମାନଙ୍କୁ ଜେଲ୍ ପଠାଇ ଦେଇଥିଲେ । ଗୁଜରାଟ ସରକାରଙ୍କ ପକ୍ଷରୁ ପୁଣିଥରେ ଏହାର ପୁନର୍ବିଚାର ପାଇଁ ଆବେଦନ କରାଯାଇଥିଲା । ଗୁଜରାଟ ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା ଯେ ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ ରେକର୍ଡକୁ ନେଇ ତ୍ରୁଟି କରିଥିଲେ । କୋର୍ଟ ରାଜ୍ୟକୁ ଦୋଷୀ ଭାବେ ବିବେଚନା କରିଥିଲେ । ହେଲେ ଏହା ଆଦୌ ଠିକ୍ ନୁହେଁ । ତେବେ ଜଷ୍ଟିସ୍ ବିଭି ନାଗରତ୍ନା ଓ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ ଗୁଜରାଟ ସରକାରଙ୍କ ଆବେଦନକୁ ଅଗ୍ରାହ୍ୟ କରି କହିଛନ୍ତି ଯେ ଯେଉଁ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରାଯାଇଛି ଏବଂ ଏହା ସହ ଯେଉଁ କାଗଜପତ୍ର ଦିଆଯାଇଛି ଏହାକୁ ଭଲଭାବେ ଦେଖିବା ପରେ ଆମର ହୃଦୟଙ୍ଗମ ହୋଇଛି ଯେ ପୂର୍ବ ରାୟରେ କୌଣସି ତ୍ରୁଟି ନାହିଁ । ପୁନର୍ବିଚାର ଆବେଦନାର କୌଣସି ବୈଧତା ନଥିବାରୁ ଏହାକୁ ଖାରଜ କରାଯାଉଛି । ସୁପ୍ରିମ୍‌କୋର୍ଟ ଜୁଲାଇରେ ୨ (୯ ପୃଷ୍ଠାରେ)



# ପତ୍ର ସମ୍ଭାଳୁଛି ମଣିଷ ଓଜନ

ଦୁନିଆରେ ଅନେକ ଏଭଳି ଉଭିଦ ରହିଛନ୍ତି ଯିଏ ନିଜର ସ୍ୱତନ୍ତ୍ରତା ପାଇଁ ସବୁ ଯାଗାରେ ହେଲା ଭିକ୍ଟୋରିଆ ଲିଲି । ଏହି ଗଛର ପତ୍ରର ଆକାର ଢେର୍ ବଡ, ଗୋଟିଏ ପତ୍ରର



ଅଧିକ । ଏହି କରିଥାଏ । ବଡ ତାହା । ଏହା ଉପରେ ବାଳକ ଠିଆ ବ୍ୟବହାର କରି ମଧ । ଏହାକୁ ନେଇ ଅନେକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । କେହି କେହି ଏହାକୁ ନିଜର ଫଟୋ ସୁଟ୍ ପାଇଁ ବ୍ୟବହାର କରୁଛନ୍ତି । ଏହି ଗଛ ୧୮୦୧ରେ ବ୍ରାଜିଲ୍‌ରେ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଥିଲା । ଏପ୍ରିଲ୍ ଓ ମଇ ମାସରେ ଏହି ଗଛର ମଞ୍ଜି ବୁଣା ଯାଇଥାଏ । ତେବେ ଏହାର ଫୁଲକୁ ନେଇ ମଧ ରହିଛି ଅନେକ ରୋଚକ ତଥ୍ୟ । ଏହି ଫୁଲ ଶୀତଦିନେ ଫୁଟିଥାଏ । ତେବେ ଫୁଲ ଫୁଟିବା ପରେ ପ୍ରଥମ ରାତିରେ ଏହା ଧଳା ରଙ୍ଗର ହୋଇଥିବା ବେଳେ ପରଦିନକୁ ବଦଳି ଗୋଲାପି ହୋଇଯାଇଥାଏ । ତୃତୀୟ ଦିନକୁ ଏହା ପାଣିରେ ଝଡି ପଡେ । ଏହି ଫୁଲର ନାଡର ଆକାର ପ୍ରାୟ ୭ମିଟରର ହୋଇଥାଏ ।



# ଜଙ୍କ ଫୁଡ୍‌କୁ ରୁହନ୍ତୁ ଦୂରରେ

**ଆଜିକାଲିର ବ୍ୟସ୍ତବହୁଳ ଜୀବନ ଶୈଳୀ କାରଣରୁ ଜଙ୍କଫୁଡ୍ ଖାଇବା ସମସ୍ତଙ୍କର ଏକ ଅଭ୍ୟାସରେ ପରିଣତ ହୋଇସାରିଲାଣି । ଯାହା ଦେହ ପାଇଁ ଖରାପ ବୋଲି ଜାଣିବା ପରେ ମଧ ଏହାକୁ ଛାଡିବା କଷ୍ଟ । କେତେଜଣ ଚାହିଁକି ମଧ ଏଥିରୁ ନିବୃତ୍ତ ହୋଇପାରୁନାହାନ୍ତି । ତେବେ କିଛିଟା ଏଭଳି ଟ୍ରିକ୍ ଅଛି, ଯାହାକୁ ଅନୁକରଣ କଲେ ଆମେ ଏକ ସୁସ୍ଥକର ଜୀବନ ବଞ୍ଚିବା ସହିତ ଜଙ୍କଫୁଡକୁ ମଧ ଦୂରେଇ ପାରିବା ।**

**ରଖନ୍ତୁ ଆଖିରୁ ଦୂରରେ–** ଆମେ ଯେଉଁ ଖାଦ୍ୟକୁ ଦେଖି ତାକୁ ତୁରନ୍ତ ଖାଇବାକୁ ଇଚ୍ଛା ହୋଇଥାଏ । ତେଣୁ ସର୍ବଦା ଜଙ୍କଫୁଡ୍‌କୁ ଆଖିରୁ ଦୂରେଇ ରଖନ୍ତୁ । ସେଗୁଡିକୁ ଏଭଳି ସ୍ଥାନରେ ରଖନ୍ତୁ, ଯାହା ନିୟମିତ ଭାବେରେ ଆଖିରେ ପଡିବ ନାହିଁ । ଏପରି କରିବା ଫଳରେ ଆମେ ଜଙ୍କଫୁଡ୍ ଖାଇବାଠାରୁ ଦୂରରେ ରହିପାରିବା ।

**ବଦଳାନ୍ତୁ ଅଭ୍ୟାସ–** ସବୁଠାରୁ ବଡ ହେଲା ନିଜର ଖାଦ୍ୟ ଆଭ୍ୟାସ । ଏହାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ । ସବୁଦିନ ଏକ ତାଲିକା ପ୍ରସ୍ତୁତ କରି ସେହି ହିସାବରେ ଖାଆନ୍ତୁ । ନିଜ ଅଭ୍ୟାସ ଉପରେ ନିୟନ୍ତ୍ରଣ ଆଣିବାକୁ ଚେଷ୍ଟା କରନ୍ତୁ । ସବୁବେଳେ ଖାଦ୍ୟରେ ଜଙ୍କ ସ୍ଥାନରେ ସୁସ୍ଥକର ଖାଦ୍ୟ ଖାଆନ୍ତୁ । ଧୀରେଧୀରେ ଏହାକୁ ଅଭ୍ୟାସରେ ପରିଣତ କରନ୍ତୁ ।



**ପାଣି ଅଧିକା ପିଅନ୍ତୁ–** ସର୍ବଦା ଆମକୁ ଲାଗୁଥିବା ଛୋଟଛୋଟ ଭୋକରୁ ଦୂରେଇ ରହିବାକୁ ପାଣି ଅଧିକା ପିଅନ୍ତୁ । ଏହାଦ୍ୱାରା ଆମକୁ କମ ଭୋକ ଲାଗିଥାଏ । ସେହିଭଳି କିଛି ଜଙ୍କ ଫୁଡ୍ ଦେଖିଲେ ବି ଏହାକୁ ଖାଇବାକୁ ଇଛା ହୋଇନଥାଏ । ତେଣୁ ପିଉଥିବା ପାଣିର ମାତ୍ରା ବଢାନ୍ତୁ ।

## ସୋସିଆଲ କୋଟ୍ସ



ମୋତେ ବିଜ୍‌ନେସ୍‌ର ସ୍କିଲ୍ ଜଣାନଥିଲା । ମୁଁ ଖାଲି ଅନ୍ଧାରରେ ତୀର ମାରିବା ପରି କବାଡି ଖେଳରେ ଇନ୍‌ଭେଷ୍ଟ କରିଥିଲି । ହେଲେ ବର୍ତ୍ତମାନ ଏଥିରୁ ଭଲ ରିଟର୍ଣ୍ଣସ ମିଳୁଛି ।
**ଅଭିଷେକ ବଚ୍ଚନ, ଅଭିନେତା**



ମୋତେ ଥ୍ରୀ ଇଡିଅଟ୍ସ ସେଟ୍ ବହୁତ ବୋରିଂ ଲାଗୁଥିଲା । ହେଲେ ଅମିର ମୋତେ ପରେ ବୁଝାଇଥିଲେ । ଏହା ଟିଭି ସେଟ୍ ନୁହେଁ ଏଠି କାମ ଭିନ୍ନ ଢଙ୍ଗରେ ହୋଇଥାଏ ।
**ମୋନା ସିଂ, ଅଭିନେତ୍ରୀ**



କେବେ ବି ପଇସା ପାଇଁ ଫିଲ୍ମ କରିନାହିଁ । ମୋତେ ଅସାଧୁ ଉପାୟରେ ଆସୁଥିବା ପଇସା ଦରକାର ନାହିଁ । ରାତିରେ ଶାନ୍ତିରେ ଶୋଇବାକୁ ଚାହେଁ ।
**ରାଜକୁମାର ରାଓ, ଅଭିନେତା**

## ଇତିହାସ

୧୭୬୦– ମୀର କାଶୀମ୍ ବେଙ୍ଗଲର ନୱାବ ହେଲେ ।
୧୮୨୧– ମେକ୍ସିକୋକୁ ସ୍ୱତନ୍ତ୍ରତା ମିଳିଲା ।
୧୮୨୫– ବିଶ୍ୱର ପ୍ରଥମ ସାର୍ବଜନୀନ ରେଳ ପରିବହନର ଆରମ୍ଭ ।
୧୮୩୩– ସମାଜ ସୁଧାରକ ତଥା ବ୍ରାହ୍ମ ସମାଜର ପ୍ରତିଷ୍ଠାତା ରାଜା ରାମମୋହନ ରାୟଙ୍କ ପରଲୋକ ।
୧୮୭୧– ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍‌ଙ୍କ ବଡଭାଇ ତଥା ପ୍ରସିଦ୍ଧ ସ୍ୱତନ୍ତ୍ରତା ସେନାନୀ ବିଟଲଭାଇ ପଟେଲ୍‌ଙ୍କ ଜନ୍ମ ।
୧୯୩୨– ଭାରତୀୟ ସିନେ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ନିର୍ଦ୍ଦେଶକ ଯଶ୍ ଚୋପ୍ରାଙ୍କ ଜନ୍ମ ।
୨୦୦୧– ପୂର୍ବତନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ କୋଟଲା ବିଜୟ ଭାସ୍କର ରେଡ୍ଡିଙ୍କ ପରଲୋକ ।
୨୦୦୨– ନ୍ୟୁୟର୍କରେ ବିଶ୍ୱ ବ୍ୟାଙ୍କ୍ ଓ ଆଇଏମ୍‌ଏଫ୍‌ର ବାର୍ଷିକ ବୈଠକ ଆରମ୍ଭ ।
୨୦୦୫– ବିଲ୍ ଗେଟ୍ସ କ୍ରମାଗତ ରୂପେ ୧୧ ଥର ପାଇଁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ହେବାର ଗୌରବ ଅର୍ଜନ କଲେ ।

# ବେନାମୀ ଷ୍ଟେସନ

ଭାରତରେ ଟ୍ରେନ୍ ସେବା ଏକ ବୃହତ୍ତର ସେବା, ଯେଉଁଥିରେ ସବୁଠାରୁ ଅଧିକ ଲୋକ ଯାତାୟାତ କରନ୍ତି । ତେବେ ଟ୍ରେନ୍‌ରେ ଯିବା ପୂର୍ବରୁ ସର୍ବଦା ସମସ୍ତଙ୍କୁ ଟିକେଟ୍ କାଟିବାକୁ ହୋଇଥାଏ । ଯେଉଁଥିପାଇଁ ଦରକାର ହୋଇଥାଏ ଷ୍ଟେସନ୍‌ର ନାଁ ଓ ଠିକଣା । ତେବେ ଭାରତରେ ଏଭଳି କିଛି ଷ୍ଟେସନ ଅଛି ଯାହାର ନାଁ ନାହିଁ । ବିଶ୍ୱାସ ନହେଲେ ମଧ କଥାଟି ସତ । ତେବେ ଏହି ଷ୍ଟେସନ୍‌ରେ ନାଁ ନାହିଁ କିନ୍ତୁ ଏଠାରେ ଟ୍ରେନ୍ ରହିବା ସହିତ ଯାତ୍ରୀ ମଧ ଯାଆସ କରନ୍ତି । ଭାରତରେ ଏଭଳି ଦୁଇଟି ଷ୍ଟେସନ୍ ରହିଛି, ଯାହାର ନାଁ ନାହିଁ । ଗୋଟିଏ ପଶ୍ଚିମବଙ୍ଗର ବରର୍ଦ୍ଧମାନ ଜିଲ୍ଲାର ବାଙ୍କୁରା– ମୈସଗ୍ରାମ ରେଳଖଣ୍ଡରେ ରହିଛି । ଅନ୍ୟଟି ଝାରଖଣ୍ଡର ରାଞ୍ଚି – ଟୋରୀ ରେଳଖଣ୍ଡରେ ରହିଛି । ଏହି ଦୁଇଟି ଷ୍ଟେସନ୍‌ର ଆଜି ଯାଏଁ କୌଣସି ନାଁ ଦିଆଯାଇନାହିଁ । ପଶ୍ଚିମବଙ୍ଗରେ ଥିବା ଏହି ଷ୍ଟେସନ୍ ୨୦୦୮ରେ ନିର୍ମାଣ କରାଯାଇଥିଲା । ତେବେ ଏହା ନିର୍ମାଣ ସମୟରେ ଏହାର ନାଁ ରୈନଗାଢ ରଖାଯାଇଥିଲା । ହେଲେ ଏହି ନାଁକୁ ନେଇ ଗ୍ରାମବାସୀ ଆପତ୍ତି କରିବା ସହ ଅଭିଯୋଗ କରିଥିଲେ । ଯାହାଫଳରେ ଆଜିଯାଏଁ ଏହି ନାଁକୁ ନେଇ ବିବାଦ ଚାଲିଛି, ଯାହା ସମାଧାନ ହୋଇପାରିନାହିଁ । ସେହିଭଳି ଝାରଖଣ୍ଡରେ ଥିବା ବେନାମୀ ଷ୍ଟେସନ ପଛରେ ମଧ ରହିଛି ଏକ ରୋଚକ କାହାଣୀ । ୨୦୧୧ରେ ଯେତେବେଳେ ଷ୍ଟେସନର ନିର୍ମାଣ କରାଯାଇଥିଲା ସେତେବେଳେ ତାର ନାଁ ବଡକୀ ଚାମ୍ପି ରଖାଯାଇଥିଲା । ଏଠାରେ ମଧ ପଶ୍ଚିମବଙ୍ଗ ଭଳି ସ୍ଥାନୀୟ ଲୋକଙ୍କ ବିରୋଧ କାରଣରୁ ଷ୍ଟେସନର ନାଁ ଦିଆଯାଇପାରିନାହିଁ । ଗାଁ ଲୋକଙ୍କ ମଧରେ ଅନେକ ମତଭେଦ ଥିବାରୁ ଏହି ଷ୍ଟେସନ୍‌ରେ କୌଣସି ସାଇନ୍‌ବୋର୍ଡ ମଧ ନାହିଁ ।





# ଭଲଟ୍ରେଣ୍ଡ୍ ରି ରିଲିଜ୍

ବର୍ତ୍ତମାନ ବଲିଉଡ୍‌ରେ ଫିଲ୍ମ ରି ରିଲିଜ୍‌ର ଟ୍ରେଣ୍ଡ୍ ଆରମ୍ଭ ହୋଇଛି। ଏହି ରି ରିଲିଜ୍ ତାଲିକାରେ ଅନେକ ଫିଲ୍ମ ସାମିଲ ହେବାରେ ଲାଗିଛି । ନିକଟରେ ଏହି ତାଲିକାରେ ସାମିଲ ହୋଇଛି ୨୦୦୧ରେ ରିଲିଜ୍ ହୋଇଥିବା ଫିଲ୍ମ ତୁମ୍‌ବିନ୍ । ପାଖାପାଖି ୨୩ ବର୍ଷ ପରେ ଏହି ଫିଲ୍ମ ପରଦାରେ ପୁଣି ଥିଏଟରରେ ରିଲିଜ୍ ହୋଇଛି । ଫିଲ୍ମର ରିଲିଜ୍‌କୁ ନେଇ ମତ ରଖିଛନ୍ତି ଅଭିନେତା ରାକେଶ ବାପଟ୍ । ତାଙ୍କ ମତରେ ପୁରୁଣା ଫିଲ୍ମର ରିରିଲିଜ୍ ବର୍ତ୍ତମାନର ପିଢିପାଇଁ ଖୁବ ଜରୁରୀ । ଏହା ଆହୁରି ଭଲ ଫିଲ୍ମ ନିର୍ମାଣ କରିବାକୁ ପ୍ରୋତ୍ସାହିତ କରିବ । ଓଲ୍ଡ ଇଜ୍ ଗୋଲ୍ଡ ତେଣୁ ପୁରୁଣା ଫିଲ୍ମରୁ ସବୁସମୟରେ କିଛି ନା କିଛି ଶିଖିବାକୁ ମିଳିଥାଏ ବୋଲି ରାକେଶ ମତ ରଖିଛନ୍ତି । ସେହି ସମୟରେ ଖୁବ ଭଲଭଲ ଫିଲ୍ମ ନିର୍ମାଣ ହୋଇଛି ଯାହା ଆଜିକାଲିର ପିଢି ଦେଖିବାର ଆବଶ୍ୟକତା ରହିଛି । ପୁରୁଣା ଫିଲ୍ମର କାହାଣୀ, ଡାଇଲଗ୍, ଗୀତ ସବୁକିଛିରୁ ନୂଆ ପିଢିଙ୍କୁ ଶିଖିବାର ଆବଶ୍ୟକତା ରହିଛି ବୋଲି ରାକେଶ ମତ ଦେଇଛନ୍ତି । ରାକେଶ କିଛି ମାସ ତଳେ ଅଭିନେତ୍ରୀ ସମୀତା ସେଟ୍ଟୀଙ୍କ ସହ ରିଲେସନସିପ୍‌କୁ ନେଇ ବେଶ୍ ଚର୍ଚ୍ଚାରେ ରହିଥିଲେ । ଶେଷଥର ପାଇଁ ରାକେଶଙ୍କୁ ରିଆଲିଟି ଶୋ ବିଗ୍ ବସ୍‌ରେ ଦେଖିବାକୁ ମିଳିଥିଲା ।

## ହାଃ ହାଃ



ସ୍ୱାମୀ ସ୍ତ୍ରୀଙ୍କୁ : ତୁମ ବାପାଙ୍କର କଟା ଘା'ରେ ଚୁନ ଲଗେଇବାର ଅଭ୍ୟାସ ଏବେ ସୁଦ୍ଧା ଯାଇନାହିଁ ।
ସ୍ତ୍ରୀ : କ'ଣ ହେଲା କି ?
ସ୍ୱାମୀ : ଆଜି ବି ପଚାରୁଥିଲେ, ମୋ ଝିଅ ସହ ବାହା ହୋଇ ଖୁସିରେ ଅଛ ତ !

# ଗୋଟିଏ କିଡନୀର ଗାଁ



ଦୁନିଆରେ ଏଭଳି ଅନେକ ସ୍ଥାନ ରହିଛି ଯାହା କିଛି ନିଆରା କାରଣରୁ ପରିଚିତ । ସେହିଭଳି ଏକ ଗାଁ ହେଲା ନେପାଳରେ ଥିବା ହୋକସେ ଗ୍ରାମ, କିନ୍ତୁ ଏହି ଗ୍ରାମର ଆଉ ଏକ ନାଁ ହେଲା ଗୋଟିଏ କିଡନୀର ଗାଁ । ଏଠିକାର ଅଧିକାଂଶ ବାସିନ୍ଦାଙ୍କର ଗୋଟିଏ କିଡନି ରହିଛି । ନିଜର ଏହି ବିଚିତ୍ର କାରଣ ପାଇଁ ଏହା ଦୁନିଆରେ ପରିଚିତ । ଏଠିକାର ପ୍ରାୟ ସବୁ ଲୋକ ନିଜର ଗୁଜୁରାଣ ଗୋଟିଏ କିଡନୀରେ କରୁଛନ୍ତି । ଯାହାଫଳରେ ସେମାନଙ୍କର ଗମ୍ଭୀର ସମସ୍ୟା ମଧ ଦେଖାଯାଇଥାଏ । ତେବେ ଏହା ପଛର କାରଣ ମଧ ବେଶ୍ ସମ୍ବେଦନଶୀଳ । ଏଠିକାର ଲୋକମାନେ ବହୁତ ଗରିବ, ଯାହା ଫଳରେ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସେମାନେ ନିଜର ଗୋଟିଏ କିଡନୀ ବିକ୍ରି କରିଦିଅନ୍ତି ବୋଲି ଜଣାପଡିଛି । କିଛିଟା ରିପୋର୍ଟ ଅନୁସାରେ ଏହି ଗାଁରେ ମାନବ ଅଙ୍ଗ ଚୋରାଚାଲାଣର ର୍‍ୟାକେଟ୍ ଚାଲିଛି, ଯେଉଁ କାରଣରୁ ଏମାନେ ନିଜର କିଡନୀକୁ ଖୁବ କମ ଟଙ୍କାରେ ବିକ୍ରି କରନ୍ତି । ତେଣୁ ରାକେଟ୍‌ରେ ସାମିଲ ଥିବା ଦଲାଲ ମାନେ ଏଭଳି କରନ୍ତି ବୋଲି ରିପୋର୍ଟରୁ ଜଣାପଡିଛି । ଏଠିକାର ପ୍ରାୟ ପ୍ରାପ୍ତବୟସ୍କ ଲୋକ ଏଭଳି କରିଥାଆନ୍ତି ।

# ଭୋକ ସହିପାରୁନଥିବା ମୂର୍ତ୍ତି

ଦୁନିଆରେ ଅନେକ ଅଜବ ମନ୍ଦିର ରହିଛି ଯାହାର ଅଲୌକିକତା ଆଖିରେ ନଦେଖିଲେ ବିଶ୍ୱାସ ହେବ ନାହିଁ । କେତେକ ରହସ୍ୟକୁ ବିଜ୍ଞାନ ମଧ ଭେଦ କରିପାରିନାହିଁ । ସେହିଭଳି ଏକ କୃଷ୍ଣ ମନ୍ଦିର ରହିଛି କେରଳରେ । ଏହି କୃଷ୍ଣ ମନ୍ଦିର ପ୍ରାୟ ୧୫୦୦ ବର୍ଷ ପୁରୁଣା । ତେବେ ଏହି ମନ୍ଦିରକୁ ନେଇ ସ୍ଥାନୀୟ ଲୋକଙ୍କ ମତରେ ରହିଛି ଅନେକ ରହସ୍ୟ । ଲୋକକଥା ଅନୁସାରେ ଏଠାରେ ପାଣ୍ଡବମାନେ ବନବାସ ସମୟରେ ଶ୍ରୀକୃଷ୍ଣଙ୍କୁ ପୂଜା କରିବା ସହିତ ଭୋଗ ମଧ କରୁଥିଲେ । ପାଣ୍ଡବଙ୍କ ବନବାସ ସରିବା ପରେ ସେମାନେ ଏହି କୃଷ୍ଣ ମୂର୍ତ୍ତିଙ୍କୁ ଏହିଠାରେ ଛାଡି ଚାଲିଯାଇଥିଲେ । ଯାହା ଆଜି ପର୍ଯ୍ୟନ୍ତ ପୂଜା ପାଉଛନ୍ତି । ସେହିଭଳି ଏଠାରେ ଦିନକୁ ୧୦ଥର ଭୋଗ କରାଯାଇଥାଏ । ସ୍ଥାନୀୟ ଲୋକଙ୍କ ମତରେ ଏଠାରେ ପୂଜାପାଉଥିବା କୃଷ୍ଣ ମୂର୍ତ୍ତି ଭୋକ ସହିପାରନ୍ତି ନାହିଁ । ଯଦି ଠାକୁରଙ୍କୁ ଭୋଗ ନଲଗାଯାଏ ତେବେ ମୂର୍ତ୍ତି ଶୁଖିଯାଏ ବୋଲି ଏଠାର ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି । ଏଠାରେ ଲାଗୁଥିବା ଭୋଗକୁ କିଛି ମାତ୍ରାରେ ଏକ ପ୍ଲେଟ୍‌ରେ କଢାଯାଇ ରଖାଯାଏ, ଏବଂ ତାହା କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥାଏ ବୋଲି ଲୋକକଥା ଶୁଣିବାକୁ ମିଳିଥାଏ । ସେହିଭଳି ଗ୍ରହଣ ସମୟରେ ମଧ ଏହି ମନ୍ଦିର ଖୋଲା ରହିଥାଏ । ପୂର୍ବରୁ ଏଠାରେ ଗ୍ରହଣ ସମୟରେ ମନ୍ଦିର ବନ୍ଦ ରହୁଥିଲା, ହେଲେ ଗ୍ରହଣ ପରେ ମନ୍ଦିର ଖୋଲାଯିବା ପରେ ମୂର୍ତ୍ତି ଶୁଖିଯାଇଥିବା ଦେଖାଯାଇଥିଲା । ତେଣୁ ଏଠାରେ ଏହା ପରଠାରୁ ଗ୍ରହଣରେ ମଧ ମନ୍ଦିର ଖୋଲା ରହିଥାଏ । ଏ ସମସ୍ତ କଥା ଆଶ୍ଚର୍ଯ୍ୟକର ହୋଇଥିଲେ ମଧ ଏହାକୁ ସ୍ଥାନୀୟ ଲୋକ ବିଶ୍ୱାସ କରନ୍ତି । ତେବେ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟଙ୍କ ନିର୍ଦ୍ଦେଶ ଅନୁସାରେ ମାତ୍ର ଦୁଇ ମିନିଟ୍ ପାଇଁ ଏହି ମନ୍ଦିରକୁ ବନ୍ଦ କରାଯାଇଥାଏ ।





ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ମନ୍ତ୍ରୀ ଜେ. ପି. ନଡ୍ଡା ଭୁବନେଶ୍ୱର ଏଜି ଛକ ସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।



ରାଜ୍ୟ ଅତିଥି ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି . ଆର୍ ପାଟିଲ ଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରୁଛନ୍ତି ।



ଲେଫ୍ଟନାଣ୍ଟ ଜେନାରାଲ ଜିଓସି-ଇନ୍-ସି ସେଣ୍ଟ୍ରାଲ କମାଣ୍ଡ ଅନିନ୍ଦ୍ୟ ସେନ୍‌ଗୁପ୍ତା ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରୁଛନ୍ତି

### ଶିଶୁଭବନ ବହୁତଳ ବିଶିଷ୍ଟ କୋଠା କାର୍ଯ୍ୟକ୍ଷମ ମାମଲା

## କେବେ ସୁଦ୍ଧା ଜମି ହସ୍ତାନ୍ତର, ପ୍ଲାନ୍ ଅନୁମୋଦନ କରାଯିବ ଜଣାଅ : ହାଇକୋର୍ଟ

କଟକ,(ସବ୍ୟୁ): ଶିଶୁଭବନ ଜି ୭ କୋଠା କେବେସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ସେ ସଂକ୍ରାନ୍ତରେ ଜଣାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ରାଜ୍ୟ ସରକାର ଆଜି ମଧ୍ୟ ଏ ସଂକ୍ରାନ୍ତରେ କୌଣସି ସଷ୍ଟ ଉତ୍ତର ରଖିପାରିନଥିଲେ । ଫଳରେ ହାଇକୋର୍ଟ ଯେଉଁ ଜାଗା ଉପରେ ଜି ୭ କୋଠା ଛିଡ଼ା ହୋଇଛି ଉକ୍ତ ଜାଗା କେବେ ସୁଦ୍ଧା ଶିଶୁଭବନ ନାମରେ କରାଯିବ, କେବେ ସୁଦ୍ଧା ଉକ୍ତ କୋଠାର ପ୍ଲାନ୍ ଅନୁମୋଦନ କରାଯିବ ସେ ସଂକ୍ରାନ୍ତରେ ର୍ନିଦ୍ଦିଷ୍ଟ ତାରିଖ ଜଣାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୈତ୍ରୀ ସଂସଦ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ସୋମବାର ୩୦ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି । ଶିଶୁ ଭବନରେ ଦୀର୍ଘଦିନ ଧରି ଜି ୭ କୋଠା ର୍ନିମାଣ ହୋଇ ସାରିଥିଲେ ମଧ ତାହା ରୋଗୀଙ୍କ ସେବାରେ ଲାଗିପାରୁନାହିଁ । ଏନେଇ ଅବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏଥିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇନଥିବାରୁ ଏହି କୋଠା ହସ୍ତାକ୍ଷର କରିଯାଇ ନାହିଁ ବୋଲି ପ୍ରଥମେ କୁହାଯାଇଥିଲା । କିନ୍ତୁ ପରେ ଜଣାପଡ଼ିଥିଲା ଯେ, ଏହି କୋଠା ଯେଉଁ ଜମିରେ ର୍ନିମାଣ ହୋଇଛି ଉକ୍ତ ଜମି ଶିଶୁ ଭବନ ନାମରେ ନାହିଁ । ତେଣୁ ପ୍ରଥମେ ଶିଶୁଭବନକୁ ଉକ୍ତ ଜମି ହସ୍ତାନ୍ତର କରଯିବା ପରେ ଯାଇ ପୁନ ଅନୁମୋଦନ ହେବ । ଏହି ପ୍ଲାନ୍ ଅନୁମୋଦନ ପରେ ଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯିବ । ଏହିସବୁ କାର୍ଯ୍ୟ କେବେ ସୁଦ୍ଧା ଶେଷ ହେବ ତାହାର ର୍ନିଦ୍ଦିଷ୍ଟ ତାରିଖ ଜଣାଇବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାକୁ ଆଇନଜୀବୀ ଅଜୟ ମହାନ୍ତି, ଅରୁଣ କୁମାର ବୃନ୍ଦିଆ ପରିଚାଳନା କରୁଛନ୍ତି ।

## ମୋ ବସ ଚାଳକ ଗିରଫ, ବସ ଜବତ

ବାରଙ୍ଗ,(ସବ୍ୟୁ) :ବୁଧବାର ଦିନ ରଘୁନାଥପୁର ଗ୍ରାମ ମୁଣ୍ଡରେ ମୋବସ ଧକ୍କାରେ ଜଣଙ୍କର ମୃତ୍ୟୁହୋଇଥିବା ଘଟଣାରେ ନନ୍ଦନକାନନ ଥାନା ପୋଲିସ ମୋ ବସ ଚାଳକଙ୍କୁ ଗିରଫ କରି ଗୁରୁବାର ଦିନ କୋର୍ଟଚାଳଣ କରିଛି।ମୋ ବସ ଚାଳକ ହେଉଛନ୍ତି ଯାଜପୁର ଜିଲ୍ଲା ବଡ଼ଚଣା ଅଞ୍ଚଳର ପ୍ରଦୀପ୍ତ କୁମାର ବେହେରା (୩୭)। ବୁଧବାର ଅପରାହ୍ଣ ୪ଟା ସମୟରେ ମୃତକ ନିରଞ୍ଜନ ପଣ୍ଡା ରଘୁନାଥପୁର ଗ୍ରାମ ମୁଖ୍ୟରାସ୍ତା ସ୍ଥିତ ମାଉସୀ ମା ମନ୍ଦିର ଛକ ନିକଟରେ ଏକ ସ୍କୁଟି ଯୋଗେ ଯାଉଥିବା ସମୟରେ ମୋ ବସ ଚାଳକ ଦାୟୀତ୍ୱ ହୀନ ଭାବେ ଗାଡି ଚଲାଇ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ସେ ବସର ପଛ ଚକା ତଳକୁ ଆସିଯାଇଥିଲେ। ଯାହା ଫଳରେ ବସଟି ଯୁବକଙ୍କ ଉପରେ ମାଡ଼ି ଯାଇଥିଲା। ଦୁର୍ଘଟଣା ଫଳରେ ସେ ଗୁରୁତର ଆଘାତ ହୋଇଥିଲେ ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ ଭୁବନେଶ୍ୱରର ରାଜଧାନୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ ହୋଇଥିଲେ । ହେଲେ ଡାକ୍ତରଖାନାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତ ଯୁବକଙ୍କ ପତ୍ନୀ ସସ୍ମିତା ନାୟକ ନନ୍ଦନକାନନ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ୨୭୨/୨୪ନଂ ରେ ଏକ ମାମଲା ରୁଜୁକରି ମୋ ବସ ଚାଳକଙ୍କୁ ଗିରଫ କରି କୋର୍ଟଚାଳଣ କରିଛି ।ଏହା ସହ ଦୁର୍ଘଟଣା ଘଟାଇଥିବା ବସ ଏବଂ ମୃତକଙ୍କ ସ୍କୁଟି ଜବତ କରିଛି।



## ନର୍ସଙ୍କ ଦାବିର ବିଚାର ବିମର୍ଷ ଲାଗି ଅନ୍ତଃ ବିଭାଗୀୟ କମିଟି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ନର୍ସିଂ କର୍ମଚାରୀ ସଂଘର ଦାବି ଉପରେ ସରକାରୀ ସ୍ତରରେ ଆଲୋଚନା ହୋଇଛି । ପରିସ୍ଥିତିର ଅନୁଧ୍ୟାନ କରି ସଂଘ ଦ୍ୱାରା ଉଠାଯାଇଥିବା ବିଭିନ୍ନ ଦାବି ଉପରେ ବିଚାର ବିମର୍ଷ ଲାଗି ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ନର୍ସିଂ ଅଫିସରଭାବେ ଆନ୍ଦୋଳନରୁ ଓହରି ସ୍ୱାସ୍ଥ୍ୟ ସେବାରେ ଯୋଗଦେବା ପାଇଁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଛି ।

### ଓଡ଼ିଶା ବିଜ୍ଞାନ ଏକାଡେମୀ ପୁରସ୍କାର ଘୋଷିତ

## ବିଭିନ୍ନ ବର୍ଗରେ ସମ୍ବର୍ଦ୍ଧିତ ହେବେ ୧୬ ବୈଜ୍ଞାନିକ

ଭୁବନେଶ୍ୱର,(ସବ୍ୟୁ) : ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗର ଅନୁମୋଦନ କ୍ରମେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ପୁରସ୍କାର ତାଲିକା ପ୍ରକାଶ ପାଇଛି । ଏଥିରେ ୫ଟି ବର୍ଗରେ ୧୬ ଜଣ ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯିବ । କିଟ୍ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ବାୟୋଟେକ୍ନୋଲୋଜିର ପ୍ରଫେସର କ୍ଷୀରୋଦ କୁମାର ଜେନାଙ୍କୁ ବୈଜ୍ଞାନିକ ଉତ୍କର୍ଷ ପାଇଁ 'ବିଜୁ ପଟ୍ଟନାୟକ ପୁରସ୍କାର' ପ୍ରଦାନ କରାଯିବ । ସେହିପରି କଟକସ୍ଥିତ ଆଇସିଏଆର୍-ଏନ୍‌ଆର୍‌ଆର୍‌ଆଇର ପ୍ରମୁଖ ବୈଜ୍ଞାନିକ ଡ. ସଂଘମିତ୍ରା ସାମନ୍ତରାୟଙ୍କୁ ଜୀବ ବିଜ୍ଞାନ, ଜଟଣୀସ୍ଥିତ ନାଇଜରର ପ୍ରଫେସର ବେଦାଙ୍ଗଦାସ ମହାନ୍ତିଙ୍କୁ ଭୌତିକ ବିଜ୍ଞାନ, ନିଟ୍ ରାଉରକେଲାର ପ୍ରଫେସର ସୁବ୍ରତ କୁମାର ପଣ୍ଡାଙ୍କୁ ଯାନ୍ତ୍ରିକ ଓ ପ୍ରାଦ୍ୟୋଗିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର'ରେ ସମ୍ମାନିତ କରାଯିବ । ଏଥିସହ ରାଜ୍ୟ ବାହାରେ କାର୍ଯ୍ୟରତ ପିଜିଆଇଏମ୍‌ଇଆର୍, ଚଣ୍ଡୀଗଡ଼ର ପ୍ରଫେସର ପିନାକୀ ଦତ୍ତଙ୍କୁ ଲାଇଫ୍ ସାଇନ୍ସ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ନିମନ୍ତେ 'ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର' ପ୍ରଦାନ କରାଯିବ । ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ୍, କଟକର ସହକାରୀ ପ୍ରଫେସର ଡ. ସରିତା ଶେଖର ପଟ୍ଟନାୟକ, ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍, ଭୁବନେଶ୍ୱରର ସହକାରୀ ପ୍ରଫେସର ଡ. ଅପ୍ରମିତା ଚାନ୍ଦ, ଏନ୍‌ଆଇଟି ରାଉରକେଲାର ସହକାରୀ ପ୍ରଫେସର ଡ. ରାଜେଶ କୁମାର ପୃଷ୍ଟିଙ୍କୁ ଯୁବବୈଜ୍ଞାନିକ ସମ୍ମାନ ପ୍ରଦାନ କରାଯିବ । ସେହିଭଳି ରାଜ୍ୟ ବାହାରେ କାର୍ଯ୍ୟରତ ଶ୍ରେଣୀରେ ଜାତୀୟ ବୈଷୟିକ ପ୍ରତିଷ୍ଠାନ, ୱାରଙ୍ଗଲ ସହକାରୀ ପ୍ରଫେସର ଡଃ ସଞ୍ଜୟ କୁମାର ପଣ୍ଡାଙ୍କୁ ମଧ ଓଡ଼ିଶା ଯୁବ ବୈଜ୍ଞାନିକ ସମ୍ମାନ ପ୍ରଦାନ କରାଯିବ । ଏଥି ସହ ରବିନ୍ଦ୍ରନାଥ ମାଝୀ ଓ ତୁଳସୀ ସ୍ୱାଇଁଙ୍କୁ ଯଥାକ୍ରମେ ସାଧାରଣ ଓ ଶିଶୁ ବର୍ଗରେ 'ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ପୁସ୍ତକ ପୁରସ୍କାର' ପ୍ରଦାନ କରାଯିବ । ଏହା ବ୍ୟତୀତ ଡ. ରାଜା କିଶୋର ପରମଗୁରୁ, ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ମହାନ୍ତି, ପ୍ରଫେସର ଡ. ଆର୍. ଭୀମା ରାଓ ଓ ପ୍ରଫେସର ମଳୟ କୁମାର ମିଶ୍ରଙ୍କୁ ମଧ୍ୟ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରାଯିବ । ଉପରୋକ୍ତ ବୈଜ୍ଞାନିକମାନଙ୍କୁ ନିକଟ ଭବିଷ୍ୟତରେ ଏକ ରାଜ୍ୟସ୍ତରୀୟ ସମାରୋହରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ ।

### ସରକାରଙ୍କ ସହ ଆଲୋଚନା ବିଫଳ

## ଆଜିଠୁ କାର୍ଯ୍ୟ ବନ୍ଦ କରିବେ ଓଡିଶା ନର୍ସିଂ କର୍ମଚାରୀ ସଂଘ

ଖୋର୍ଦ୍ଧା, (ସବ୍ୟୁ): ଓଡିଶା ନର୍ସିଂ କର୍ମଚାରୀ ସଂଘ ଡାକରାରେ ୧୦ ଦଫା ଦାବି ପୂରଣ ନେଇ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା । ପରେ ରାଜ୍ୟ ନେତୃତ୍ୱଙ୍କ ସହ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ଆଲୋଚନା କରିଥିଲେ । ଆଲୋଚନା ବିଫଳ ହେବା ପରେ ପୁଣି ଆନ୍ଦୋଳନକୁ ଓହ୍ଲାଇଲେ ନର୍ସିଂ କର୍ମଚାରୀ ସଂଘ । ଆନ୍ଦୋଳନକୁ ଖୋର୍ଦ୍ଧା ଶାଖା ପକ୍ଷରୁ ଜୋରଦାର କରାଯାଇଛି।ଖୋର୍ଦ୍ଧା ଶାଖା ସଭାପତି ପ୍ରତିମା ରାଉତ ଓ ସାଧାରଣ ସମ୍ପାଦକ ସାଧନା ଗୁମାନସିଂ ,ଉପ ସଭାପତି ମଞ୍ଜୁଲତା ବେହେରା, ସ୍ୱପ୍ନାମଞ୍ଜରୀ ପ୍ରଧାନଙ୍କ ସଂଯୋଜନା ରେ ୧୦୦ ରୁ ଉଦ୍ଧର୍ବ ନର୍ସିଂ କର୍ମଚାରୀ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ନିଜର ଦାବି ପୂରଣ ନେଇ ବିଭିନ୍ନ ସ୍ଲୋଗାନ ଦେଇ ଆନ୍ଦୋଳନ କରିଥିଲେ । ଶୁକ୍ରବାର ଠାରୁ ସମସ୍ତ କାର୍ଯ୍ୟ ବନ୍ଦ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି । ୧୦ଦଫା ଦାବି ନେଇ ଗତ ଅଗଷ୍ଟ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ କଳାବ୍ୟାଚ ପିନ୍ଧି ନର୍ସିଂ କର୍ମଚାରୀମାନେ ରୋଗୀସେବା ଯୋଗାଇ ଆସୁଥିଲେ । ୨୧ ଓ ୨୨ତାରିଖରେ ଟୋକନ ଷ୍ଟ୍ରାଇକ ରେ ନର୍ସିଂ କର୍ମଚାରୀ ଯୋଗଦେଇଥିବା ବେଳେ ୨୩ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜି ରେ ଓଡ଼ିଶାର ସମସ୍ତ ନର୍ସିଂ କର୍ମଚାରୀ ସଂଘ ର ଆନ୍ଦୋଳନ କରିବା ସହ ସରକାର ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଉକ୍ତ ସମୟରେ ଏକ ମାସ ମଧ୍ୟରେ ଦାବି ପୂରଣ ନହେଲେ ଆନ୍ଦୋଳନ କରିବେ ବୋଲି ନର୍ସିଂ କର୍ମଚାରୀମାନେ ଚେତାବନୀ ଦେଇଥିଲେ । ବୁଧବାର ଏନେଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ସଚିବ ରାଜ୍ୟ ନେତୃତ୍ୱଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ । ମାତ୍ର ଆଲୋଚନା ବିଫଳ ହୋଇଥିଲା । ପ୍ରତିବାଦରେ ଗୁରୁବାର ଠାରୁ ନର୍ସିଂ କର୍ମଚାରୀମାନେ ଆନ୍ଦୋଳନ କରିଥିବାବେଳେ ଜରୁରୀକାଳୀନ ସେବା କରିଛନ୍ତି । କିନ୍ତୁ ଶୁକ୍ରବାର ଠାରୁ କୌଣସି ସେବା ଯୋଗାଇବେ ନାହିଁ ବୋଲି ସଂଘ ଚେତାବନୀ ଦେଇଛି । ଦାବି ଗୁଡିକ ମଧ୍ୟରେ ବିଶେଷ ଭାବେ ୧୨/୧୧/୨୦୧୩ ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସ ଅଫିସର ମାନଙ୍କର ୬ବର୍ଷ ଚୁକ୍ତି ଭିତିକ ଅବଧିକୁ ମୂଳ ଚାକିରୀ ସୀମାରେ ମିଶାଇ ପଦୋନ୍ନତି ଏବଂ ସମସ୍ତ ଆର୍ଥିକ ସୁବିଧା ଯୋଗାଇଦେବା,ଯୋଗ୍ୟ ନର୍ସିଂ ଅଫିସର ମାନଙ୍କୁ ବରିଷ୍ଠତା ଭିତିରେ ସିନିଅର ଅଫିସର ପଦବୀରେ ତୁରନ୍ତ ପଦୋନ୍ନତି ଦିଆଯିବା, କଟକ ଆଚାର୍ଯ୍ୟ ହରିହର କ୍ୟାନସର ମେଡିକାଲ ଅଧିନ ରେ କାର୍ଯ୍ୟରତ ନର୍ସିଂ ଅଫିସର ମାନଙ୍କୁ ଓଡିଶା ନର୍ସିଂ ସର୍ଭିସ କ୍ୟାଡର ମଧ୍ୟମରେ ଅନ୍ତର୍ଭୁକ୍ତ କରିବା, ଆଉଟ୍‌ସୋରସିଂ ଏଜେନ୍ସି ମାଧ୍ୟମରେ ହେଉଥିବା ନର୍ସିଂ ଅଫିସର ମାନଙ୍କର ନିଯୁକ୍ତି କୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ସରକାରଙ୍କ ପୂର୍ବ ନିଷ୍ପତି କୁ ପ୍ରତ୍ୟାହାର କରିବା, ନର୍ସିଂ ଅଫିସର ମାନଙ୍କ ର ଡ୍ରେସ କୋଡ଼ ର ପରିବର୍ତନ, ନିୟମିତ ହୋଇନଥିବା ଅବଶିଷ୍ଟ ନର୍ସିଂ ଅଫିସର ମାନଙ୍କୁ ତୁରନ୍ତ ନିୟମିତ କରିବା ପ୍ରଭୃତି ଦାବି ରହିଛି ।




### କର୍କଟ ରୋଗୀଙ୍କ ନିମନ୍ତେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍

## ଶୀତଳାପଲ୍ଲୀ କ୍ୟାମ୍ପସରେ ମାଗଣା ଚିକିତ୍ସା ଓ ପରାମର୍ଶ ପ୍ରଦାନ

ଭୁବନେଶ୍ୱର (ସବ୍ୟୁ) : କର୍କଟ ରୋଗରେ ପୀଡ଼ିତ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ କରିବା ଲକ୍ଷ୍ୟ ନେଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ (ଶୀତଳାପଲ୍ଲୀ କ୍ୟାମ୍ପସ)ଠାରେ ସେପ୍ଟେମ୍ବର ୨୮ ତାରିଖରୁ ସପ୍ତାହରେ ଦୁଇ ଦିନ ମାଗଣା ଚିକିତ୍ସା ଓ ପରାମର୍ଶ ଶିବିର ଆୟୋଜନ କରାଯିବ। କର୍କଟ ବିଶେଷଜ୍ଞ ଏବଂ ସର୍ଜନମାନଙ୍କ ଠାରୁ ଏହି ଚିକିତ୍ସାର ସୁବିଧା ଉପଲବ୍ଧ ହୋଇପାରିବ ବୋଲି ହସ୍ପିଟାଲ୍ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟେକ ଶନିବାର ଓ ରବିବାର ଦୁଇ ଦିନ ଯଥାକ୍ରମେ ମେଡିକାଲ୍ ଓ ସର୍ଜିକାଲ୍ ଅଙ୍କୋଲୋଜି ଶିବିର ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଥିଲା ବେଳେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ, ରୋଗ ନିରୂପଣ ଓ ଚିକିତ୍ସା ପରାମର୍ଶ ଦିଆଯିବ। ହସ୍ପିଟାଲ୍‌ର ଅତ୍ୟାଧୁନିକ କର୍କଟ ଜନିତ ଚିକିତ୍ସା ସୁବିଧା ବ୍ୟବହାର କରାଯାଇ ରୋଗୀମାନଙ୍କୁ ପ୍ରଦାନ କରାଯିବ। ଏହି ରୋଗର ଚିକିତ୍ସା ଓ ଅସ୍ତ୍ରୋପଚାର ସମ୍ବନ୍ଧୀୟ ସୁବିଧା ବିଷୟରେ ମଧ କେମୋଥେରାପି ସେସନ୍ ମଧ ଏହି ଶିବିରରେ ପ୍ରଦାନ କରାଯିବାର ଯୋଜନା ରହିଛି।




### ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ

କଟକ, (ସବ୍ୟୁ): ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ବରିଷ୍ଠ ନାଗରିକ ମଞ୍ଚର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ମଞ୍ଚର ସଭାପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ ଛ ସର୍ବ ସମ୍ମତିରେ ଆଗାମୀ ଦୁଇ ବର୍ଷ ପାଇଁ ସଭାପତି ଭାବରେ ପ୍ରଫୁଲ୍ଲ ଚନ୍ଦ୍ର କର, କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ପଟ୍ଟନାୟକ,ଉପସଭାପତି ଅନନ୍ତ ଚରଣ ଦଳାଇ ଓ ଡ.ତ୍ରିଲୋଚନ ବେହେରା, ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ଭୋଇ,ଯୁଗ୍ମ ସମ୍ପାଦକ ସରୋଜ କୁମାର ରାଉତରାୟ,ସହ ସମ୍ପାଦକ ମିର୍ଜା ଜାହେଦିନ ବେଗ(ନାଲୁ ବାବୁ), କୋଷାଧକ୍ଷ ବାବାଜୀ ଚରଣ ସାହୁ, ସମୀକ୍ଷକ ବଳରାମ ଦାସ ଓ ସଂଯୋଜକ ଭାବେ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ମନୋନୀତ ହୋଇଛନ୍ତି ।






ଭୁବନେଶ୍ୱର ଠାରେ ଦଳୀୟ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଉଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ କେ.ପି ନଡ୍ଡା

## ରାଜ୍ୟ ସ୍ତରୀୟ ସ୍ୱଚ୍ଛତା ସମାରୋହରେ ପୁରୀ ଜିଲ୍ଲା ସମ୍ବର୍ଦ୍ଧିତ

ପୁରୀ (ସବ୍ୟୁ): ସ୍ୱଚ୍ଛତାକୁ ସାର୍ବଜନୀନ କରିବା ସହ ଗୋଷ୍ଠୀ ସହଭାଗୀତାରେ ଉଲ୍ଲେଖନୀୟ ଅବଦାନ ପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲ ଆଜି ପୁରୀ ଜିଲ୍ଲା କୁ ସମ୍ବର୍ଦ୍ଧିତ କରିଛନ୍ତିଛସତ୍ୟବାଦୀ ଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ସ୍ୱଚ୍ଛତା ହିଁ ସେବା ମହୋତ୍ସବ ରେ ମନ୍ତ୍ରୀ ଶ୍ରୀ ପାଟିଲ ସ୍ୱଚ୍ଛତା ରେ ଜିଲ୍ଲାର ଅବଦାନ କୁ ସ୍ୱୀକୃତି ଦେଇ ଗୋଷ୍ଠୀ ସହଭାଗିତାର ସଫଳତା ପାଇଁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସତ୍ୟବାଦୀ ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ କୁ ମଧ୍ୟ ସ୍ୱଚ୍ଛତା ପାଇଁ ପ୍ରଶଂସା ସୂଚକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ସମୟରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟର ସ୍ୱତନ୍ତ୍ର ଅଧିକାରୀ ଅଶୋକ କୁମାର ମିନା, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ସଚିବ ସୁଶୀଲ ଲୋହାନି ପ୍ରମୁଖ ଉପସ୍ଥିତ ଥିଲେ।

### ସମାଜସେବୀ ଲକ୍ଷ୍ମୀ ନାରାୟଣ ମହାପାତ୍ରଙ୍କ ବିୟୋଗ

## ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ ଆମ ପାଇଁ ଅପୂରଣୀୟ କ୍ଷତି : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ଭଦ୍ରକର ଅଦ୍ୱିତୀୟ ଛାତ୍ରନେତା, ଜନନେତା ତଥା ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀ ନାରାୟଣ ମହାପାତ୍ରଙ୍କ ୭୨ ବର୍ଷ ବୟସରେ ପରଲୋକ ଘଟିଛି। ଜଣେ ସୁସଂଗଠକ ଓ ସମାଜସେବୀ ଭାବେ ସୁପରିଚିତ ସ୍ୱର୍ଗତଃ ମହାପାତ୍ର ଅତ୍ୟନ୍ତ ମେଳାପୀ ଥିଲେ । ସେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ପ୍ରାର୍ଥୀ ହୋଇ ଭଦ୍ରକ କଲେଜ ଏବଂ ବାଣୀବିହାର ଛାତ୍ରସଂସଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସ୍ୱର୍ଗତଃ ମହାପାତ୍ର ନିଜ ହାତରେ ଗଢିଥିବା ଅନେକ ନେତା ବର୍ତ୍ତମାନ ରାଜ୍ୟ ଓ ଦେଶରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଛନ୍ତି । ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗରେ ଓଡ଼ିଶା ବିଜେପି ତରଫରୁ ଶୋକ ପ୍ରକାଶ କରାଯାଇଅଛି। ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ ଆମ ସମସ୍ତଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ରାଜ୍ୟ



ସଭାପତି ମନମୋହନ ସାମଲ ଭଦ୍ରକସ୍ଥିତ ବାସଭବନକୁ ଯାଇ ପାର୍ଥୀବ ଶରୀର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ସ୍ୱର୍ଗତଃ ମହାପାତ୍ରଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଏଭଳି ଦୁଃଖଦଃ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟ ସଭାପତି ଶ୍ରୀ ସାମଲ ପ୍ରାର୍ଥନା କରିଛନ୍ତି ।

## ବେଦାନ୍ତ ସହାୟତାରେ ଓଡ଼ିଶା ଫାଷ୍ଟ ଫୋରମ୍ ପକ୍ଷରୁ ସଙ୍ଗମ୍ ମହୋତ୍ସବ

ଭୁବନେଶ୍ୱର (ସବ୍ୟୁ): ବେଦାନ୍ତ ସହାୟତାରେ ଓଡ଼ିଶା ଫାଷ୍ଟ ଫୋରମ୍ ପକ୍ଷରୁ ରବିନ୍ଦ୍ରମଣ୍ଡପ ଠାରେ ସଙ୍ଗମ୍ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସମୃଦ୍ଧ ଓ ସୃଜନଶୀଳ ଭାରତୀୟ ଶାସ୍ତ୍ରୀୟ ନୃତ୍ୟକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ପ୍ରତିବର୍ଷ ଏହି ମହୋତ୍ସବ ଆୟୋଜନ କରାଯାଉଛି । ଇଟାଲିରେ ଜନ୍ମିତ ଓଡ଼ିଶୀ ଓ ଛଉ ନୃତ୍ୟାଙ୍ଗନା ପଦ୍ମଶ୍ରୀ ଇଲିଆନା ସୀତାରିଷ୍ଟି ଭାରତୀୟ କଳା ଓ ସଂସ୍କୃତି ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ସେ ୧୯୭୯ ମସିହାରେ ଓଡ଼ିଶାକୁ ଆସି ବସବାସ ଆରମ୍ଭ କଲେ ଏବଂ ୧୯୯୫ ପରଠାରୁ ଏହିସବୁ ନୃତ୍ୟରେ ପାରଦର୍ଶୀତା ହାସଲ କରିଛନ୍ତି । ପ୍ରଥମ ବିଦେଶୀ ନାଗରିକ ଭାବେ ସୀତାରିଷ୍ଟିଙ୍କୁ ଓଡ଼ିଶୀ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୦୦୬ ମସିହାରେ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ତିନି ଦଶନ୍ଧିରୁ



ଅଧିକ ସମୟ ଧରି ଓଡ଼ିଶୀ ଏବଂ ମୟୁରଭଞ୍ଜ ଛଉ ନୃତ୍ୟ ସହ ନିଜକୁ ଜଡିତ ରଖିଛନ୍ତି । ମହୋତ୍ସବ ଅବସରରେ ପଦ୍ମଶ୍ରୀ ଇଲାୟାନା ସୀତାରିଷ୍ଟିଙ୍କ ଜୀବନୀ ସଂପର୍କରେ ଲିଖିତ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା । ମହାପ୍ରଭୁଙ୍କ ନିଳାଦ୍ରୀବିଜେକୁ ନେଇ ଚିତାକର୍ଷକ ଓଡ଼ିଶୀ ନୃତ୍ୟ ଏବଂ ଭାରତ ନାଟ୍ୟମ୍ ଓ କଥକ ନୃତ୍ୟ ପରିବେଷଣ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଓଡ଼ିଶା ଫାଷ୍ଟ ଫୋରମ୍‌ରେ ସମାଜର ବିଭିନ୍ନ ବର୍ଗର ବହୁ ପ୍ରତିଷ୍ଠିତ ବ୍ୟକ୍ତି ସଦସ୍ୟ ରହିଛନ୍ତି । ଓଡ଼ିଶା ଫାଷ୍ଟର ଭାଇସ୍ ଚେୟାରମ୍ୟାନ୍ ପଦ୍ମ ବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆ, ଆବାହକ ବିଶିଷ୍ଟ ଶିଳ୍ପ ବିଶେଷଜ୍ଞ ଡ. ତପନ କୁମାର ଚାନ୍ଦ, ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପଦ୍ମ ଭୂଷଣ ପ୍ରତିଭା ରାୟ, ପଦ୍ମଶ୍ରୀ ଇଲିୟାନା ସୀତାରିଷ୍ଟି, ପଦ୍ମଶ୍ରୀ ଦୀଲିପ ତିର୍କି, ପଦ୍ମଶ୍ରୀ ଅରୁଣା ମହାନ୍ତି, ପଦ୍ମଶ୍ରୀ ପ୍ରଭାକର ମହାରଣା, ପଦ୍ମଶ୍ରୀ ପ୍ରମୋଦ ଭଗତ୍ ଏବଂ ସବ୍ୟସାଚୀ ମିଶ୍ରଙ୍କ ସମେତ ବହୁ ଖ୍ୟାତନାମା ସଦସ୍ୟ ଫୋରମ୍‌ର ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ଏହି ସଭାରେ ଉଦ୍‌ବୋଧନ ଦେଇ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି କଳାହାଣ୍ଡି ଜିଲ୍ଲାରେ ପୁଞ୍ଜିନିବେଶ କରିବା ଲାଗି ବେଦାନ୍ତ ଆଲୁମିନିୟମ ପଦକ୍ଷେପ ନେଇଛି । ଦୁଇ ଦଶନ୍ଧି ଧରି ରାଷ୍ଟ୍ର ନିର୍ମାଣ ଦିଗରେ ବେଦାନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ବର୍ତ୍ତମାନ କଳାହାଣ୍ଡି ଓଡ଼ିଶାର ଭାତହାଣ୍ଡିରେ ପରିଗଣିତ ହେବା ସହ ସମଗ୍ର ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଛି । ଓଡ଼ିଆ ସଂସ୍କୃତି, ଐତିହ୍ୟ ଏବଂ ଓଡ଼ିଶୀ ନୃତ୍ୟର ପ୍ରସାର ଦିଗରେ ବେଦାନ୍ତ ନିରନ୍ତରଣ ପ୍ରୟାସ ଜାରି ରଖିଛି । ବେଦାନ୍ତ ଲାଞ୍ଜିଗଡ ସ୍ଥାନୀୟ ଲୋକମାନଙ୍କର ଜୀବନ ଧାରଣ ମାନରେ ଉନ୍ନତି ଆଣିଛି । ଓଡ଼ିଶାରେ କ୍ରୀଡାକୁ ପ୍ରୋତ୍ସାହନ ଦେବା ଏବଂ ଏହି ରାଜ୍ୟକୁ ଭାରତର କ୍ରୀଡା ରାଜଧାନୀ ଉପରେ ପରିଣତ କରିବା ପାଇଁ ବେଦାନ୍ତ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଉଛି ।

## ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓଙ୍କ ସହ ରୟାଲ ଇଣ୍ଡିଆ କମ୍ପାନୀ ପ୍ରତିନିଧିଙ୍କ ବୈଠକ

ଭୁବନେଶ୍ୱର (ସବ୍ୟୁ): ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ରୟାଲ ଇଣ୍ଡିଆ କମ୍ପାନୀର ପ୍ରତିନିଧିମାନେ ସାକ୍ଷାତ ଓ ଆଲୋଚନା କରିଛନ୍ତି । ଏହି ବୈଠକରେ କୃଷକମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଳସେଚନର ସୁବିଧା ନେଇ ଆଲୋଚନା କରିଥିଲେ । କୃଷି



କ୍ଷେତ୍ରରେ ଜଳସେଚନ ଭଳି ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାର ସମସ୍ତ ପ୍ରକାର ସୁବିଧାସୁଯୋଗ ଯୋଗାଇ ଦେଉଛନ୍ତି । ଏହି ମର୍ମରେ ରୟାଲ ଇଣ୍ଡିଆ କମ୍ପାନୀ ରାଜ୍ୟର କୃଷକମାନଙ୍କୁ ସୌରଚାଳିତ ପମ୍ପ ଦ୍ୱାରା ଜଳସେଚନ ସୁବିଧା ଯୋଗାଇବା ନେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସହ ଆଲୋଚନା କରିଥିଲେ ଛ ରୟାଲ ଇଣ୍ଡିଆ କମ୍ପାନୀ ଝାରଖଣ୍ଡ ଏବଂ ଅନ୍ୟ ରାଜ୍ୟମାନଙ୍କରେ ସୌରଚାଳିତ ପମ୍ପ ସାହାଯ୍ୟରେ ଜଳସେଚନ ସୁବିଧା ଯୋଗାଇ ଦେଉଛି । ସ୍ଥାନାନ୍ତରଯୋଗ୍ୟ ସୌରଚାଳିତ ପମ୍ପ ସାଧାରଣ ଚାଷୀଙ୍କ ବ୍ୟବହାର ନିମନ୍ତେ ଉପଯୋଗୀ ହେବ ଏବଂ ଏହା ବିଦ୍ୟୁତ ଶକ୍ତି ନିମନ୍ତେ ହେଉଥିବା ବ୍ୟୟଭାର ହ୍ରାସ କରିବ ବୋଲି ପ୍ରତିନିଧିମାନେ ପ୍ରକାଶ କରିଥିଲେ । କୂଅ, ପୋଖରୀ କିମ୍ବା ଅନ୍ୟକୌଣସି ଜଳଉତ୍ସକୁ ବ୍ୟବହାର କରିବାରେ ଏହା ସୌରଚାଳିତ ପମ୍ପ ବିଶେଷ ଭାବେ ଉପଯୋଗୀ ଏବଂ ଏହି ସେବା ପ୍ରଦାନ କରିବାକୁ କମ୍ପାନୀ ଆଗ୍ରହୀ ବୋଲି ପ୍ରତିନିଧିମାନେ ଉପମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ । ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଏବଂ ଜଳସେଚନ ବ୍ୟବସ୍ଥାକୁ ସୁଗମ କରିବା ନିମନ୍ତେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ବୋଲି ପ୍ରକାଶ କରିବା ସହ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କମ୍ପାନୀ ଯୋଗାଇ ଦେଉଥିବା ବିଭିନ୍ନ ବୈଷୟିକ ସେବା ବିଷୟରେ ଅବଗତ ହୋଇଥିଲେ । ବୈଠକରେ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଏବଂ ଜଳସମ୍ପଦ ଓ ଶକ୍ତି ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

### କର୍ମଚାରୀଙ୍କ ପାଇଁ କ୍ୟୁଏସ୍‌ଆର୍ ଶିଳ୍ପ

## ପ୍ରଥମ ସାଙ୍କେତିକ ଭାଷା ପ୍ରଶିକ୍ଷଣ ଆରମ୍ଭ କଲା କେଏଫ୍‌ସି

ଭୁବନେଶ୍ୱର (ସବ୍ୟୁ) : ଆନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ପାଳନ କରିବା ପାଇଁ କେଏଫ୍‌ସି ନିଜର ୧୦୦% କର୍ମଚାରୀଙ୍କ ପାଇଁ ଏକ ସାଙ୍କେତିକ ଭାଷା କାର୍ଯ୍ୟକ୍ରମ ଲଂଚ୍ କରିଥିବା ଭାରତର ପ୍ରଥମ କ୍ୟୁଏସ୍‌ଆର୍‌ରେ ପରିଣତ ହୋଇଛି । ଏହି ପ୍ରଥମ ଧରଣର ପ୍ରଶିକ୍ଷଣକୁ ୧୨୦୦ରୁ ଅଧିକ ରେଷ୍ଟୁରାଂଟରେ ୨୪୦ରୁ ଅଧିକ ସହରରେ ପରିବ୍ୟାପ୍ତ ଏବଂ ବ୍ରାଣ୍ଡର କର୍ପୋରେଟ ଅଫିସ୍‌ଗୁଡିକରେ କାର୍ଯ୍ୟରତ ୧୭୦୦୦ରୁ ଅଧିକ ସମସ୍ତ କେଏଫ୍‌ସି କର୍ମଚାରୀଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ଜଣେ ସାଙ୍କେତିକ ଭାଷା ବିଶେଷଜ୍ଞଙ୍କ ସହ ପରାମର୍ଶରେ ଡିଜାଇନ କରାଯାଇଥିବା ଏହି ଅନ୍‌ଲାଇନ ପ୍ରଶିକ୍ଷଣ ଆଇଏସ୍‌ଏଲ୍‌ର ମୌଳିକତାକୁ ବୁଝିବା ପାଇଁ ଜଣେ ନୂତନ ଶିକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଏକାଧିକ ମଡ୍ୟୁଲଗୁଡିକୁ କଭର କରିଛି। ପ୍ରଥମ ମଡ୍ୟୁଲ ଆଇଏସ୍‌ଏଲ୍‌ରେ ଆଲ୍‌ଫାବେଟ୍‌ଗୁଡିକ ଉପରେ ଧ୍ୟାନ ଦେଉଥିବା ବେଳେ ପରବର୍ତ୍ତୀ ମଡ୍ୟୁଲଗୁଡିକ ଅଭିବାଦନ ଓ ନିୟମିତ ବାକ୍ୟାଂଶ ଉପରେ ଧ୍ୟାନ ଦେଉଛି ଯାହାକି ସାଙ୍କେତିକ ଭାଷା କ୍ଷେତ୍ରରେ କଥାବାର୍ତ୍ତା ହେବା ପାଇଁ ପ୍ରମୁଖ ଅଟେ। ଏହି ପ୍ରଶିକ୍ଷଣ କେଏଫ୍‌ସି ଇଣ୍ଡିଆର କ୍ଷମତା ପ୍ରୋଗ୍ରାମର ଅଂଶ ଅଟେ ଯାହା ଲୋକମାନଙ୍କ ସାମର୍ଥ୍ୟକୁ ପ୍ରୋତ୍ସାହିତ କରିବା ଏବଂ ଲିଙ୍ଗଗତ ଓ କ୍ଷମତା ଅନ୍ତରକୁ ଦୂର କରିବା ପାଇଁ ଲକ୍ଷ୍ୟ ରଖିଛି। କ୍ଷମତା ମାଧ୍ୟମରେ କେଏଫ୍‌ସି ରେଷ୍ଟୁରାଂଟଗୁଡିକରେ ମହିଳା ଏବଂ ମୂକ ଓ ବଧିର ବ୍ୟକ୍ତିମାନଙ୍କୁ ସଶକ୍ତ କରିବା ଦିଗରେ ପ୍ରତିବଦ୍ଧ ରହିଛି ଏବଂ ୨୦୨୬ ସୁଦ୍ଧା ମୂକ ଓ ବଧିର (ଏସ୍‌ଏଚ୍‌ଆଇ) କର୍ମଚାରୀଙ୍କ ସଂଖ୍ୟା ଦୁଇ ଗୁଣ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ଦ୍ୱସ୍ଵିକ୍‌ସାଇନ କ୍ୟାମ୍ପେନର ଏକ ବିସ୍ତାର ଭାବେ କେଏଫ୍‌ସି ଭାରତର ପ୍ରଥମ ଇଂଟରାକ୍ଟିଭ ସାଇନ ଲାଙ୍ଗୁଏଜ କିଓସ୍କର ଲଂଚ ସହିତ ସମଗ୍ର ଆତିଥ୍ୟ ଶିଳ୍ପକୁ ଏକତ୍ରିତ କରିବାକୁ ଲକ୍ଷ୍ୟ ରଖିଛି ଯାହା ଲୋକମାନଙ୍କୁ ଭାରତୀୟ ସାଙ୍କେତିକ ଭାଷାର ବ୍ୟବହାର କରି ବ୍ରାଣ୍ଡ ଓ ଖାଦ୍ୟଗୁଡିକରୁ ନିଜର ପସନ୍ଦର ଖାଦ୍ୟ ସାମଗ୍ରୀ ଅର୍ଡର କରିବା ଶିଖିବା ପାଇଁ ଅନୁମତି ଦେଉଛି।




### ଡିଭାଇନ୍ ନଗର ଉନ୍ନୟନ ପରିଷଦର

## ଦ୍ୱିତୀୟ ବାର୍ଷିକୀ ସାଧାରଣ ସଭା

ଭୁବନେଶ୍ୱର(ସବ୍ୟୁ): ଡିଭାଇନ୍ ନଗର ଉନ୍ନୟନ ପରିଷଦର ଦ୍ୱିତୀୟ ବାର୍ଷିକୀ ସାଧାରଣ ସଭା କେଶୁରାସ୍ଥିତ ସୀତାରାମ ମଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପରିଷଦର ସଭାପତି ରାମନାରାୟଣ ବିଶ୍ୱାଳ ସଭାପତିତ୍ୱ କରି ଉନ୍ନୟନ ପରିଷଦର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ପରିଷଦର ସମ୍ପାଦକ ତପନ କୁମାର ବରାଳ ସଂପାଦକୀୟ ବିବରଣୀ ପାଠ କରିବା ସହିତ ପରିଷଦ କିପରି ଘାତ–ପ୍ରତିଘାତ ସହ ଗୋଟିଏ ପରେ ଗୋଟିଏ ଶିଡ଼ି ଅତିକ୍ରମ କରି ଉନ୍ନତି ପଥରେ ଆଗେଇ ଚାଲିଛି ତାହା ଉପରେ ଆଲୋକପାତ କରିଥିଲେ । କଲୋନୀର ଆଲୋକୀକରଣ, ସଫାଇ ଗାଡ଼ି ମାଧ୍ୟମରେ ଆବର୍ଜନା ଉଠାଇବା, ନୂଆ ରୂପରେ କଲୋନୀର ରାସ୍ତା ତିଆରି ସହ କଲୋନୀ କିପରି ସୁନ୍ଦର ହୋଇପାରିଛି ସେ ବାବଦରେ ଶ୍ରୀ ବରାଳ ସୂଚନା ଦେଇଥିଲେ । କୋଷାଧ୍ୟକ୍ଷ ମାନସ କୁମାର ମଣ୍ଡଳ ବିଗତ ବର୍ଷର ଆୟବ୍ୟୟର ହିସାବ ପାଠକରି ପରିଷଦର ଆର୍ଥିକ ସ୍ଥିତି କିପରି ମଜବୁତ ହେବ ସେ ବିଷୟରେ ଉପସ୍ଥିତ ସଭ୍ୟମାନଙ୍କର ମତାମତ ଲୋଡ଼ିଥିଲେ । ଉକ୍ତ ବୈଠକରେ ଏମ. ରାଧାକୃଷ୍ଣନ, ବୈଷ୍ଣବ ମହାନ୍ତି, କାର୍ତ୍ତିକେଶ୍ୱର ପ୍ରଧାନ, ପ୍ରଫୁଲ୍ଲ କୁମାର ମହାନ୍ତି, ରଣଜିତ ଦାସ, ବିଷ୍ଣୁ ପ୍ରସାଦ ମହାନ୍ତି, ପ୍ରସନ୍ନ କୁମାର ଦାସ, ବିପିନ କୁମାର ମଲ୍ଲିକ, କୈଳାସ ମଲ୍ଲିକ ଓ ଏସଏ ହୁସେନ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରଫୁଲ୍ଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟ ବିଜେପି ସରକାର ପଛୁଆ ବର୍ଗର ସ୍ୱାର୍ଥପ୍ରତି ଅଣଦେଖା କରୁଛନ୍ତି: ବିଜେଡି

ଭୁବନେଶ୍ୱର (ସବ୍ୟୁ): ରାଜ୍ୟ ବିଜେପି ସରକାର ଓବିସି ଓ ଏସସିବିସି ବର୍ଗର ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରୁଛନ୍ତିଛ ଡବଲ ଇଂଜିନ ଓ ଡବଲ ବିକାଶର ନାରା ଦେଇ ସରକାରକୁ ଆସିଥିବା ବିଜେପି ସରକାରଙ୍କ ଶହେ ଦିନ ଭିତରେ ରାଜ୍ୟରେ ବାସ କରୁଥିବା ପ୍ରାୟ ୫୪% ପଛୁଆ ବର୍ଗର ଲୋକଙ୍କ ସ୍ୱାର୍ଥପାଇଁ ପଦୁଟିଏ ମଧ୍ୟ ମୁହଁ ଖୋଲି ନାହାନ୍ତି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ କରିଛି । ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ଶ୍ରୀ ସୁଭାଶିଷ ଖୁଣ୍ଟିଆ କହିଲେ, ବିଜୁ ଜନତା ଦଳ ତରଫରୁ ଦେଶରେ ଜାତି ଭିତ୍ତିକ ଜନ ଗଣନା ପାଇଁ ଆମର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଦାବୀ କରି ଆସୁଛନ୍ତି । ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ଓବିସି ମାନଙ୍କ ପାଇଁ କୌଣସି ସରଂକ୍ଷଣ ନାହିଁ, ଯାହା ଫଳରେ ପଛୁଆ ବର୍ଗର ପିଲା ମାନେ ଡାକ୍ତରୀ ଓ ଇଂଜିନିୟରିଙ୍ଗ ପଢ଼ିବାରୁ ବଞ୍ଚିତ ହେଉଛନ୍ତି । ସେହିପରି, ନିଯୁକ୍ତି କ୍ଷେତ୍ରରେ ମାତ୍ର ୧୧.୨୫% ସରଂକ୍ଷଣ ବ୍ୟବସ୍ଥା ରହିଛି ଯାହା ପ୍ରକୃତରେ ୨୭% ରହିବା କଥା । ତେଣୁ ଉଭୟ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ରାଜ୍ୟର ପଛୁଆ ବର୍ଗର ଲୋକମାନେ ତାଙ୍କ ନ୍ୟାର୍ଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି । ଆମ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ପଛୁଆ ବର୍ଗର ନ୍ୟାର୍ଯ୍ୟ ଦାବୀ ପାଇଁ ଲଢେଇ କରିଛନ୍ତିଛ ପୂର୍ବରୁ ରାଜ୍ୟର ବିଜେପି ପଛୁଆ ବର୍ଗର ଲୋକଙ୍କ ପାଇଁ ସ୍ୱର ଉତ୍ତୋଳନ କରୁଥିଲା ହେଲେ ସରକାରକୁ ଆସିବା ପରେ ସେମାନେ ନିରବ ହୋଇ ଯାଇଛନ୍ତି ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି ।

ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ଼ଃ ସସ୍ମିତ ପାତ୍ର କହିଥିଲେ ଡବଲ ଇଂଜିନ ସରକାର ଆସିଲେ ଡବଲ ବିକାଶ ହେବ ବୋଲି ଡିଣ୍ଡିମ ପିଟୁଥିବା ବିଜେପି ଡବଲ ଇଂଜିନ ସରକାର ଆସିବାର ଶହେ ଦିନ ପୂରଣ ହୋଇଥିଲେ ହେଁ, ପଛୁଆ ବର୍ଗର ସ୍ୱାର୍ଥ ପୂରଣ ପାଇଁ ପଦଟିଏ ମଧ୍ୟ ମୁହଁ ଖୋଲି ନାହାନ୍ତିଛ ଶହେ ଦିନର ସଫଳତାକୁ ନେଇ ଉତ୍ସବ ମୁଖର ଥିବା ବିଜେପି ସରକାରଙ୍କୁ ଆମର ପ୍ରଶ୍ନ, ପଛୁଆ ବର୍ଗର ଲୋକଙ୍କ ପାଇଁ କରିଛ କଣ? ବିଜୁ ଜନତା ଦଳର ସାଂସଦ ମାନେ ଗତ ପାଞ୍ଚବର୍ଷରେ ଜାତି ଭିତ୍ତିକ ଜନ ଗଣନା ପାଇଁ ଦାବୀ କରି ଆସୁଛନ୍ତି, କିନ୍ତୁ କେନ୍ଦ୍ର ସରକାର ସେଥିପ୍ରତି କର୍ଣ୍ଣପାତ କରୁ ନାହାନ୍ତି ବୋଲି ଶ୍ରୀ ପାତ୍ର କହିଥିଲେ । ପ୍ରାରମ୍ଭରେ, ବିଜେଡି ମୁଖପାତ୍ର ତଥା ମିଡ଼ିଆ କୋଡିନେଟର ଡ଼ଃ ଲେନିନ ମହାନ୍ତି ଆଜିର ପ୍ରସଙ୍ଗ ଉପରେ ପ୍ରାକ ସୂଚନା ଦେବା ସହ କହିଥିଲେ, କେବଳ ବଡ଼ ବଡ଼ କଥା କହି ଓ ଅନ୍ୟର ମୁଣ୍ଡରେ ଦୋଷ ଲଦି ବର୍ତ୍ତମାନର ବିଜେପି ସରକାର ଖସି ଯିବାକୁ ଚାହୁଁଛନ୍ତି । ରାଜ୍ୟର ସାଢେ ଚାରି କୋଟି ଲୋକ ବିଜୁ ଜନତା ଦଳକୁ ବିରୋଧୀ ଦଳର ସ୍ଥାନ ଦେଇଛନ୍ତି, ତେଣୁ ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ନିଶ୍ଚିତ ଭାବେ ଲଢେଇ କରିବ ବୋଲି ଡ଼ଃ ମହାନ୍ତି କହିଥିଲେ ।



### କିମ୍ସ ଡାକ୍ତରଙ୍କ ସଫଳ ପ୍ରୟାସ

## ଇକ୍ମୋ ବଞ୍ଚାଇଲା ଜୀବନ

ଭୁବନେଶ୍ୱର, (ସବ୍ୟୁ): କିମ୍ସ ଡାକ୍ତରଙ୍କ ଅପ୍ରାଣ ଉଦ୍ୟମ ଯୋଗୁଁ ମୃତ୍ୟୁ ମୁଖରୁ ଫେରିଆସିଛନ୍ତି ଜଣେ ଯୁବକ । ପଡ଼ୋଶୀ ପଶ୍ଚିମବଙ୍ଗର ଏହି ରୋଗୀଙ୍କ ଛାତି ଓ ଫୁସ୍‌ଫୁସ୍ ସାଂଘାତିକ ଭାବେ ସଂକ୍ରମିତ ହୋଇ ସଂକଟାପନ୍ନ ହୋଇଥିଲେ । ତାଙ୍କୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମ୍ସ)ରେ ଭର୍ତ୍ତି କରାଯାଇଥିଲା । ଆପାତ୍କାଳୀନ ସ୍ଥିତିରେ ତୁରନ୍ତ ତାଙ୍କର ଚିକିତ୍ସା ପାଇଁ କିମ୍ସ ଡାକ୍ତର ଓ ବିଶେଷଜ୍ଞ ଲାଗିପଡ଼ିଥିଲେ । ତାଙ୍କୁ ଜୀବନ ରକ୍ଷାକାରୀ ଯନ୍ତ୍ର କୁହାଯାଉଥିବା ଇକ୍ମୋର ସହାୟତାରେ ନିଶ୍ଚିତ ମୃତ୍ୟୁ ମୁଖରୁ ଫେରାଇ ଆଣିବାକୁ କିମ୍ସ ଡାକ୍ତରମାନେ ସଫଳ ହୋଇଛନ୍ତି । କିମ୍ସ ସୁପରସ୍ପେସିଆଲିଟ୍ ହସ୍ପିଟାଲ୍ର କ୍ରିଟିକାଲ କେୟାର ଭେଷଜ ଡାକ୍ତର ସୁନୀଲ କୁମାର ଜେନା, ସିଟିଭିଏସ୍ ଡା ଚନ୍ଦନ କୁମାର ରାୟ ମହାପାତ୍ର, ପଲମୋନାରୀ ମେଡିସିନ୍ ଡା ଦେବାଶିଷ ବେହେରାଙ୍କ ମିଳିତ ଉଦ୍ୟମ ଯୋଗୁଁ ଏହି ଚିକିତ୍ସା ସଫଳ ହୋଇପାରିଛି । ଡାକ୍ତରୀ ଦଳ ଭି ଭି ଇକ୍ମୋ ପ୍ରକ୍ରିୟାରେ ଶ୍ୱାସକ୍ରିୟାକୁ ସ୍ୱାଭାବିକ କରିବାରେ ସଫଳ ହୋଇଥିଲେ । ରୋଗୀ ଏବେ ସୁସ୍ଥ ଅଛନ୍ତି ।



### ଭୁବନେଶ୍ୱରରେ ଏଲ୍‌ଆଇସିର

## ଅତ୍ୟାଧୁନିକ ଟେଷ୍ଟିଂ ସେଣ୍ଟରଅଫ୍‌ଏକ୍ସଲେନ୍ସ

ଭୁବନେଶ୍ୱର (ସବ୍ୟୁ): ଭାରତୀୟଜୀବନ ବୀମାନିଗମ (ଏଲ୍‌ଆଇସି), ଭୁବନେଶ୍ୱରରେ ଏକ ଅତ୍ୟାଧୁନିକ ଟେଷ୍ଟିଂ ସେଣ୍ଟରଅଫ୍‌ଏକ୍ସଲେନ୍ସ (ଟିସିଓଇ) ସ୍ଥାପନକରୁଛି । ଏହି କୌଶଳପୂର୍ଣ୍ଣ ପଦକ୍ଷେପ ବୈଷୟିକ ଉ- ।ବନଏବଂ କାର୍ଯ୍ୟକ୍ଷମ ଉତ୍କର୍ଷ ପ୍ରତି ଭାରତୀୟଜୀବନ ବୀମାନିଗମର ପ୍ରତିବଦ୍ଧତାକୁ ସୂଚିତ କରେ । ଭୁବନେଶ୍ୱର ଭାରତର ଦ୍ରୁତତମ ବୃଦ୍ଧି ପାଉଥିବାଆଇ.ଟି. ହବ୍‌ମଧ୍ୟରୁ ଅନ୍ୟତମ ଏବଂ ଏହା ଆମରଉନ୍ନତ ଆଇ.ଟି. ସମାଧାନର ବିକାଶ ପାଇଁଏକଅନୁକୂଳ ପରିବେଶ ପ୍ରଦାନକରେ । ଏହିଟି ସିଓଇ ସମସ୍ତ ଅତ୍ୟାଧୁନିକ ସ୍ୱୟଂଚାଳିତ ଉପକରଣ ଏବଂ କୁଶଳତାରେ ସଜ୍ଜିତ ହେବ । ଏହି ଉନ୍ନତ ଜ୍ଞାନକୌଶଳର ନିୟୋଜନ ଭାରତୀୟ ଜୀବନ ବୀମା ନିଗମର ପ୍ରକ୍ରିୟାରେ ଅଧିକ ଦକ୍ଷତା, ସଠିକତାଏବଂ ଦ୍ରୁତଗତି ସୁନିଶ୍ଚି ତକରିବ। ଏହି ନୂତନ ଟିସିଓଇ ପ୍ରାରମ୍ଭରେ ପ୍ରାୟ ୧୦୦ ଜଣ ଆଇ.ଟି. ପ୍ରଫେସନାଲନିୟୋଜିତ ହେବେ । ଏହା ଉଭୟ କର୍ମଚାରୀ ଏବଂ ବିଶେଷଜ୍ଞ ଉପଦେଷ୍ଟାଙ୍କୁ ନେଇଗଠିତ ହେବ ଏବଂ ସେମାନେ ଏଲ୍‌ଆଇସିର ଡିଜିଟାଲ ଦକ୍ଷତା ବୃଦ୍ଧି ଉପରେଧ୍ୟାନ ଦେବେ । ଏହା ଘୋଷଣା କରିସିଇଓ ତଥା ଏମ୍‌ଡ଼ ଭିଶ୍ରୀସିଦ୍ଧାର୍ଥମହାନ୍ତିକହିଛନ୍ତି ଯେ 'ଏଲ୍‌ଆଇସି ପାଇଁସର୍ବବୃହତଆଇ.ଟି. ହବ୍ ହେବା ପାଇଁଏହି କେନ୍ଦ୍ରକୁନିୟମିତ ଭାବେ ବିସ୍ତାରକରିବାକୁଆମେ ପ୍ରତିଶ୍ରୁତିବଦ୍ଧ ।

### ଜଳସାଥିଙ୍କ ପାଇଁ ଦୁଇ ଦିନିଆ କର୍ମଶାଳା

## ଜଳ ପରିଚାଳନାରେ ଜଳସାଥିଙ୍କ ପ୍ରମୁଖ ଭୂମିକା ରହିଛି

ଭୁବନେଶ୍ୱର (ସବ୍ୟୁ): ଜଳସାଥିମାନଙ୍କ ପାଇଁ ଦୁଇ ଦିନିଆ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଓଡିଶା ଅର୍ବାନ ଏକାଡେମୀ ଓ ସହରୀ ପରିଚାଳନା କେନ୍ଦ୍ରର ବୈଷୟିକ ସହାୟତାରେ ଅନୁଷ୍ଠିତ ହୋଇଛି । ଗୃହ ଏବଂ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀ ଏହି ଦୁଇ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଜଳସାଥିମାନଙ୍କ ସହ ଆଲୋଚନା କରିଥିଲେ । ଶ୍ରୀମତୀ ପାଢ଼ୀ ଗୋଷ୍ଠୀ ଭିତ୍ତିକ ଜଳ ପରିଚାଳନାରେ ଜଳ ସାଥିଙ୍କ ପ୍ରମୁଖ ଭୂମିକା ଏବଂ ସେମାନଙ୍କର କାର୍ଯ୍ୟକୁ ପ୍ରଶଂସା କରିଥିଲେ । ସହରାଞ୍ଚଳରେ ବଢୁଥିବା ଚାହିଦାକୁ ପୂରଣ କରିବା ଏବଂ ଜନସାଧାରଣଙ୍କୁ ଗୁଣାତ୍ମକ ସେବା ଯୋଗାଇବା ପାଇଁ ନିରନ୍ତର ଦକ୍ଷତା ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଜଳ ସାଥିମାନେ ପ୍ରଶାସନ ଏବଂ ଗୋଷ୍ଠି ମଧ୍ୟରେ ସେତୁ ଭଳି କାମ କରନ୍ତି । ସେମାନଙ୍କୁ ସଠିକ୍ ତାଲିକ ପ୍ରଦାନ କରି ଜଳ ପରିଚାଳନା ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଉଛି, ଯାହା ଉପଯୋଗୀ ଅଟେ ବୋଲି ଶ୍ରୀମତୀ ପାଢୀ କହିଛନ୍ତି । ସେ ଏହି କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ଫାଇଦା ନେବାକୁ ଏବଂ ଅନ୍ତର୍ଭୂକ୍ତ ତଥା ନିର୍ଭରଯୋଗ୍ୟ ଜଳ ସେବାର ମିଶନରେ ପ୍ରଭାବଶାଳୀ ଯୋଗଦାନ କରିବାକୁ ତାଲିମପ୍ରାପ୍ତ ଜଳସାଥୀମାନଙ୍କୁ ଉତ୍ସାହିତ କରିଥିଲେ ।

ଦକ୍ଷତା ଉନ୍ନୟନ କାର୍ଯ୍ୟକ୍ରମ, ଯାହା ଓଡିଶାର ବିଭିନ୍ନ କ୍ଲଷ୍ଟରରେ ୮୦୦ରୁ ଅଧିକ ଜଳ ସାଥିଙ୍କୁ ତାଲିମ ଦେବ, କ୍ଷମତା ବୃଦ୍ଧି ତଥା ସହରୀ ଜଳ ପରିଚାଳନାକୁ ମଜବୁତ କରିବା ରାଜ୍ୟର ବୃହତ ଦୃଷ୍ଟିକୋଣର ଏକ ଅଂଶ । ବୈଷୟିକ କାର୍ଯ୍ୟ, ଜଳ ପରୀକ୍ଷଣ, ଗ୍ରାହକଙ୍କ ଯୋଗଦାନ, ଏବଂ ଆର୍ଥିକ ପରିଚାଳନା ସହିତ ବିଭିନ୍ନ କୌଶଳ ଉପରେ ଏହି ପ୍ରଶିକ୍ଷଣ ଧ୍ୟାନ ଦେଇଥାଏ, ସହରାଞ୍ଚଳ ଜଳ ସେବା ବିତରଣର ଆହ୍ୱାନକୁ ପୂରଣ କରିବା ପାଇଁ ଜଳ ସାଥିମାନେ ଭଲ ଭାବରେ ପ୍ରସ୍ତୁତ କରିପାରିବେ ।

# ଶୋଇଥିବା ବେଳେ ମହିଳାଙ୍କୁ ଦଳିଦେଲା ଦନ୍ତା

ବାରିପଦା, (ସବ୍ୟୁ) : ବାରିପଦା ରେଞ୍ଜ ଅଧୀନ ରାଧିକାଶୋଳ ଗ୍ରାମରେ ରଚ୍ଛମୁଖା ଦନ୍ତା ପୁଣି ଜଣଙ୍କ ଜୀବନ ନେଇଛି । ରାତିରେ ଘରେ ପଶି ଶୋଇଥିବା ଜଣେ ମହିଳାଙ୍କୁ ଘୋଷାଡ଼ି ଆଣି ଘର ବାହାରେ କଚାଡି ମାରିଛି । ମୃତ ମହିଳା ଜଣକ ହେଉଛନ୍ତି ଉକ୍ତ ଗ୍ରାମର ସୀତାରାମ ହାଁସଦାଙ୍କ ସ୍ତ୍ରୀ ମାନକା (୩୪) । ଘଟଣାରୁ ପ୍ରକାଶ ଯେ, ଗ୍ରାମବାସୀ ନିଜନିଜ ଘରେ ଶୋଇଥିବା ବେଳେ ବେତନଟୀ ରେଞ୍ଜ ଇଲାକାରେ ବିଚରଣ କରୁଥିବା ନରହନ୍ତା ଦନ୍ତା ୧୮ନଂ ଜାତୀୟ ରାଜପଥ ଅତିକ୍ରମ କରି ଭୋର ସମୟରେ ରାଧିକାଶୋଳ ଗ୍ରାମରେ ପ୍ରବେଶ କରିଥିଲା ।

ଗ୍ରାମର ତିନି ଚାରିଟି ଘର ଭାଙ୍ଗିବା ସହିତ ଘର ଭିତରେ ଶୋଇଥିବା ମାନକାଙ୍କୁ ଘୋଷାଡ଼ି ଆଣି ଘର ଅଗଣାରେ କଚାଡି ଦଳି ଦେଇଥିଲା । ପାଖରେ ଶୋଇଥିବା ସ୍ୱାମୀ ସୀତାନାଥ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଗ୍ରାମରେ ଚହଳ ପଡିଯାଇଥିଲା । ଘଟଣାକୁ ନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ବନବିଭାଗର ଅପାରଗତାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇଛି । ସେହିପରି ସୁରେଇଡିହି ଗ୍ରାମର ଅନ୍ୟ ଦୁଇଜଣ ମଧ୍ୟ ଦନ୍ତା ଆକ୍ରମଣରେ ଆହତ ହୋଇଛନ୍ତି । ଗୁରୁବାର ସକାଳେ କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି । ତେବେ ବାରମ୍ବାର ବନବିଭାଗର ଅବହେଳା ଏବଂ ଅପାରଗତା ପାଇଁ ହାତୀ ଜନବସତି ଭିତରେ ପଶି ଧନଜୀବନ ହାନି କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗିରହିଛି । ନରହନ୍ତା ଦନ୍ତା ଆକ୍ରମଣରେ ବିଗତ ତିନିଦିନରେ ୪ଜଣଙ୍କ ମୃତ୍ୟୁ ଘଟଣା ବନବିଭାଗ ପାଇଁ ମଧ୍ୟ ଅଡୁଆ ସ୍ଥିତି ସୃଷ୍ଟି କରିଛି ।

# କର୍ମଚାରୀ ସମନ୍ୱୟ ସମିତି ଜିଲ୍ଲା ଶାଖା ପକ୍ଷରୁ ଦଶ ଦଫା ସମ୍ବଳିତ ଦାବିପତ୍ର

ଛତ୍ରପୁର, (ସବ୍ୟୁ): ବିଭିନ୍ନ ଦାବି ନେଇ ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଗୁରୁବାର ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଗଞ୍ଜାମ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଠିକା କର୍ମଚାରୀଙ୍କ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା, ଇପିଏଫ ଇସିଆଇରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା, ଏନପିଏସକୁ ବନ୍ଦ କରି ପୁରୁଣା ପେନସନ ଲାଗୁ କରିବା, ୧୯୯୩ ମସିହା ପରଠାରୁ କାର୍ଯ୍ୟରେ ଯୋଗ ଦେଇଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ସମେତ ୧୦ ଦଫା ଦାବି ସମ୍ବଳିତ ଏକ ଲିଖିତ ଦାବିପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଜିଲ୍ଲା ସଭାପତି ପଦ୍ମ ଚରଣ ପାଢୀ, ସମ୍ପାଦକ ପ୍ରଦୀପ କୁମାର ସିଂ, ଭଗବାନ ମହାନ୍ତି, ପ୍ରଭାକର ପାଣିଗ୍ରାହୀ, ସନ୍ତୋଷ ସ୍ୱାମୀ, ଜ୍ଞାନେନ୍ଦ୍ର ମହାପାତ୍ର, ନରେନ୍ ବିଶୋୟୀ ଓ ନିରଞ୍ଜନ ରାଉତଙ୍କ ସମେତ ବହୁ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଗଜପତିରୁ ଆନ୍ଧ୍ରପ୍ରଦେଶ ଦମ୍ପତିଙ୍କ ପୋଷ୍ୟ ସନ୍ତାନ ଗ୍ରହଣ



ପାରଳାଖେମୁଣ୍ଡି, (ସବ୍ୟୁ): ଆଜି ଗଜପତି ଜିଲ୍ଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୫୬ ତମ ଶିଶୁକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ପୋଷ୍ୟ ସନ୍ତାନ ଭାବେ ଆନ୍ଧ୍ର ପ୍ରଦେଶ ରାଜ୍ୟର ଏକ ଦମ୍ପତ୍ତିଙ୍କୁ ହସ୍ତାନ୍ତର କରିଛନ୍ତି । ସୁଚନା ପ୍ରକାରେ ଆଜକୁ ପ୍ରାୟ ୫ ମାସ ତଳେ ଉକ୍ତ ଶିଶୁଟିକୁ ରାୟଗଡ଼ ଅଞ୍ଚଳରୁ ଅସହାୟ ଅବସ୍ଥାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଉଦ୍ଧାର କରିଥିଲେ । ଉକ୍ତ ଶିଶୁଟିର ଯତ୍ନ ଓ ସୁରକ୍ଷା ପାଇଁ ଜିଲ୍ଲାରେ ଥିବା ଏକମାତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ସଲାମ ରାଣୀପେଣ୍ଠ ଠାରେ ରଖାଯାଇଥିଲା ।

ଉକ୍ତ ଶିଶୁଟିର କେହି ନଥିବା ଜାଣିବା ପରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିକୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ତାହାର ଆଡପସନ୍ ପାଇଁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ରର ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା । ଯାହାଦ୍ୱାରା ଶିଶୁଟି ପୋଷ୍ୟ ଭାବେ ଯେକୌଣସି ଦମ୍ପତ୍ତିଙ୍କ ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରବର୍ତ୍ତି ମୁହୁର୍ତ୍ତରେ ଚାରିବର୍ଷ ଧରି ସନ୍ତାନ ପାଇଁ ଅନଲାଇନ୍ ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଆନ୍ଧ୍ରପ୍ରଦେଶ ଦମ୍ପତ୍ତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ । ଉପରୋକ୍ତ ଦମ୍ପତ୍ତି ଶାରିରୀକ ଭାବେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ । ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ ।

ପରବର୍ତ୍ତି ମୂହୁର୍ତ୍ତରେ ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିକୁ ଆନ୍ଧ୍ରପ୍ରଦେଶ ରାଜ୍ୟର ଦମ୍ପତ୍ତିଙ୍କୁ ହସ୍ତାନ୍ତର କରିଦିଆଯାଇଥିଲା । ଏହି ଶିଶୁଟି ପୁତ୍ର ସନ୍ତାନ ହୋଇଥିଲା ବେଳେ ଏହାର ବୟସ ମାତ୍ର ୫ ମାସ ହୋଇଥିଲା । ଶିଶୁଟିକୁ ପାଇ ଦମ୍ପତ୍ତି ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା । ହସ୍ତାନ୍ତର ସମୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ବିଶାଖାପାଟଣା ଜିଲ୍ଲା (ଆନ୍ଧ୍ରପ୍ରଦେଶ)ର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏ.ସତ୍ୟ ନାରାୟଣ, ଶିଶୁ ଅଧିକାର ଆୟୋଗ, ଆନ୍ଧ୍ର ପ୍ରଦେଶର ସଦସ୍ୟ ଜି.ସୀତାରାମ, ନିସାନ ସାଲୋମ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପରିଚାଳକ ପ୍ରତ୍ୟୁଷ କୁମାର ସୂର୍ଯ୍ୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସିଡିଏମଓଙ୍କ କାର୍ଯ୍ୟାଳୟରେ ନର୍ସିଂ ଅଧିକାରୀଙ୍କ ଧାରଣା

ବ୍ରହ୍ମପୁର, (ସବ୍ୟୁ): ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷରୁ ବ୍ରହ୍ମପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମଓ)ଙ୍କ କାର୍ଯ୍ୟାଳୟରେ ଧାରଣ ଦିଆଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାରେ ଥିବା ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ନର୍ସିଂ ଅଫିସରମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଗତକାଲି ଠାରୁ ଏହି ଧାରଣା ଜାରି ରହିଥିବା ବେଳେ ଯଦି ସରକାର ଦାବି ନମାନନ୍ତି ଆସନ୍ତାକାଲି ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ବର୍ତ୍ତମାନ ଜିଲାର ଡାକ୍ତରଖାନା ଗୁଡ଼ିକରେ ଜରୁରୀକାଳୀନ ସେବାରେ ନର୍ସିଂ ଅଫିସରମାନେ ନିୟୋଜିତ ଅଛନ୍ତି । କିନ୍ତୁ ଆଉଟଡୋର ଏବଂ ୱାର୍ଡରେ ରୋଗୀକୁ ବର୍ଜନ କରିଛନ୍ତି । ପ୍ରକାଶଥାଉକି, ନର୍ସିଂ ଅଫିସରଙ୍କୁ ସିନିୟର ନର୍ସିଂ ଅଫିସର ପଦରେ ପଦୋନ୍ନତି, ୨୦୧୩ ନଭେମ୍ବର ପୂର୍ବରୁ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ୬ ବର୍ଷ ଚୁକ୍ତି ଭିତ୍ତିକ ଅବଧିକୁ ମିଶାଇ ପଦୋନ୍ନତି ଓ ଆର୍ଥିକ ସୁବିଧା ପ୍ରଦାନ, ଆୟୁଷମାନ ଆରୋଗ୍ୟ କେନ୍ଦ୍ରରେ ନିୟୋଜିତ ନର୍ସିଂ ଅଫିସରଙ୍କୁ ସିଏଚଓ ପଦବୀକୁ ଫେରାଇ ଆଣିବା, କଟକଟ ଆଚାର୍ଯ୍ୟ ହରିହର ମେଡିକାଲରେ କାର୍ଯ୍ୟରତ ନର୍ସିଂ ଅଫିସରଙ୍କୁ ଓଡ଼ିଶା ନର୍ସିଂ କ୍ୟାଡରରେ ଅନ୍ତର୍ଭୁକ୍ତ, ଆଟସୋର୍ସିଂ ମାଧ୍ୟମରେ ନିଯୁକ୍ତି ବନ୍ଦ ଭଳି ୧୦ ଦଫା ଦାବିରେ ୨୫ ଓ ୨୬ ତାରିଖ ଦୁଇ ଦିନ ପାଇଁ ସଂଘ ପକ୍ଷରୁ ସାରା ରାଜ୍ୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଥିଲା ।

# ଅଯୋଧାରେ ରାଷ୍ଟ୍ରୀୟ ସେବା ରତ୍ନ ସମ୍ମାନରେ ସମ୍ମାନିତ ହେଲେ ଡଃ ନିରଜ ପୋଥାଳ



ବାରିପଦା, (ସବ୍ୟୁ) : ପବିତ୍ର ରାମ ଜନ୍ମଭୂମି ଅଯୋଧ୍ୟା (ଉତ୍ତର ପ୍ରଦେଶ) ଠାରେ ରାମକୃଷ୍ଣ ସେବା ଫାଉଣ୍ଡେସନ ଓ ମେଜର ଧ୍ୟାନଚାନ୍ଦ ଖେଳ ଉତ୍ଥାନ ସମିତିର ମିଳିତ ଆନୁକୂଲ୍ୟରେ ଏକ ସର୍ବଭାରତୀୟ ସ୍ତରରେ 'ରାଷ୍ଟ୍ରୀୟ ସେବା ରତ୍ନ ଆୱାର୍ଡ ୨୦୨୪ ପ୍ରଦାନ କାର୍ଯ୍ୟକ୍ରମ ସହିତ ଦୁଇଦିନ ବ୍ୟାପି ରାଷ୍ଟ୍ରୀୟ ସ୍ଥରର ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ରକ୍ତଦାତା ମାନେ ଏହି ରକ୍ତଦାନ ଶିବିରରେ ଯୋଗଦାନ କରି ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ ଡଃ ନିରୋଜ ରକ୍ତଦାତା ମାନଙ୍କୁ ରକ୍ତଦାନର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ।

ଡଃ ନିରୋଜ ଆଜିକୁ ୧୧୬ ଥର ନିଜେ ରକ୍ତଦାନ କରି ସାରିଛନ୍ତି । ବିଭିନ୍ନ ରକ୍ତଦାନ ଶିବିରରେ ରକ୍ତଦାତା ମାନଙ୍କୁ ନିଜର ଜନ୍ମଦିନ, ବିବାହ ବାର୍ଷିକୀ ଓ ଯେକୌଣସି ଶୁଭକର୍ମରେ ନିଜର ରକ୍ତଦାନ ଭଳି ମହତ୍ କାର୍ଯ୍ୟ କରି ଜଣକ ଜୀବନ ରକ୍ଷା କରିବା ପାଇଁ ଅନୁରୋଧ କରିଥିଲେ । ରକ୍ତଦାନ ବିଶ୍ୱର ସର୍ବଶ୍ରେଷ୍ଠ ସେବା କାର୍ଯ୍ୟ ଅଟେ ବୋଲି ସେ ନିଜର ମତପ୍ରକାଶ କରିଥିଲେ ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ
## ଚମାଖଣ୍ଡି ପଞ୍ଚାୟତକୁ ଶ୍ରେଷ୍ଠ ପୁରସ୍କାର

ଛତ୍ରପୁର, (ସବ୍ୟୁ) : ଗଂଜାମ ଜିଲ୍ଲା ଛତ୍ରପୁର ବ୍ଲକର ଚମାଖଣ୍ଡି ଗ୍ରାମ ପଞ୍ଚାୟତକୁ ମିଳିଲା ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର । ସ୍ୱଚ୍ଛ ଭାରତ ମିଶନ-ଗ୍ରାମୀଣ ଦ୍ୱିତୀୟ ପର୍ଯ୍ୟାୟ ଅନୁଯାୟୀ ସମସ୍ତ ବର୍ଗରେ ଚମାଖଣ୍ଡି ପଞ୍ଚାୟତ ସଠିକ କାର୍ଯ୍ୟ ସହିତ ପରିଚାଳନା କରିଥିବାରୁ ଏହି ପୁରସ୍କାର ପାଇଛି । ଏନେଇ ଗୁରୁବାର ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକର ବୀରରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥୀ ଭାବେ ଭାରତସରକାରଙ୍କ ଜଳ ଓ ଶକ୍ତି ମନ୍ତ୍ରୀ ସିଆର ପାଟିଲ ଯୋଗଦେଇ ଚମାଖଣ୍ଡି ଗ୍ରାମ ପଞ୍ଚାୟତର ସରପଞ୍ଚ ସିଏଚ ମନୋଜ କୁମାର ରେଡ୍ଡୀ, ପିଇଓ ଦଣ୍ଡପାଣି ପ୍ରଧାନ, ମା ମଙ୍ଗଳା ଏସଏଚଜି ଗ୍ରୁପର ସଦସ୍ୟା ସୁଷମା ନାୟକ ଓ ସବିତା ନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଓ ସ୍ଥାନୀୟ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଅତିଥୀ ମାନେ ଉପସ୍ଥିତ ରହିଥିଲେ । ଏହି ଅବସରରେ ସରପଞ୍ଚ ଶ୍ରୀ ରେଡ୍ଡୀ ଓ ତାଙ୍କ ଟିମଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି । ସୂଚନା ଯୋଗ୍ୟ ଯେ ଚମାଖଣ୍ଡି ଗ୍ରାମ ପଞ୍ଚାୟତରେ ସଫା ସୁତରା, ଡ୍ରେନେଜ, ସୋକପିଟ, ସମସ୍ତ ଘରେ ଶୌଚାଳୟ, ଘରକୁ ଘର ଆବର୍ଜନା ସଂଗ୍ରହ ଏବଂ ବିଭବ କେନ୍ଦ୍ରକୁ ସଠିକ୍ ପରିଚାଳନା କରିବା । ଏହା ସହିତ ରାସାୟନିକ କ୍ଷତ ଉତ୍ପାଦନ କରିବା ସମେତ ବିଭିନ୍ନ କାର୍ଯ୍ୟ ନେଇ ଏହି ପୁରସ୍କାର ମିଳିଥିବା ପିଇଓ ଦଣ୍ଡପାଣି ପ୍ରଧାନ କହିଛନ୍ତି ।

# ବିଜ୍ଞାନ ଡ୍ରାମା ପ୍ରତିଯୋଗିତା
## ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ସଫଳତା

ଛତ୍ରପୁର, (ସବ୍ୟୁ): ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଆନୁକୁଲ୍ୟରେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ବିଜ୍ଞାନ ଡ୍ରାମାରେ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଡ୍ରାମା ଟିମ୍ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତୀୟ ପୂର୍ବାଞ୍ଚଳ ସ୍ତର ପାଇଁ ମନୋନୀତ ହୋଇଛନ୍ତି। ଏହି ସଫଳତା ସହ ଏହି ଟିମ୍ ଆସନ୍ତା ୩୦ ସେପ୍ଟେମ୍ବର କଲିକତାର ବିଆଇଟିଏମ ଠାରେ ଜାତୀୟସ୍ତର ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୫ଟି ଜୋନରୁ ଉତ୍ତୀର୍ଣ୍ଣ ହୋଇ ଆସିଥିବା ଡ୍ରାମା ଟିମ୍ ଅଂଶଗ୍ରହଣ କରିଥିଲେ। ଅନସ୍ଲୋର ଛାତ୍ରଛାତ୍ରୀମାନେ କୃତ୍ରିମ ବୁଦ୍ଧିମତା ଉପରେ ଡ୍ରାମା ପରିବେଷଣ କରିଥିଲେ। ଡ୍ରାମାରେ ଏୱାନ ରୋବର୍ଟ ଭୂମିକା ନିଭାଉଥିବ ପ୍ରିୟଙ୍କା ତିର୍କିଙ୍କୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଅଭିନେତ୍ରୀ ଉପାଧି ମିଳିଥିଲା। ବିଦ୍ୟାଳୟର ଏହି ଐତିହାସିକ ସଫଳତା ପାଇଁ ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କ ପରିଶ୍ରମ, ସେମାନଙ୍କ ଅଭିଭାବକ ମାନଙ୍କ ସହଯୋଗ ଓ ପିଲାଙ୍କୁ ପ୍ରଶିକ୍ଷଣ ଦେଉଥିବା ବିଦ୍ୟାଳୟର ଶିକ୍ଷୟତ୍ରୀ ବ୍ଲେସି ପ୍ରଧାନ ଓ ଅଞ୍ଜନାଶ୍ରୀ ବାଡ଼ତ୍ୟାଙ୍କୁ ଶ୍ରେୟ ଓ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଏହି ସଫଳତା ପାଇଁ ଖୁସି ବ୍ୟକ୍ତ କରିବା ସହ ଆଗାମୀ ପୂର୍ବାଞ୍ଚଳ ସ୍ତର ପ୍ରତିଯୋଗିତାରେ ଡ୍ରାମା ଟିମ୍‌ର ସଫଳତା ପାଇଁ ଆଶାୟୀ ଅଛନ୍ତି ।

# ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଏକ ହତ୍ୟା ଉଦ୍ୟମ ମାମଲାର ବିଚାରଣା କରି ଏସଜେଏମ ଅଦାଲତର ବିଚାରପତି ଅଲେଖ ପ୍ରଧାନ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଣେ ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ଅଞ୍ଚଳର ନାରାୟଣ ସାହୁ । ଜେଲ ଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମାନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ନିଜର ରାୟରେ ଉଲ୍ଲେଖ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶଯେ, ପାଟପୁର ଥାନା ଅନ୍ତର୍ଗତ ଖୋଲଡି ଗ୍ରାମର ଏସ. ବାଇନାଥ ଦୋରା ଏବଂ ଅଭିଯୁକ୍ତ ନାରାୟଣ ସାହୁଙ୍କ ମଧ୍ୟରେ ଜମିଜମା ମାମଲାକୁ ନେଇ ତିକ୍ତତା ଲାଗି ରହିଥିଲା । ୨୦୧୨ ନଭେମ୍ବର ୧୦ ତାରିଖରେ ଏସ. ବାଇନାଥ ଆମ୍ବଗଡ ଛକକୁ ଯାଇଥିବା ବେଳେ ଅଭିଯୁକ୍ତ ନାରାୟଣ ସାହୁ ଏକ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ । ଏଥିରେ ବାଇନାଥ ଗୁରୁତର ହେବା ସହ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଅଭିଯୋଗ ପରେ ପାଟପୁର ଥାନାରେ ମାମଲା ନଂ ୧୩୭/୧୨ ରୁଜୁ ହୋଇଥିଲା । ହେଲେ ଘଟଣା ପରଠାରୁ ଅଭିଯୁକ୍ତ ନାରାୟଣ ଫେରାର ରହିଥିଲେ । ତାଙ୍କ ନାମରେ ୱାରେଣ୍ଟ ଜାରି ହେବା ପରେ ପୁଲିସ ତାଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ । ଏହି ମାମଲାର ତଦନ୍ତ ଅଧିକାରୀ ଏସଆଇ ବାବୁଲା ରାଉଳ ଚାର୍ଜସିଟ ଦାଖଲ କରିଥିଲେ । ଅଦାଲତରେ ମାମଲାର ବିଚାରଣା ଚାଲୁଥିବା ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅଦାଲତର ବିଚାରପତି ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ଏପିପି କୋରେଶୁ ଗୌଡ, ଜଗନ୍ନାଥ ମିଶ୍ର ଓ ପ୍ରସନ୍ନ କୁମାର ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆଧାରରେ ଏନ୍ଏସି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା




ବୁଗୁଡ଼ା, (ସବ୍ୟୁ): ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆଧାରରେ ଆଜି ଏନ୍ଏସି କଲ୍ୟାଣୀ ମଣ୍ଡପ ପରିସରରେ ଏନ୍ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ଏକକ ଅଭିନୟ ଓ ବର୍ଜ୍ୟବସ୍ତୁରୁ ଉପକରଣ ପ୍ରସ୍ତୁତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏନଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଏଟିଓ ସୁନନ୍ଦ ଶେଖର ସାହାଣୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଚିତ୍ରସେନ ପ୍ରଧାନ, ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ, ତହସିଲଦାର ତାପସ ରାଉତ, ଏବିଇଓ ତପସ୍ୱିନୀ ସାହୁ ,ବାଲିପଦର ଏଏଓ ହରପ୍ରିୟା ବେହେରା ଯୋଗଦେଇ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିବା ସହ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ ।

ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପାର୍ଥ ସାରଥୀ ସ୍ୱାଇଁ-୧ମ, ଈଶାରାଣୀ ସ୍ୱାଇଁ-୨ୟ, ଓମଶ୍ରୀ ସୁବାଶିଷ ପାତ୍ର- ୩ୟ ସ୍ଥାନ ଅଧିକାର କରିଥିବାବେଳେ ଏକକ ଅଭିନୟରେ ରୋଶନ ବାଡତ୍ୟା-୧ମ, ସମିହନ ବାସୁଦେବ-୨ୟ ଓ ପ୍ରିୟାଙ୍କା ନାୟକ- ୩ୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟପକ୍ଷରେ ବର୍ଯ୍ୟବସ୍ତୁରୁ ଉପକରଣ ପ୍ରସ୍ତୁତି ପ୍ରତିଯୋଗିଇତାରେ ରିତେଶ ରାଉତ-ପ୍ରଥମ, ଶୁଭମ୍ ପାତ୍ର-୨ୟ ଓ ଶିବ ଶଙ୍କର ସାହୁ-୩ୟ ସ୍ଥାନ ହାସଲ କରିଥିଲେ। ତେବେ ଏ ସମସ୍ତ କୃତି ପ୍ରତିଯୋଗୀଙ୍କୁ ଆସନ୍ତା ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ପୁରସ୍କୃତ କରାଯିବ ବୋଲି ଏନଏସି କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରକାଶ ପାଇଛି ।

# ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର୍ସ ମହାସଂଘ ଡାକରାରେ ଧାରଣା



ବ୍ରହ୍ମପୁର, (ସବ୍ୟୁ): ଅଖିଳ ଭାରତ ରାଜ୍ୟ ସରକାରୀ ପେନସନର ମହାସଂଘ ଡ଼ାକରାରେ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହଂଘର ଗଂଜାମ ଜିଲ୍ଲା କମିଟି ଦ୍ୱାରା ଆରଡିସି କାର୍ଯ୍ୟାଳୟ ଠାରେ ଦିବା ୧୦ ଘଣ୍ଟା ଠାରୁ ମଧ୍ୟାହ୍ନ ୧.୩୦ ମିନିଟ ଯାଏ ଧାରଣା ଦିଆଯାଇ ବିକ୍ଷୋଭ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ପେନ୍ସନର ଓ ନୂତନ ପେନସନଭୁକ୍ତ କର୍ମଚାରୀ ଯୋଗଦେଇଥିଲେ। ଧାରଣା ସ୍ଥଳରେ ସଭାପତି ଡି.ମୋହନ ରାଓ, ସମ୍ପାଦକ ଶଙ୍କର୍ଷଣ ପାତ୍ର, ସହ ସମ୍ପାଦକ ନୀଳାଞ୍ଚଳ ମିଶ୍ର , ପୂର୍ବତନ ସଭାପତି କେ ନନ୍ଦେଶୁ ସେନାପତ ପ୍ରମୁଖ କେନ୍ଦ୍ର ସରକାରଙ୍କ ପେନ୍ସନର ମାରଣ ନୀତି ନୂଆ ପେନସନ ଏନପିଏସ ଓ ଉନିଫାଏଡ଼ ପେନସନ ଯୋଜନାକୁ ଘୋର ବିରୋଧ କରିଥିଲେ ।

ଏନପିଏସ ଓ ୟୁପିଏସ୍ କୁ ବାତିଲ କରାଯାଇ ପୁରୁଣା ପେନସନ୍ କୁ ହିଁ ସମସ୍ତ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଉ ବୋଲି ଦାବି ରଖିଥିଲେ। ଏହାସହ ଓଡ଼ିଶାର ସମସ୍ତ ପେନସନର ମାନଙ୍କୁ କେନ୍ଦ୍ର ଅନୁରୂପ ଚିକିତ୍ସାଭତ୍ତା ପ୍ରଦାନ କରିବା, ବରିଷ୍ଠ ନାଗରିକଙ୍କୁ ଆଗରୁ ଦିଆଯାଉଥିବା ରେଳ ଟିକଟରେ ରିହାତି ପୁନଃ ପ୍ରଚଳନ କରିବା ଆଦି ୯ ଦଫା ଦାବୀ ସପକ୍ଷରେ ସ୍ଲୋଗାନ ଦିଅଯାଇଥିଲା। ଅପରାହ୍ନ ୧ ଘଣ୍ଟା ସମୟରେ ସଭାପତି ଡି. ମୋହନ ରାଓଙ୍କ ନେତୃତ୍ୱରେ ସମ୍ପାଦକ ଶଙ୍କର୍ଷଣ ପାତ୍ର, ପୂର୍ବତନ ସଭାପତି କେ. ନାଂଦେଷୁ ସେନାପତି ଓ ଅଗନ୍ତୁ ଗୁପ୍ତା ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁରଙ୍କ ଅନୁପସ୍ଥିତିରେ ଅତିରିକ୍ତ କମିଶନରଙ୍କ ମାଧ୍ୟମରେ ସମ୍ମାନାନୀୟ ଭାରତର ପ୍ରଧାନ ମନ୍ତ୍ରୀ ଓ ସମ୍ମାନାନୀୟ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ବିହିତ ପଦକ୍ଷେପ ନେବାପାଇଁ ପ୍ରେରଣ କରାଗଲା।

ଏହି କାର୍ଯ୍ୟକ୍ରମରେ ଏମ୍.ନରସିଂହା, ଡି.ସୁଦର୍ଶନ ରାଓ, ବି. ରାଙ୍ଗା ରାଓ, ଡି.ଗୁରୁମୂର୍ତୀ ପାତ୍ର, ମହର୍ଷି ସିଂ,ଟି. ଯୋଗେଶ୍ୱର, କେଶବ ଗୌଡ଼, ବସନ୍ତ କୁମାର ପାତ୍ର, ବି.ମୋହନ ରାଓ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

# ପଲ୍ଲୀ ବିକାଶର ନୂତନ କର୍ମକର୍ତ୍ତା ଚୟନ

ଆସିକା, (ସବ୍ୟୁ): ପଲ୍ଲୀ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନୂତନ ପରିଚାଳନା ସମିତି ଗଠନ ହୋଇ ଯାଇଛି। ସମସ୍ତ ସଭ୍ୟ ଓ କର୍ମକର୍ତ୍ତାଙ୍କ ସହମତି କ୍ରମେ ନୂତନ ଭାବେ ଉପଦେଷ୍ଟା ଅରୁଣ କୁମାର ପାଠୀ, କିରଣ କୁମାର ପାଢ଼ୀ, ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କୁ ଚୟନ କରାଯାଇଥିଲା। ସେହିଭଳି ସଭାପତି ରୂପେ ସଞ୍ଜୟ କୁମାର ପଣ୍ଡା, ଉପ ସଭାପତି ଅଶୋକ କୁମାର ପାଢ଼ୀ, ହରିବନ୍ଧୁ ନାୟକ, ସମ୍ପାଦକ ଆଲୋକ କୁମାର ନାୟକ, ଯୁଗ୍ମ ସମ୍ପାଦକ ଜନାର୍ଦ୍ଦନ ପାଢ଼ୀ, କୋଷାଧ୍ୟକ୍ଷ କାହ୍ନୁ ଚରଣ ବେହେରା, ସଂଯୋଜକ ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଚିନ୍ତାମଣୀ ବେହେରା, ସଦସ୍ୟ ଆଶିଷ କୁମାର ପଣ୍ଡା, ସୂର୍ଯ୍ୟକାନ୍ତ ବେହେରା, ବିନୋଦ କୁମାର ଗୌଡ଼, ଶିବାନୀ ପଣ୍ଡା, ସସ୍ମିତା ପାଢ଼ୀଙ୍କୁ ଚୟନ କରାଯାଇଛି।

# ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଡାକ୍ତରୀ ପରୀକ୍ଷଣ ଶିବିର

ବୁଗୁଡ଼ା, (ସବ୍ୟୁ): ସମଗ୍ର ଶିକ୍ଷା, ଗଞ୍ଜାମ ଆନୁକୁଲ୍ୟରେ ସ୍ଥାନୀୟ ବିରଞ୍ଚି ନାରାୟଣ ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଡାକ୍ତରୀ ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ସମେତ ଜଗନ୍ନାଥ ପ୍ରସାଦ ଓ ପୋଲସରା ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୧୦୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଏହି ଡାକ୍ତରୀ ପରୀକ୍ଷଣ ଶିବିରରେ ଯୋଗ ଦେଇଥିଲେ ।

ମସ୍ତିଷ୍କ ପକ୍ଷାଘାତ, ସ୍ୱଳ୍ପଦୃଷ୍ଟି ବାଧିତ, ଗ୍ରହଣ ଖଣ୍ଡିଆ, ତାଲୁକଣା ଓ ମୁଖ ଗହ୍ୱର ଆଦି ସମସ୍ୟା ସହ ଜଡିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଶ୍ୱିନୀ ହସ୍ପିଟାଲ, କଟକ ଓ ସାଇଟସେଭର୍ସ ଇଣ୍ଡିଆର ମିଳିତ ସହଯୋଗରେ ଆୟୋଜିତ ଉକ୍ତ ଶିବିରକୁ ବିଡିଓ ଚିନ୍ମୟ ମହାପାତ୍ର ଉଦଘାଟନ କରିଥିବା ବେଳେ ଏଥିରେ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ ଅନ୍ତର୍ନିବେଶୀ ଶିକ୍ଷାଦାତା ସଂଯୋଜକ ତପନ କୁମାର ସାହୁ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । ଏହି ଏକଦିବସୀୟ ଶିବିରକୁ ଗୋଷ୍ଠୀ ସମ୍ବଳ ବ୍ୟକ୍ତି ସୋନାଲିନ୍ ପଣ୍ଡା, ଏମ.ଡମ୍ବୁରୁ ଦୋରା, ହେମନ୍ତ କୁମାର ନନ୍ଦ, ଅଜୟ କୁମାର ସାହୁ, ଉପେନ୍ଦ୍ର ସେଠୀ, ସୁଶାନ୍ତ କୁମାର ଡାକୁଆ, ରବିନ୍ଦ୍ର ପରିଡ଼ା, କମୋଲିନୀ ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ଶୁଭେନ୍ଦୁ କୁମାର ସ୍ୱାଇଁ, ସୁଶାନ୍ତ କୁମାର ଗୌଡ, ପ୍ରମୋଦ କୁମାର ମିଶ୍ର, ମିଟୁ କୁମାର ଗୌଡ, ବଦ୍ରି ପ୍ରସାଦ ସ୍ୱାଇଁ, ଲକ୍ଷ୍ମଣ ସେଠୀ, ବୁଲୁ ଚରଣ ରଥ ଓ ଦିପକ ସେଠୀ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ବିସିଜି ଟିକାକରଣର ଶୁଭାରମ୍ଭ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ବିସିଜି ଟୀକାକରଣର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ ନିମନ୍ତେ ଜିଲ୍ଲା ଟାସ୍କ ଫୋର୍ସ କମିଟିର ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକ ଅନୁଯାୟୀ ଜିଲ୍ଲାର ପ୍ରତ୍ୟେକ ୬୦ବର୍ଷରୁ ଉଦ୍ଧର୍ବ ବୟସର ସମସ୍ତ ବ୍ୟକ୍ତି ମାନଙ୍କ ସମେତ ୧୮ବର୍ଷରୁ ୬୦ ବର୍ଷ ବୟସ ମଧ୍ୟରେ ଥିବା ବ୍ୟକ୍ତିଙ୍କ ଚିହ୍ନଟ ଓ କେତେକ ନର୍ଦ୍ଦିଷ୍ଟ ଯୋଗ୍ୟ ବ୍ୟକ୍ତି ଏହି ପ୍ରତିଷେଧକ ଟିକା ନେଇ ପାରିବେ ସେ ବିଷୟରେ ଏବଂ ଜିଲ୍ଲାରେ ଏହି କାର୍ଯ୍ୟ କିଭଳି ପ୍ରସାରିତ ହେବ ସେ ବିଷୟରେ ଆଲୋଚନା ହୋଇଥିଲା । ସୂଚନା ଥାଉ ଯେ, ଭାରତରେ ଶିଶୁର ଜନ୍ମ ସମୟରେ ଓ ଶିଶୁ ଜନ୍ମର ୧ବର୍ଷ ମଧ୍ୟରେ ବି.ସି.ଜି. ଟୀକା ଦିଆଯାଉଛି ଏବଂ ଏଥିରୁ ସ୍ପଷ୍ଟ ଭାବରେ ଜଣାଯାଏ ଯେ ଏହି ଟୀକା ଶିଶୁମାନଙ୍କୁ ଯକ୍ଷ୍ମାର ଗୁରୁତର ରୂପରୁ ସୁରକ୍ଷା ଦେଉଛି । ବର୍ତ୍ତମାନ ତଥ୍ୟରୁ ଜଣାଯାଇଛି ଯେ ବୟସ୍କ ଲୋକଙ୍କୁ ବି.ସି.ଜି. ଟୀକା ଦେଲେ ସେମାନଙ୍କର ରୋଗ ପ୍ରତିରୋଧକ କ୍ଷମତା ଆହୁରି ଅଧିକ ବଢୁଛି ଏବଂ ଏହା ସେମାନଙ୍କୁ ଆହୁରି ୧୦ ରୁ ୧୫ ବର୍ଷ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗରୁ ବଞ୍ଚାଇ ପାରିବ ।

ଏଣୁ ଏହାକୁ ପ୍ରତ୍ୟେକ ଗ୍ରାମ ଠାରୁ ଆରମ୍ଭ କରି ସମଗ୍ର ଜିଲ୍ଲାରେ କିଭଳି ପ୍ରଣୟନ କରି ହେବ ଏବଂ ସେ ବିଷୟରେ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳନା ୟୁନିଟ୍‌ର କର୍ମକର୍ତ୍ତା ସମଗ୍ର ଜିଲ୍ଲାରେ କିଭଳି ପ୍ରଚାର ପ୍ରସାର କରିବେ ସେ ବିଷୟରେ ବିଶଦ ଆଲୋଚନା ହୋଇଥିଲା । ଜିଲ୍ଲାରେ ଏହି ପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ବିସିଜି ଟିକାକରଣ ହିତାଧିକାରୀଙ୍କ ସଂଖ୍ୟା ୪୬୮୬୯୯ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬୦ ପ୍ରତିଶତ ଜନସାଧାରଣ ଏଥି ନିମନ୍ତେ ପଞ୍ଜିକରଣ କରିସାରିଛନ୍ତି । ମୟୂରଭଞ୍ଜ ଜିଲ୍ଲା ପାଇଁ ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ତରରେ ମାନ୍ୟବର ମନ୍ତ୍ରୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗ, ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଶୁଳିଆପଦା ବ୍ଲକ ଅନ୍ତର୍ଗତ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଉଦ୍ଘାଟନ କରିବାକୁ ଥିବା ବେଳେ ସମସ୍ତ ବ୍ଲକରେ ଏହି କାର୍ଯ୍ୟକ୍ରମ ଆସନ୍ତା ୨୮ତାରିଖ ଦିନ ଉଦ୍ଘାଟନ କରାଯିବ ।

ଉକ୍ତ ବୈଠକରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଅଭୟ କୁମାର ଦାଶ, ବାରିପଦା ପୌରପାଳିକା ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ସିଂକୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।

ସୂଚନା ଯୋଗ୍ୟଯେ, ବି.ସି.ଜି. ଟୀକା ନିର୍ଦ୍ଧାରିତ ଅଞ୍ଚଳର ଟୀକାକରଣ କେନ୍ଦ୍ରରେ ବିନା ମୂଲ୍ୟରେ ଉପଲବ୍ଧ । ବୟସ୍କ ବି.ସି.ଜି. ଟୀକା ଅଭିଯାନ ସମୟରେ ୩ମାସ ସମୟ ମଧ୍ୟରେ ଏହି ଟୀକା ଦିଆଯିବ । ଜନସାଧାରଣଙ୍କ ଅଧିକ ସୂଚନା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର ବା ସ୍ୱାସ୍ଥ୍ୟ କର୍ମୀ ବା ଆଶା ଦିଦିଙ୍କ ସହିତ ଯୋଗାଯୋଗ କରିବା ଉଚିତ ଅଥବା ଦେୟମୁକ୍ତ ହେଲ୍ପଲାଇନ ନଂ ୧୮୦୦-୧୧-୬୬୬୬ ରେ ଯୋଗାଯୋଗ କରାଯିବ ବୋଲି ଜିଲ୍ଲା ପ୍ରଶାସନ ନିବେଦନ କରିଛି ।

# ପର୍ଯ୍ୟଟନ ଓ ଶାନ୍ତି ଆଧାରିତ କୁଇଜ୍ ପ୍ରତିଯୋଗିତା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାସ୍ତରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ବାରିପଦା କଲେକଟରେଟ ସ୍ଥିତ ସମ୍ମିଳନୀ କକ୍ଷରେ ଏହି ଦିବସ ଉପଲକ୍ଷେ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲାପ୍ରଶାସନ ଏବଂ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ଆଜି ଆରମ୍ଭ ହୋଇଥିବାବେଳେ ୨୭ତାରିଖ ତଥା ଶୁକ୍ରବାର ସକାଳ ୯ଟା ସମୟରେ ସୀତାକୁଣ୍ଡ ଠାରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସଫେଇ କାର୍ଯ୍ୟ ଅନୁଷ୍ଠିତ ହେବାକୁ ଯାଉଛି ।

ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ, ଆତିଥ୍ୟ ଏବଂ ପର୍ଯ୍ୟଟନ, ପର୍ଯ୍ୟଟନ ବିଭାଗ, ଓଡିଶା ସରକାର ପ୍ରଫେସର ଡଃ ସପନ କୁମାର ସତୁଆଳ ଯୋଗ ଦେଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ କରିଥିଲେ । ଚଳିତ ବର୍ଷର ବିଷୟ ବସ୍ତୁ 'ପର୍ଯ୍ୟଟନ ଓ ଶାନ୍ତି ସମ୍ବଳିତ ସାଧାରଣ ଜ୍ଞାନ ପ୍ରଶ୍ନ କନିଷ୍ଠ, ମାଧ୍ୟମିକ ଏବଂ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇ ଲିଖିତ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ମୁଖ୍ୟଅତିଥିଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରଯାଇଥିଲା । ଏହି କାର୍ଯ୍ୟକ୍ରମର ସଂଚାଳନ, ସ୍ୱାଗତ ଭାଷଣ ଏବଂ ପରିଚାଳନା ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା କରିଥିବାବେଳେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ ।

# ଗୋପାଳଜୀ ଟ୍ରକ ମାଲିକ ସଂଘର ଧାରଣା ନବମ ଦିନରେ

କଣିହାଁ,(ସବ୍ୟୁ) : କଣିହାଁ କୋଇଲା ଖଣିରେ ଲୋକାଲ ସେଲ କୋଇଲା ପରିବହନରେ 'ଫାଷ୍ଟ କମ ଫାଷ୍ଟ ସର୍ଭିସ' ଲାଗୁ କରିବା ଦାବୀରେ ଗୋପାଳଜୀ ଟ୍ରକ ମାଲିକ ସଂଘ ପକ୍ଷରୁ କଣିହାଁ କୋଇଲା ଖଣି ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଦେଇଥିବା ଧାରଣା ଆଜକୁ ୯ମ ଦିନରେ ପହଂଚିଛ । ଉକ୍ତ ଧାରଣା ଗତ ୧୮ତାରିଖ ଠାରୁ ଆରମ୍ଭ ହୋଇଛି । ଧାରଣାର ୨ୟ ଦିନରେ ଆଞ୍ଚଳିକ ଟ୍ରକ ମାଲିକ ସଂଘର ସଦସ୍ୟ ଧାରଣାସ୍ଥଳୀକୁ ଆସି ମରଣାନ୍ତକ ଆକ୍ରମଣ କରି ୪ଜଣଙ୍କୁ ଆହାତ କରିଛନ୍ତି । ଏଥିନେଇ ଆକ୍ରମଣ କାରୀଙ୍କ ବିରୁଦ୍ଧରେ ଗୋପାଳଜି ଟ୍ରକ ମାଲିକ ସଂଘ ପକ୍ଷରୁ କଣିହାଁ ଥାନାରେ ଅଭିଯୋଗ ହୋଇଛି । ଏପରି ସ୍ଥଳେବର୍ତ୍ତମାନ ପର୍ଯ୍ୟନ୍ତ ଧାରଣା କାରୀଙ୍କ ସହିତ ଏମସିଏଲ କର୍ତ୍ତୃପକ୍ଷ ନା ପ୍ରଶାସନ କୌଣସି ଆଲୋଚନା କରିନଥିବା କିମ୍ବା ସାମାନ୍ୟତମ ଆନ୍ତରିକତା ଦେଖାଉନଥିବା ସଂଘ ପ୍ରକାଶ କରିଛି । ଏଥି ନେଇ ସଂଘ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ବୁଧବାର ସକାଳେ ସଂଘର ସଭାପତି ସୁମିତ୍ରା ଦାସ ଓ ସଂପାଦକ ଅଭୟ ମହାନ୍ତି ଙ୍କ ନେତୃତ୍ୱରେ ଟ୍ରକ ମାଲିକମାନେ କଣିହାଁ କୋଇଲା ଖଣି ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଗାନ୍ଧିଙ୍କ ଫଟୋ ରଖି ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତ ।

ସଂଘ ପକ୍ଷରୁ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟଙ୍କ ଆଦେଶ ମୁତାବକ କଣିହାଁ କୋଇଲା ଖଣିରେ ଫାଷ୍ଟ କମ ଫାଷ୍ଟ ସର୍ଭିସି ନୀୟମ ଲାଗୁ କରିବା , ପାର୍କିଂ ସ୍ଥାନରେ ସିସି କ୍ୟାମେରା ଲଗାଇବା, କ୍ୟୁଆର କୋଡ ଥିବା ଟୋକନ ପ୍ରଦାନ ଇତ୍ୟାଦି ଦାବୀ ନେଇ ଧାରଣା ଦିଆଯାଇଛି। ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଉଚିତ ଭଡ଼ା ପ୍ରଦାନ ନେଇ ଟ୍ରକ ମାଲିକ ସଂଘର ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

# ଭଡ଼ାକଟାକୁ ନେଇ ଆନ୍ଦୋଳନ ନିଷ୍ପତ୍ତି

ତାଳଚେର, (ସବ୍ୟୁ) : ତାଳଚେର ଟ୍ରକ ମାଲିକମାନଙ୍କ ପ୍ରତି ପରିବହନକାରୀ ସଂସ୍ଥାର ଅସହଯୋଗ ଓ ଭଡ଼ାକଟା ନୀତି ଯୋଗୁଁ ଟ୍ରକମାଲିକ ମାନଙ୍କ ଦୁଃଖ ଦୂରହେବା ପରିବର୍ତ୍ତେ ଦିନକୁ ଦିନ ଆହୁରି ଜଟିଳ ହେଉଛି ବୋଲି ଟ୍ରକ ମାଲିକମାନେ ଅଭିଯୋଗ କରିଛନ୍ତି ।

ଏହା ଫଳରେ ଟ୍ରକମାଲିକ ପରିବାର ଉପରେ କଳାବାଦଲ ଘେରି ରହିଥିବା ପରି ବିପଦ ସୃଷ୍ଟି ହୋଇଛି । ଗତ ୧୦ମାସ ପରେ ଭଡ଼ାବୃଦ୍ଧି ପାଇ ଟ୍ରକମାଲିକ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇ ଟ୍ରକମାଲିକ ଭଡ଼ା ବୃଦ୍ଧିନେଇ ସ୍ଥାନୀୟ ବିଧାୟକ, ପ୍ରଶାସନ ଓ ପରିବହନକାରୀ ସଂସ୍ଥା ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ବୈଠକ ହୋଇଥିଲା ।



ଆଲୋଚନାରେ ଭଡ଼ା ବୃଦ୍ଧିନେଇ ନିଷ୍ପତି କରାଯାଇ ଭଡ଼ା ବୃଦ୍ଧି ହୋଇଥିଲା ।

ତେବେ ନିଷ୍ପତି ମୁତାବକ ସବୁକିଛି ଠିକଠାକ୍ ଚାଲିବାପରେ ପୁଣି ଧିରେ ଧିରେ ଏହି ନିଷ୍ପତି ଆଣ୍ଠେଇବାକୁ ବସିଲା । ଏବେ ଭଡ଼ାବୃଦ୍ଧି ଚୂଲିକି ଯିବା ପରି ପୁରୁଣା ରେଟ୍‌ରୁ ମଧ୍ୟ ଭଡ଼ାକାଟି କମ ଦର ପରିବହନକାରୀ ସଂସ୍ଥା ଟ୍ରକମାଲିକମାନଙ୍କୁ ପ୍ରଦାନ କରୁଛନ୍ତି ବୋଲି ଅଭିଯୋଗ ହେଉଛି । ପ୍ଲାଂଟ ସହିତ ସଲାସୂତରା କରି କିଛି ଦଲାଲ ସାଜି ପରିବହନକାରୀ ସଂସ୍ଥା ଏପରି ପରିସ୍ଥିତି ସୃଷ୍ଟି କରିଛନ୍ତି ବୋଲି ଆଜି ଭରତପୁର ସ୍ଥିତ ରବିନ୍ଦ୍ରଭାରତ ମଣ୍ଡପ ଠାରେ ଏକ ବୈଠକ ବସି ଭଡ଼ା ବୃଦ୍ଧ ପରିବର୍ତ୍ତେ କାଟକୋଷକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଟ୍ରକ ମାଲିକମାନେ ଏହା ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ଟ୍ରକ ମାଲିକ ସଂଘର ସଭାପତି ଅରବିନ୍ଦ ଭୁତିଆ, ସମ୍ପାଦକ ରତନ ଶତପଥୀ, କାର୍ଯ୍ୟକାରୀ ସଭାପତି ଟୁକୁନା ସ୍ୱାଇଁ, ଉପଦେଷ୍ଟା ମୁରଲୀ ସାହୁ, ଆଂଚଳିକ ଟ୍ରକମାଲି ସଂଘ ସଭାପତି ମାନସ ରଞ୍ଜନ ଆଚାର୍ଯ୍ୟ ଏବଂ ପ୍ରତ୍ୟେକ ସେକ୍ଟର ପ୍ରତିନିଧି ଉପସ୍ଥିତ ଥିଲେ ।

# ଜିଲ୍ଲା ସମାଜସେବୀ ମହାସଂଘ ପକ୍ଷରୁ ସଫେଇ ଓ ବୃକ୍ଷରୋପଣ

ବଅଁରପାଳ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜିଲ୍ଲା ସମାଜସେବୀ ମହାସଂଘ ତରଫରୁ ସଫେଇ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଛି । ଏଥିରେ ମୁଖ୍ୟ ଚିକିତ୍ସା ଅଧିକାରୀ ଶିବାନନ୍ଦ ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସଫଳ କରିବା ସହିତ ସମାଜସେବୀମାନଙ୍କ କାର୍ଯ୍ୟକୁ ବହୁ ପ୍ରଶଂସା କରିଥିଲେ ।

ସୂଚନା ଯେ, ଲିମ୍ବ, କରଞ୍ଜ, ଆମ୍ବ, ଅଶୋକ, ଅଁଳା, ପଣସ ପ୍ରଭୃତି ବୃକ୍ଷ ରୋପଣ କରି ତାର ଯତ୍ନ ନେବାକୁ ମୁଖ୍ୟ ଚିକିତ୍ସା ଅଧିକାରୀ ମେଡିକାଲ ଷ୍ଟାପ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏପଟେ ସମାଜସେବୀ ମହାସଂଘର ଆବାହକ କିନ୍ନର ଚିନ୍ମୟୀ ଦାସ କହିଛନ୍ତି ଅନୁଗୋଳ ଜିଲ୍ଲାରେ ବ୍ୟାପକ ବୃକ୍ଷରୋପଣ ଓ ତାର ଯତ୍ନ ନିଆଯିବ ।

ସେପଟେ ମହାସଂଘର ସଭାପତି ସୁଧାକର ସାହୁ ଜଣାଇଛନ୍ତି ମନ୍ଦିର , ଶ୍ମଶାନ,ବିଭିନ୍ନ ଶିକ୍ଷାନୁଷ୍ଠାନ, ପୋଲିସ ବ୍ୟାରେକ, ସହରାଞ୍ଚଳ, ଗ୍ରାମାଞ୍ଚଳରେ ସଫେଇ ସହ ବୃକ୍ଷରୋପଣ ସହିତ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ଯଥା ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ (କାଣ୍ଡସର ), ମାନବ ସେବାଶ୍ରମ (ଅନୁଗୋଳ )ଶେଷ ଜୀବନ ସାଥି (ବନ୍ଧା ),ମା ଫାଉଣ୍ଡେସନ (ଚୌଦ୍ୱାର ),ମାନବସେବା ମାଧବ ସେବା ଚାରିଟେବୁଲ ଟ୍ରଷ୍ଟ (ଖଣ୍ଡାହତା ).କୋହିନୁର କ୍ଲବ (ବଳରାମ ପ୍ରସାଦ )ପ୍ରଭୃତି ଯୋଗଦେଇଥିଲେ ।

# ଡାକ୍ତରଙ୍କ ଭୁଲ ଚିକିତ୍ସା ଯୋଗୁଁ ପୀଡ଼ିତ ଭୋଗିଲେ ଯନ୍ତ୍ରଣା

ତାଳଚେର, (ସବ୍ୟୁ) : ତାଳଚେର ବ୍ଲକ ଅନ୍ତର୍ଗତ ସନ୍ଥପଡ଼ା ଗ୍ରାମର ସିଦ୍ଧେଶ୍ୱର ସାମଲଙ୍କ ପୁତ୍ର କୃତାର୍ଥ ସାମଲଙ୍କ ଦାନ୍ତରେ ଯନ୍ତ୍ରଣା ହେବାରୁ ସେ ତାଳଚେର ଉପଖଣ୍ଡ ମଣ୍ଡାପାଳ ଡ଼ାକ୍ତରଖାନାକୁ ଆସି ଦାନ୍ତ ଡ଼ାକ୍ତରାଣୀଙ୍କ ପାଖରେ ଚିକିତ୍ସିତ ହେଉଥିଲେ । ଡ଼ାକ୍ତରାଣୀଙ୍କ ପରାମର୍ଶ ଅନୁଯାୟୀ ପରୀକ୍ଷା ନିରୀକ୍ଷାପରେ ଦାନ୍ତ ଟିକୁ ଉପାଡ଼ିବା ପାଇଁ କହିଥିଲେ । ମାତ୍ର ପିଡ଼ୀତଙ୍କର ପୋକ ଖାଉଥିବା ଦାନ୍ତଟିକୁ ଡ଼ାକ୍ତର ଉପାଡ଼ି ପରିବର୍ତ୍ତେ ଭଲ ଦାନ୍ତଟିକୁ ଉପାଡ଼ି ଦେଇଥିଲେ ବୋଲି ସେ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ଏହା ଦ୍ୱାରା ତାଙ୍କ ଦାନ୍ତରେ ଅଧିକ ଯନ୍ତ୍ରଣା ହେବା ସହ ସେ ବହୁକଷ୍ଟ ପାଉଛନ୍ତି ବୋଲି ସେ ଏହା ପ୍ରକାଶ କରିଛନ୍ତି । ଏସମ୍ପର୍କରେ ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତିକି ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତେବେ ଏଠାରେ ପ୍ରଶ୍ନ ଉଠେ ଖରାପ ହେଉଥିବା ଦାନ୍ତଟିକୁ ଡ଼ାକ୍ତର ଏକ୍ସରେ କରିବା ସହ ବ୍ଲଡ଼ ପ୍ଲଟିଙ୍ଗ ପରୀକ୍ଷା କରାଇଥିଲେ ନା ନାହିଁ ତଦନ୍ତ କରିବା ସହ ପୋକ କାଟୁଥିବା ଦାନ୍ତଟିକୁ ନଉପାଡ଼ି ଭଲ ଦାନ୍ତଟିକୁ କିପରି ଉପାଡ଼ିଲେ ଓ ସେଥିପାଇଁ ଦାୟୀ କିଏ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ହାଇଡ୍ରୋସିଲ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ଶିବିର

ଭୁବନ,(ସବ୍ୟୁ) : ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ହାଇଡ୍ରୋସିଲ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡ଼ଃ ସଂକଳ୍ପ କେଶରୀ ଭୋଳ,ଆନାସ୍ଥାସିଆ ବିଶେଷଜ୍ଞ ଡ଼ଃ ଆପୋଲୋ ଦାସ,ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡ଼ଃ ରମେଶ କୁମାର ସାହଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୦ ଜଣ ହାଇଡ୍ରୋସିଲ ରୋଗୀଙ୍କୁ ମାଗଣାରେ ଅସ୍ତ୍ରୋପଚାର କରାଯାଇଥିଲା ।

ଏହି ଅସ୍ତ୍ରୋପଚାର କାର୍ଯ୍ୟକ୍ରମରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ,ଭେକ୍ଟର ବାହିତ ରୋଗ ପରିଦର୍ଶକ ଅମିତ କୁମାର ସାମଲ,ନର୍ସିଂ ଅଫିସର ଗାୟତ୍ରୀ ସାହୁ,କୋଷାଧ୍ୟକ୍ଷ ଶୁଭକାନ୍ତ ଆଚାର୍ଯ୍ୟ,ସ୍ୱାସ୍ଥ୍ୟ କର୍ମୀ ଅଜିତ କୁମାର ଦାଶ,ମାନସ ରଞ୍ଜନ ସାହୁ ଙ୍କ ସମେତ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ରାଉତ,ସୁଦର୍ଶନ ଜେନା,ସିଦ୍ଧାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ପାହାଡ଼ କାଟି ମୋରମ ଚାଲାଣ କରୁଛି ଠିକାସଂସ୍ଥା

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳ ରେ ଥିବା ପାହାଡ ଗୁଡିକ ଏବେ ଧ୍ୱଂସ ମୁଖରେ ପଡିଛି । ବିଶେଷ କରି ହଣ୍ଡପା ଥାନା ଅଞ୍ଚଳରେ ଥିବା ୩ ଟି ପାହାଡ କୁ ପ୍ରତେକ ଦିନ ଜାତୀୟ ରାଜପଥ କାମ କରୁଥିବା ଠିକାସଂସ୍ଥା ଏଆଇପିଏଲ ପକ୍ଷରୁ କାଟି ଟ୍ରିପ ଟ୍ରିପ ମାଟି ଚାଲାଣ କରୁଥିବା ସାଧାରଣ ରେ ଅଭିଯୋଗ ହୋଇଛି । ଯାହାକୁ ନେଇ ପରିବେଶ ବିତ ମହଲରେ ଅସନ୍ତୋଷ ଦେଖାଦେଇଛି ।

ଘଟଣାରୁ ଜଣା ପଡିଛି ଯେ ୫୫ ନମ୍ବର ଜାତୀୟ ରାଜପଥ ରେ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ରୁଥିବା ବେଳେ ଏବେ ମାଟି ଆବଶ୍ୟକ ପଡୁଥିବା ଯୋଗୁଁ ଠିକାସଂସ୍ଥା ଏଆଇପିଏଲ ପକ୍ଷରୁ ହଣ୍ଡପା ଥାନା ଅଞ୍ଚଳରେ ଥିବା ପାହାଡ ଗୁଡିକରେ ଆଖି ପକାଇଛି । ବିଶେଷ କରି ୩ ଟି ପାହାଡକୁ କିଛି ଦିନ ହେବ ଦିନ ତମାମ ୨ ଟି ଲେଖାଏ ଚେନ ଜେସିବି ମେସିନ ଦ୍ୱାରା କାରୀ ହାଇୱା ମାଧ୍ୟମରେ ଟ୍ରିପ ଟ୍ରିପ ମାଟି ବେଆଇନ ଭାବରେ ସଂଗ୍ରହ କରି ନିଜ କାମରେ ବ୍ୟବହାର କରୁଛି । ବିଭିନ୍ନ ଗ୍ରାମବାସୀ ଏହାକୁ ବିରୋଧ କଲେ ମଧ୍ୟ ପୋଲିସ ଗିରଫ ଦାରି ଭୟ ଦେଖାଇ ଖଣିଜ ସମ୍ପତି ଲୁଟ କରୁଥିବା ଅଭିଯୋଗ ହୋଇଛି ।

ଏ ନେଇ ରାଜସ୍ୱ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନଥିବା ବେଳେ ଏ ଭଳି ବେଆଇନ ଭାବରେ ମୋରମ ଚାଲାଣ ନେଇ ଅସନ୍ତୋଷ ଦେଖା ଦେଇଛି । ତୁରନ୍ତ ଏଥିପ୍ରତି ବିଭାଗୀୟ ଅଧିକାରୀ ମାନେ ପଦକ୍ଷେପ ନେଇ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି । ଏ ନେଇ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ କୁହନ୍ତି ରାଜସ୍ୱ ବିଭାଗ ପକ୍ଷରୁ ପାହାଡ କାଟିବା ପାଇଁ କୌଣସି ଅନୁମତି ଦିଆଯାଇ ନାହି । ଏ ନେଇ ମାଇନ୍ସ ବିଭାଗକୁ ଚିଠି ମାଧ୍ୟମରେ କାର୍ଯାନୁଷ୍ଠାନ ପାଇଁ ଅବଗତ କରାଯିବ ।

# କେନ୍ଦ୍ରୀୟ ପୂଜା କମିଟି ନୂତନ କର୍ମକର୍ତ୍ତା ଚୟନ



ଅନୁଗୋଳ, (ସବ୍ୟୁ) : ଅନୁଗୋଳ ସହରରେ ଆସନ୍ତା ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ପାଳନ ନିମନ୍ତେ କେନ୍ଦ୍ରୀୟ ପୂଜା କମିଟି ପକ୍ଷରୁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମାରୱାଡି ଧର୍ମଶାଳା ଠାରେ ଅନୁଷ୍ଠିତ ସଭାରେ ସଭାପତି ଭାବେ ସୁନୀଲ କୁମାର ସାହୁ, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ପ୍ରଧାନ ସର୍ବସମ୍ମତି କ୍ରମେ ମନୋନୀତ ହୋଇଥିଲେ । କୋଷାଧକ୍ଷ ଭାବେ ଅମରେନ୍ଦ୍ର ସ୍ୱାଇଁ, ଉପସଭାପତି ସନ୍ତୋଷ ଦାସ, ଚନ୍ଦ୍ରକାନ୍ତ ଧଳ, ରତିକାନ୍ତ ଦାସ, ଶୁଭ୍ରାଂଶୁ ସାହୁ ପ୍ରମୁଖ ମନୋନୀତ ହୋଇଥିଲେ ।

ସେହିପରି ପଦ୍ମଚରଣ ପ୍ରଧାନ, ପ୍ରଭାତ ପ୍ରଧାନ, ରଂଜିତ ମାଣ୍ଡୋଠିଆ ଏବଂ ଆଦର୍ଶ ସାହୁଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା । ଉପଦେଷ୍ଟା ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ନୀଳମଣି ଏବଂ ଭକ୍ତି ପ୍ରସାଦ ଦାସଙ୍କୁ ଚୟନ କରାଯାଇଛି । ବସଷ୍ଟାଣ୍ଡ ଲକ୍ଷ୍ମୀ ପୂଜା କମିଟି ସଭାପତି ନୀଳମଣି ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ୩୨ରୁ ଉର୍ଦ୍ଧ୍ୱ ପୂଜା କମିଟିର କର୍ମକର୍ତ୍ତା ଯୋଗଦେଇଥିଲେ ।

# ଭୁଜାଲିରେ ଆକ୍ରମଣ କରି ୨ଲକ୍ଷ ୧୭ହଜାର ଲୁଟିନେଲେ ଦୁର୍ବୃତ୍ତ

ତାଳଚେର, (ସବ୍ୟୁ) : ତାଳଚେର ଟାଉନ ଥାନା ଅନ୍ତର୍ଗତ ଗୋଡ଼ିବନ୍ଧ ଏନଟିପିସି ରାସ୍ତାରେ ମୁଖାପିନ୍ଧା ୪ଜଣ ଦୃର୍ବୁତ ଅମୂଲ କମ୍ପାନୀର ସେଲସ୍‌ମ୍ୟାନଙ୍କୁ ଗତରାତିରେ ଆକ୍ରମଣ କରି ୨ଲକ୍ଷ ୧୭ହଜାରର ଟଙ୍କା ଲୁଟିନେଇଛନ୍ତି ବୋଲି ତାଳଚେର ଟାଉନ ପୋଲିସ୍ ନିକଟରେ ଅଭିଯୋଗ ହୋଇଛି । ତାଳଚେର ଟାଉନରେ ଥିବା ଅମୂଲ କମ୍ପାନୀର ଅମୂଲ ସାମଗ୍ରୀକୁ ତାଙ୍କର ସେଲସ୍‌ମ୍ୟାନ ରାକେଶ ବେହେରାକୁ ଏକ ୪୦୭ ଗାଡ଼ିରେ ଏନଟିପିସିକୁ ପଠାଇଥିଲେ । ସେଠାରେ ସେ ଅମୂଲ ସାମଗ୍ରୀ ବିକ୍ରି କରିସାରି ନଗଦ ୨ଲକ୍ଷ ୧୭ହଜାର ଟଙ୍କା ଧରି ତାଳଚେରକୁ ଫେରୁଥିବା ବେଳେ ଗୋଡ଼ିବନ୍ଧ ଏନଟିପିସି ରାସ୍ତାର ଶିବରାମପୁର ନିକଟରେ ମୁଖ୍ୟାପିନ୍ଧା ୪ଜଣ ଦୃର୍ବୁତ ଏକ ବୋଲେରୋରେ ଆସି ତାଙ୍କୁ ଅଟକାଇ ଥିଲେ । ଦୃର୍ବୁତମାନେ ହଠାତ୍ ସେଲସ୍‌ମ୍ୟାନ ଗୋଡ଼କୁ ଭୁଜାଲିରେ ହାଣିବା ସହ ଗାଡ଼ି ଚାଳକଙ୍କୁ ଭୟଭିତ କରାଇ ଗାଡ଼ି ଭିତରେ ଥିବା ନଗଦ ୨ଲକ୍ଷ ୧୭ଟଙ୍କା ସେମାନେ ଲୁଟିନେଇ ଚମ୍ପଟ ମାରିଥିଲେ । ଏନେଇ ସେ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି । ତେବେ ସେହି ରାସ୍ତାରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ସ୍ଥାନୀୟ ପୋଲିସ୍ ସମ୍ପୃକ୍ତ ଅପରାଧିଙ୍କ ଟେର୍ ପାଉନିକିପରି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଦରମା ଦାବିରେ ମିଶନ ଶକ୍ତି ମହିଳାଙ୍କ ବିକ୍ଷୋଭ

ତାଳଚେର,(ସବ୍ୟୁ) : ମିଶନଶକ୍ତିର ମହିଳାମାନଙ୍କୁ ଗତ ଛଅମାସ ହେବ ଦରମା ମିଳିନଥିବାରୁ ଏହାର ପ୍ରତିବାଦରେ ଆଜି ତାଳଚେର କାର୍ଯ୍ୟରତ ମିଶନଶକ୍ତି ମହିଳାକର୍ମୀ ବ୍ଲକ କାର୍ଯ୍ୟାଳୟକୁ ଘେରିବା ସହ ଭିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗତ ଛଅମାସ ହେବ ମିଶନଶକ୍ତି ମହିଳାମାନେ ସରକାରଙ୍କ ନୀତିନିୟମକୁ ମାନି ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପର୍ଣ୍ଣ କରି ଆସୁଥିବା ବେଳେ ସେମାନଙ୍କ ପେଟକୁ ନୀତ ମରାଯାଉଥିବାରୁ ସେମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ତାଙ୍କର ବକେୟା ଦରମା ଶିଘ୍ର ପ୍ରଦାନ କରିବା ନେଇ ବିଡ଼ିଓଙ୍କୁ ଦାବିପତ୍ର ଦେଇଥିଲେ । ତାଳଚେର ବ୍ଲକରେ ୨୧ଟି ପଂଚାୟତରେ ୨୬୭ଜଣ ମିଶନଶକ୍ତି ମହିଳାକର୍ମୀ ଏବେ କାର୍ଯ୍ୟ କରିଥାନ୍ତି । ଯଦି ତାଙ୍କ ପ୍ରତି ଏଭଳି ଅଣଦେଖା କରାଯାଏ ଦରମା ନନପାଇଲେ ସେମାନଙ୍କ ପରିବାର କିପରି ଚଳାଇବେ ଓ କିପରି ଭାବେ କାର୍ଯ୍ୟ ସମ୍ପାଦନ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବୁଢ଼ୀ ଠାକୁରାଣୀ ମନ୍ଦିରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ


ଅନୁଗୋଳ,(ସବ୍ୟୁ) :କେନ୍ଦ୍ର ସରକାର ୟୁଥ୍ ଆଣ୍ଡ ସ୍ପୋର୍ଟସ, ଭାରତ ସରକାର, ମାଇ ଭାରତ ଯୁବା ଭାରତ ବିଭାଗ ମିଳିତ ଅନୁକୂଲ ରେ ଅନୁଗୋଳ ବୁଢ଼ୀ ଠାକୁରାଣୀ ମନ୍ଦିର ପରିସରରେ ସ୍ୱଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଅତିଥି ଭାବରେ ଅନୁଗୋଳ ଲାଇଟ୍ ହାଉସର ମୁଖ୍ୟ ରାଜେଶ ସ୍ୱାଇଁ ଯୋଗ ଦେଇଥିଲେ । ଉକ୍ରର୍ଷ ପରିବାର ୟୁଥ୍ କ୍ଲବ୍‌ର ସଭାପତି ଭୀଷ୍ମ ସାହୁ, ଉପସଭାପତି ହୁମୁଡ଼ିୟତ୍ୟ ବେହେରା ଓ ସହକାରୀ କ୍ଲବ୍‌ର ସଦସ୍ୟ ସହ ଲାଇଟ୍ ହାଉସର ସଦସ୍ୟ ମାନେ ଯୋଗଦେଇଥିଲେ ।ସ୍ୱଛତା କାର୍ଯ୍ୟକ୍ରମକୁ ମାଆ ବୁଢ଼ୀ ଠାକୁରାଣୀ ମନ୍ଦିର ପରିସର ମଧ୍ୟରେ କରିବା ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ନେହେରୁ ଯୁବ କେନ୍ଦ୍ର ଅନୁଗୋଳର ତପନ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ ସ୍ୱଛତା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ ।

# ସାମ୍ବାଦିକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅକାଳ ବିୟୋଗ



କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲା କଣିହାଁ ବ୍ଲକରେ କାର୍ଯ୍ୟରତ ଧରିତ୍ରୀ ଖବରକାଗଜର ବରିଷ୍ଠ ସାମ୍ବାଦିକ ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅକାଳ ବିୟୋଗ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୨ବର୍ଷ ହୋଇଥିଲା । ବୁଧବାର ଦିନ ସକାଳ ପ୍ରାୟ ୧୦ଘଟିକା ସମୟରେ ତାଙ୍କ କଣିହାଁ ବ୍ଲକ ଅନ୍ତର୍ଗତ ବଡହିରା ଗ୍ରାମରେ ହଠାତ ସେ ଅସୁସ୍ଥ ହୋଇ ପଡିଥିଲେ । ପରେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ମାତ୍ର ଡାକ୍ତର ସେଠାରେ ଦିନ ପ୍ରାୟ ୧୧ଘଟିକା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଉକ୍ତ ଖବର ପ୍ରଚାରିତ ହେବା ପରେ କଣିହାଁ ମେଡ଼ିକାଲରେ ସାମ୍ବାଦିକ , ଶୁଭେଚ୍ଛୁ ମାନଙ୍କ ଭିଡ ଜମିଥିଲା । ପରେ ସ୍ୱର୍ଗତ ସଚିଦାନନ୍ଦ ପ୍ରଧାନଙ୍କୁ ମୁକ୍ତି ରଥ ମଧ୍ୟମରେ ପ୍ରଥମେ କଣିହାଁ ପ୍ରଜାମଣ୍ଡଳ ଭବନ ଓ ପରେ କଣିହାଁ ପ୍ରେସକ୍ଲବ ପରିସରକୁ ନିଆଯାଇଥିଲା । ସେଠାରେ ସାମ୍ବାଦିକ ଗଣ ଓ ଶୁଭେଚ୍ଛୁ ମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ପରେ ତାଙ୍କର ମରଶରୀରକୁ କଣିହାଁ ବଜାର ପରିକ୍ରମା କରାଯାଇ ତାଙ୍କର ବାସଭବନକୁ ନିଆଯାଇଥିଲା । ସେଠାରେ ତାଙ୍କର ମା , ନାନି,ବଡ ଭାଇ ଫୁଲଚାନ୍ଦ ପ୍ରଧାନ, ଭାଉଜ, ଝିଆରୀ, ଭାଇନା, ଭଣଜା, ଭାଣିଜୀ ଆତ୍ମୀୟସଜନ, ପରିବାର ବର୍ଗ ଓ ଗ୍ରାମବାସୀ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇ ଥିଲା ଙ୍ଖ ପରେ ଗ୍ରାମ ମଶାଣିରେ ତାଙ୍କର ଶେଷ କୃତ୍ୟ ସଂପନ୍ନ କରଯାଇଥିଲା । ସଚିଦାନନ୍ଦ ଜଣେ ଭଦ୍ର, ମେଳାପି ସାମ୍ବାଦିକ ଥିଲେ । ତାଙ୍କର ବିୟୋଗରେ କଣିହାଁ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି । ମୂଖ୍ୟତଃ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ରୁଦ୍ରନାରାୟଣ ପାଣି,ପୂର୍ବତନ ସାଂସଦ ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡା ବିଧାୟକ ଆଶୋକ ମହାନ୍ତି ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

# କୁଟେଶ୍ୱର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ




ଆଠମଲ୍ଲିକ ,(ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ କୁଟେଶ୍ୱର କ୍ଲଷ୍ଟରସ୍ତରୀୟ ସୁରଭି ୨୦୨୪ କାର୍ଯ୍ୟକ୍ରମ ରେ କୁଟେଶ୍ୱର କ୍ଲଷ୍ଟର ରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ପ୍ରତିଯୋଗିତାରେ ପ୍ରବନ୍ଧ, ଚିତ୍ରାଙ୍କନ, ଶୁଦ୍ଧ ଲିଖନ, ସଙ୍ଗୀତ, ନୃତ୍ୟ ପ୍ରଭୃତି ପ୍ରତିଯୋଗିତାରେ ଛାତଛାତ୍ରୀ ଭାଗ ନେଇଥିଲେ । ବିଶେଷ କରି ନୃତ୍ୟ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ଭାଗ ନେଇ ନୃତ୍ୟ ମାଧ୍ୟମରେ ସମାଜକୁ ବୃକ୍ଷରୋପଣ ବାଲ୍ୟ ବିବାହ ଉପରେ ବାର୍ତ୍ତା ଦେଇଥିଲେ । ଅନୁଷ୍ଠିତ ସଭାରେ ଅତିଥି ଭାବରେ ଶିକ୍ଷାବିତ ବସନ୍ତ ବଘାର, ସାମ୍ବାଦିକ ଉଦିପ୍ତ କୁମାର ପୁରୋହିତ, ସାମ୍ବାଦିକ କମଳାକାନ୍ତ ମିଶ୍ର ଓ ପରିଚାଳନା କମିଟି ସଭାପତି ଭୁବନ ଜେନା ପ୍ରମୁଖ ଯୋଗଦେଇ ସୁରଭି ପ୍ରତିଯୋଗିତା ଦ୍ୱାରା ଛାତ୍ର ଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ପାଇଁ ସୁଯୋଗ ମିଳି ପାରିଛି ବୋଲି ବକ୍ତବ୍ୟ ରଖିଥିଲେ । ଏହି ଅବସରରେ କୃତି ଛାତ ଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ବାହାଳୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବାହୁକ ଅଧ୍ୟକ୍ଷତା କରିଥିବା ବେଳେ ସି ଆର ସି ସି ସୁଜିତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

କାର୍ଯ୍ୟକ୍ରମରେ ଶ୍ରବଣ ବେହେରା, ଅନିଲ କୁମାର ପ୍ରଧାନ, ରଂଜିତ ନାୟକ, ଜ୍ୟୋଷ୍ଣା ରାଣୀ ସାହୁ, ସତ୍ୟ ନାରାୟଣ ମେସୁଆ, ଲକ୍ଷ୍ମୀ ନାରାୟଣ ମହାନନ୍ଦିଆ, ହେମନ୍ତ ନାୟକଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ । ଶିକ୍ଷକ ନିରାକାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇଡ୍ରୋସିଲ ରୋଗୀଙ୍କ ପାଇଁ ଅସ୍ତ୍ରୋପଚାର ଶିବିର

ରାଣୋଳ, (ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଆଜି ଏକ ଜିଲ୍ଲା ସ୍ଥରିୟ ହାଇ ଡ୍ରୋସିଲ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଦିଲ୍ଲୀପ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରେ ଆୟୋଜିତ ଏହି ଶିବିରରେ ଅଭିଜ୍ଞ ସର୍ଜରୀ ବିଶେଷଜ୍ଞ ଡ଼ା ସଂକଳ୍ପ କେଶରୀ ଭୋଳ, ନିଦାନ ବିଶେଷଜ୍ଞ ଡ଼ା ଆପୋଲୋ ଦାସ, ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ଭେକ୍ଟର ବାହିତ ରୋଗ ଅଧିକାରୀ ଡ଼ା ହିମାଂଶୁ ଶେଖର ହେମ୍ବ୍ରମଙ୍କ ଦ୍ୱାରା ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୧୧ ଜଣ ହାଇଡ୍ରୋସିଲ୍ ରୋଗୀଙ୍କୁ ମାଗଣାରେ ସଫଳ ଅସ୍ତ୍ରୋପଚାର କରାଯାଇଥିଲା । ଏହି ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ, ଭେକ୍ଟର ବାହିତ ରୋଗ ପରିଦର୍ଶକ ସୁନୀଲ କୁମାର ମହାପାତ୍ର , ଫାର୍ମାସୀ ଅଫିସର କାଳିଦାସ ମାଣ୍ଡି, କୋଷାଧକ୍ଷ ଆଶୁତୋଷ ମହାପାତ୍ର, ପି.ସି.ଆ.ଇ ଅଧିକାରୀ ଅମୀୟ କୁମାର ପ୍ରଧାନ, ସୁଭାସିସ ଦାସ ,ପତିତପାବନ ସାମଲ, ଚନ୍ଦନ ନାଏକ, ନିରାକାର ନାୟକ ଓ କାହ୍ନୁ ଗୋଛାୟତ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରି ଥିଲେ ।


GOVERNMENT OF ODISHA
DEPARTMENT OF WOMEN AND CHILD DEVELOPMENT

QUOTATION / TENDER CALL NOTICE

g-74

No. WCD-OE-VEH-0002-2022- 21446 / WCD, Date : 25.09.2024

Sealed quotation/tenders are invited from interested reputed Travel Agencies / Tour Operators / Private individuals for providing the following **5** nos. of AC Petrol /Diesel driven vehicles having sitting capacity as mentioned below, which shall confirm to the Terms and conditions **(Annexure-A)** for official use in the SUBHADRA Society /Department of Women and Child Development on monthly rent basis.

| No. of vehicle required | Type of vehicle | Maximum hire charges per month excluding taxes | Minimum average mileage per ltr | Seating Capacity including Driver |
|---|---|---|---|---|
| 02 | Innova | 42,000 | 9 | 7 |
| 02 | Zest / Tigor / Swift Dzire/ Xcent / Etios (Petrol) etc. | 26,000 | 17 | 5 |
| 01 | Tiago / Bolt / Celerio etc. | 20,000 | 17 | 5 |

1. The service provider shall have a valid OGST registration to participate in the tendering.
2. The service provider, participating in the bidding process under the jurisdiction of Municipal Corporations, shall be registered on GeM platform.
3. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, Valid Contract Carriage Permit, proof of up-to-date tax payment etc. mandatory for plying of vehicle.
4. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport / passenger vehicle.
5. The Driver should be well behaved, gentle and obedient in nature.
6. A sum of **Rs. 5000/-** shall be deposited by the intending bidders in shape of Account Payee Bank Draft drawn in favour of the **W & CD DEPARTMENT, Lokseva Bhawan, Bhubaneswar** and submitted along with the tender as security deposit. After completion of tender process, the amount will be refunded to unsuccessful bidders.
7. The monthly rate of hire charge be quoted separately in the general bid information (excluding fuel and lubricants).
8. The vehicle must achieve a fuel efficiency as mentioned in the table above.
9. The details of the make and year of manufacture of the vehicle, registration No., mileage (Kms covered per litre) and name of the Driver, Driving License No., and period of validity should be specifically provided in the general bid information for each type of vehicle separately to be furnished with the Quotation/Tender **(Annexure-B).**
10. The Quotation completed in all respect should reach the undersigned on or before **09.10.2024** by **3.00 P.M** and shall be opened on the **same day at 4.00 PM** in the presence of the bidders or their authorized representatives.
11. The application form of quotation/tender containing General Bid Information & Terms and Conditions for Hiring of vehicle etc. will be available with OE section of the Department of W&CD on payment of Rs. 100/- from 25.09.2024 to 09.10.2024 or can be downloaded from the Department Website **www.wcd.odisha.gov.in** and **www.Odisha.gov.in** from 25.09.2024 to 09.10.2024. In case the application form is downloaded from Govt, website, the applicant shall furnish a Demand Draft for an amount of Rs. 100/- (Rupees One hundred) only towards the cost of application along with the application.
12. The authority reserve the right to cancel any / all quotations /tenders without assigning any reason thereof.

**Complete Address for submission of Tender**

Officer on Special Duty (OE)
Department of W&CD
Lokaseva Bhavan, Bhubaneswar-751001

OIPR : 33001/11/0018/2425

Sd/- Officer on Special Duty



ଓଡ଼ିଶା ସରକାର
କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଘୋଷଣା

ନଥି ସଂ- IX(E)-03/2024-413 ତା. 26.09.2024

**V-24 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( **RFCTLAR & R. Act, 2013**) ର ଧାରା ୧୯ (୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ବୋଦାପଳସା, ଥାନା-ସଦର, ତହସିଲ-ସଦର, ଜିଲ୍ଲା-କେନ୍ଦୁଝର**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା-କଚେରୀ ଛକ-ବୋଦାପଳସା ରାସ୍ତାରେ ଅରଡେଇ ନଦୀ ଉପରେ ପୋଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (**RFCTLAR & R Act, 2013**)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୧୮୩ ତା. ୦୬.୦୫.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ବୋଦାପଳସା, ଥାନା-ସଦର, ତହସିଲ-ସଦର, ଜିଲ୍ଲା-କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଓ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.kendujhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ **www.revenueodisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ - କ**

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - କେନ୍ଦୁଝର — ତହସିଲ- ସଦର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୋଦପଳସା | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ. ୦.୩୮ | ଏ. ୦.୦୬ | ସଂଲଗ୍ନ |

**ତଫସିଲ - ଖ**

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - କେନ୍ଦୁଝର — ତହସିଲ- ସଦର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୧୭.୦୫.୨୦୨୪

ସ୍ୱା/- ରାଜ୍ୟପାଳଙ୍କ ଆଦେଶ କ୍ରମେ,
ଜିଲ୍ଲାପାଳ, କେନ୍ଦୁଝର

**ଭୂମି ଅନୁସୂଚୀ**

ପ୍ରକଳ୍ପର ନାମ : କଚେରୀ ଛକ - ବୋଦାପଳସା ରାସ୍ତାରେ ଅରଡେଇ ନଦୀ ଉପରେ ପୋଲ ନିର୍ମାଣ
ମୌଜା : ବୋଦାପଳସା, ଥାନା - କେନ୍ଦୁଝର ସଦର, ତହସିଲ - କେନ୍ଦୁଝର ସଦର, ଜିଲ୍ଲା - କେନ୍ଦୁଝର

| କ୍ରମିକ ନଂ | ଖତିୟାନ ନଂ | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ | କିସମ | ମୋଟ ରକବା (ଏକର) | ଅର୍ଜନ ରକବା | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨୪୪/୩୩୫ | ସନାତନ ଦାସ, ପି- ଦାମୋଦର ଦାସ, ଜା- ଗୋପାଳ, ବା- ନିଜଗାଁ | ୫୭୮ | ଶାରଦ ତିନି | ୦.୩୮ | ୦.୦୬୦ | |
| | | | | ମୋଟ | ୦.୩୮ | ୦.୦୬୦ | |

AMIN
L.A. (Gen.) Section
Collectorate, Keonjhar

Land Acquisition Inspector
L.A. (Gen.) Section
Collectorate, Keonjhar

OIPR : 24045/14/0021/2425

ଭୂ-ଅର୍ଜନ ଅଧିକାରୀ, କେନ୍ଦୁଝର
Land Acquisition Officer
Keonjhar

# ପ୍ରସିଦ୍ଧ ଶ୍ରୀଶ୍ରୀ ଅନନ୍ତ ନାରାୟଣଙ୍କ ପୂଜୋତ୍ସବ



ଭଦ୍ରକ, (ସବ୍ୟୁ): ଭଦ୍ରକ ସହର ଅନ୍ତର୍ଗତ ଠାକୁର ଅନନ୍ତ ନାରାୟଣ ମାର୍ଗ, ନରିପୁର (ଅପ୍ତଳ) ଗ୍ରାମରେ ପ୍ରସିଦ୍ଧ ଠାକୁର ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଉତ୍ସବ, ଭଜନ ଓ ବିଭିନ୍ନ କାର୍ଯ୍ୟକ୍ରମ ୯ ଦିନ ବ୍ୟାପୀ ନିରାଡ଼ମ୍ବରରେ ପାଳିତ ହୋଇ ଯାଇଛି । ସାଳନ୍ଦୀ ନଦୀରେ କଳସ ବୁଡ଼ା ଯାଇ ଜଳ ଅଣାଯିବା ପରେ ଘଟ, ପୂଜା,ପାଠ, ହୋମ ଓ ପୂଜାର୍ଚ୍ଚନା ଆଦି ପ୍ରଭୁଙ୍କ ନୀତିକାନ୍ତି ପରମ୍ପରା ଅନୁଯାୟୀ ସମ୍ପନ୍ନ ହୋଇଥିଲା । ବାଙ୍ଗାଲୋର ଓ କୋଲକାତାରୁ ଆସିଥିବା କାରୀଗରଙ୍କ ଦ୍ୱାରା ବିଭିନ୍ନ କିସମର ସୁବାସିତ ପୁଷ୍ପମାଲ୍ୟରେ ବିଗ୍ରହଙ୍କୁ ସୁସଜ୍ଜିତ କରାଯାଇ ମନ୍ଦିରର ଶୋଭାବର୍ଦ୍ଧନ କରାଯାଇଥିଲା । ମହାପ୍ରଭୁଙ୍କ 'ଅନନ୍ତ ଶୟନ'ଦୃଶ୍ୟ ଚିତ୍ତାକର୍ଷକ ହୋଇଥିବାରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଥିଲେ । ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ପୂଜାରେ ପଣ୍ଡିତ ମୁରଲୀଧର ଶତପଥୀ, ଲୋକନାଥ ମିଶ୍ର ପୂଜାପାଠ କରିଥିଲେ । ଏଠାକୁ ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ରତଧାରୀ ମହିଳାମାନେ ଉପବାସ କରି ମନ୍ଦିରରେ ନାଗ ଓ ବ୍ରତପୂଜା କରିଥିଲେ । ସନ୍ଧ୍ୟାରେ ପୂଜା ମଣ୍ଡପରେ ଗ୍ରାମାଞ୍ଚଳ ଥାନା ଜଳଙ୍ଗା କୁଆପଦାର ବାଲ୍ୟମଙ୍ଗଳା ଭଜନ ମଣ୍ଡଳୀର ଗାୟକ ସୁବାସ ମଣ୍ଡଳ, ଅକ୍ଷୟ ଜେନା, ଦୀପ୍ତିରାଣୀ ମଣ୍ଡଳ, କୃଷ୍ଣଚନ୍ଦ୍ର ରାଉତ, କରୁଣାକର ଜେନା, ଲକ୍ଷ୍ମୀଧର ରାଉତ, କୁଶ ଚିନ୍ନରା, ରବୀନ୍ଦ୍ର ମୁଦୁଲି ପ୍ରମୁଖ ଭଜନ ପରିବେଷଣ କରିଥିଲେ । ପୂଜା ଉତ୍ସବରେ ଜନ ପ୍ରତିନିଧି, ଜିଲ୍ଲା ପ୍ରଶାନିକ ଅଧିକାରୀ, ଆଇନଜୀବୀ, ସାମ୍ବାଦିକ, ଗ୍ରାମବାସୀଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ ।

# ବୈତରଣୀ ଶଯ୍ୟାରୁ ନବମ ଶତାବ୍ଦୀର ବିରଳ ବୁଦ୍ଧ ମୂର୍ତ୍ତି ଉଦ୍ଧାର



ଭଣ୍ଡାରୀପୋଖରୀ,(ସବ୍ୟୁ):ଏହି ବ୍ଲକର ଷୋଳମପୁର ପଂଚାୟତ ଅଧୀନ ମୁଡ଼ାପଦା ଗ୍ରାମ ନିକଟ ବୈତରଣୀ ନଦୀବନ୍ଧ ଶଯ୍ୟା ଏକ ବିରଳ ଭୂମିସ୍ୱର୍ଶ ବୁଦ୍ଧ ମୂର୍ତ୍ତି ଗୁରୁବାର ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଂଚଳର କିଛି ଲୋକ ନଦୀ ଶଯ୍ୟା ବାଲିରେ ସାମାନ୍ୟ ଦୃଶ୍ୟମାନ ମୂର୍ତ୍ତି ଦେଖି ସ୍ଥାନୀୟ ଇନଟାକ ସଦସ୍ୟ ବିଶ୍ୱମ୍ଭର ରାଉତଙ୍କୁ ଯୋଗାଯୋଗ କରିଥିଲେ। ଶ୍ରୀରାଉତ ମୂର୍ତ୍ତିଟିକୁ ଉଦ୍ଧାର କରି ପ୍ରତ୍ନତତ୍ତ୍ୱ ବିଭାଗକୁ ସୂଚନା ଦେଇଥିଲେ। ବିଶିଷ୍ଟ ପ୍ରତ୍ନତତ୍ତ୍ୱ ବିତ୍ ଡ଼ଃ ସୁନିଲ ପଟ୍ଟନାୟକ ମୂର୍ତ୍ତିକୁ ଅନୁଧ୍ୟାନ କରି ଏହା ରତ୍ନଗିରି ଠାରେ ଥିବା ବୌଦ୍ଧବିହାର-୧ ଠାରେ ଥିବା ବୃହତ ଭୂମି ସ୍ୱର୍ଶ ମୁଦ୍ରା ମୂର୍ତ୍ତିର ଅବିକଳ କ୍ଷୁଦ୍ର ବୁଦ୍ଧ ମୂର୍ତ୍ତି ବୋଲି ଚିହ୍ନଟ କରିଥିଲେ। ସହିତ ଏହା ଏକ ୯ମ ଶତାବ୍ଦୀର ବିରଳ ଭୂମିସ୍ୱର୍ଶ ବୁଦ୍ଧ ମୂର୍ତ୍ତି ବୋଲି ମତ ଦେଇଥିଲେ। ପ୍ରତ୍ନତତ୍ତ୍ୱ ଦୃଷ୍ଟିକୋଣରୁ ଏହି ଅର୍ଦ୍ଧ ମୁଖ ବିହୀନ ଦେଢ଼ଫୁଟ ଉଚ୍ଚ ଓ ଦେଢ଼ ଫୁଟ ଚଉଡ଼ାର ମୂର୍ତ୍ତିଟି ଖଣ୍ଡୋଲାଇଟ ପ୍ରସ୍ତରରେ ନିର୍ମିତ। ଏହି ବୁଦ୍ଧ ମୂର୍ତ୍ତିଟି ଭୂମି ସ୍ୱର୍ଶ ମୁଦ୍ରାରେ ଅଛନ୍ତି। ଦୁଇ ପାଶର୍ବରେ ପଦ୍ମପାଣି ଓ ବଜ୍ର ପାଣି ଚାମର ଧରି ଠିଆ ହୋଇଛନ୍ତି। ରତ୍ନଗିରି ତାମ୍ର ଲେଖା ଅନୁଯାୟୀ ଏହି ମୂର୍ତ୍ତିଟି ଷୋଳମପୁର ବୌଦ୍ଧବିହାର ଅଂଚଳରେ ବଜ୍ରଯାନ ଉପାସନାର ସ୍ୱତନ୍ତ୍ର ପରିଚୟ ପ୍ରଦାନ କରୁଛି ବୋଲି ଶ୍ରୀପଟ୍ଟନାୟକ କହିଛନ୍ତି। ଏହି ମୂର୍ତ୍ତି ହିଁ ଷୋଳମପୁର ବୌଦ୍ଧବିହାରର ବୌଦ୍ଧ ଧର୍ମର ଗୁରୁତ୍ୱ ପୂର୍ଣ୍ଣ ପୀଠ ବୋଲି ଅଧିକ ଏକ ପ୍ରମାଣ ଅଟେ । ମୂର୍ତ୍ତି ସଂରକ୍ଷକ ଶ୍ରୀରାଉତଙ୍କ ଉଦ୍ୟମ କ୍ରମେ ସ୍ଥାନୀୟ ବାସିନ୍ଦା ଅନିଲ ମୁଦୁଲି, ଗଜେନ୍ଦ୍ର କୁମାର ମହାନ୍ତି,ପ୍ରଶାନ୍ତ ଧଳ,ସ୍ଥାନୀୟ ଶିଶୁ ମନ୍ଦିର ଗୁରୁଜୀ ଶରତ କୁମାର ବେଉରିଆଙ୍କ ସହଯୋଗ କ୍ରମେ ସ୍ଥାନୀୟ ଷୋଳମପୁର ବୌଦ୍ଧବିହାର ମ୍ୟୁଜିୟମକୁ ଅଣାଯାଇ ପୂଜକ ଉମାକାନ୍ତ ପଣ୍ଡା,ଟ୍ରଷ୍ଟି କମଳାକାନ୍ତ ନାୟକଙ୍କ ଉପସ୍ଥିତିରେ ସୁରକ୍ଷିତ ଭାବେ ରଖାଯାଇଥିଲା

## ଧାର ନେଇ ଫେରାଉ ନଥିଲେ ଟଙ୍କା
# ପ୍ରଧାନଶିକ୍ଷକଙ୍କୁ ଘେରିଲେ ଗ୍ରାମବାସୀ

ଭୋଗରାଇ, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କୁକୁଡ଼ିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳ କୁମାର ନାୟକ ଗ୍ରାମବାସୀଙ୍କ ଠାରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଧାରନେଇ ଦୀର୍ଘ ବର୍ଷଧରି ଟଙ୍କା ପରିଶୋଧ କରୁନଥିବାରୁ ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ଶତାଧିକ କୁକୁଡ଼ିଆ ଗ୍ରାମବାସୀ ନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କୁ ତାଙ୍କର ପ୍ରାପ୍ୟ ଟଙ୍କା ଫେରାଇ ଦେବାକୁ ଦାବି କରିଥିବା ବେଳେ ପ୍ରଧାନ ଶିକ୍ଷକ ହଟହଟା ହୋଇଛନ୍ତି । ଏପରିକି ପ୍ରଧାନ ଶିକ୍ଷକ ୨ ଜଣଙ୍କୁ ଷ୍ଟେଟ ବ୍ୟାଙ୍କର ୧ ଲକ୍ଷ ୫୦ ହଜାର ଟଙ୍କାର ଚଟି ବ୍ଲାଙ୍କ ଚେକ ଦେଇଥିବାର ଅଭିଯୋଗକାରୀ ଦେଖାଇଥିଲେ । ସ୍କୁଲ ଛୁଟିପରେ ପ୍ରଧାନ ଶିକ୍ଷକ ଗ୍ରାମବାସୀଙ୍କ ଭୟରେ କୌଶଳ କ୍ରମେ ଘରକୁ ଖସି ପଳାଇ ଥିବା ବେଳେ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଛି । ସୂଚନାନୁଯାୟୀ, କୁକୁଡ଼ିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୩ ବର୍ଷଧରି ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି । ଏହି ସମୟ ମଧ୍ୟରେ ଗ୍ରାମର ବହୁ ବ୍ୟକ୍ତିଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଧାରନେଇ ଥିବା ବେଳେ ସ୍କୁଲର ମଧ୍ୟାହ୍ନ ଭୋଜନରେ ଚିନ୍ମୟ କର ଓ ସଞ୍ଜୀବ ଘୋଷ ଙ୍କ ତେଜରାତି ଦୋକାନରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖାଉଟି ସାମଗ୍ରୀ ଧାର ନେଇ ବର୍ଷେ ଧରି ପରିଶୋଧ କରୁନଥିବାର ଅଭିଯୋଗ ହୋଇଛି ।ଏହି ବ୍ୟକ୍ତି ମାନେ ବାରମ୍ବାର ତାଙ୍କର ଧାରଟଙ୍କା ପରିଶୋଧ ପାଇଁ ପ୍ରଧାନ ଶିକ୍ଷକଙ୍କୁ ତାଗିଦ କରିଥିଲେ ମଧ ସେ ଦରମା ମିଳିଲେ ଧାର ଟଙ୍କା ଦେଇଦେବେ ବୋଲି ଦିନ ତାରିଖ ଗଡ଼ାଇ ଚାଲିଥିଲେ । ଲୋକେ ଅତିଷ୍ଠ ହୋଇ ତାଙ୍କୁ ତାଗିଦ କରିଥିବାରୁ ସେ ଉଲଟି ଗ୍ରାମବାସୀଙ୍କ ବିରୋଧରେ ଜାତିକୁ ନେଇଁ ଧମକ ଦେବାରୁ ଗ୍ରାମବାସୀମାନେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଚରମସୀମାରେ ପହଞ୍ଚିଛନ୍ତି । ଅପର ପକ୍ଷରେ ପ୍ରଧାନ ଶିକ୍ଷକ ଅନେକ ଦିନ ସ୍କୁଲରେ ଅନୁପସ୍ଥିତ ରହି କର୍ତ୍ତବ୍ୟର ଅବହେଳା କରୁଥିବାର ଭୋଗରାଇ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଠାରେ ଅଭିଯୋଗ ହେବାପରେ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ତାଙ୍କୁ କାରଣ ଦର୍ଶାଅ ନୋଟିସ କରିଥିବାର ସୂଚନା ଦେଇଛନ୍ତି ।ଏହି ଘଟଣାରେ ପ୍ରଧାନ ଶିକ୍ଷକ ଗଣ ମାଧ୍ୟମ ସମ୍ମୁଖରେ ହଡ଼ବଡେଇ ଯାଇ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି । ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକୁ ନେଇଁ ଗ୍ରାମରେ ଘନଘନ ବୈଠକରେ ଉତ୍ତେଜନା ଦେଖାଦେଇଛି ।

# ରୋଗୀ କଲ୍ୟାଣ ସମିତି ବୈଠକ




ଆନନ୍ଦପୁର, (ସବ୍ୟୁ) : ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ରୋଗୀ କଲ୍ୟାଣ ସମିତି ବୈଠକ ଆଜି ଡାକ୍ତରଖାନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧୀକ୍ଷକ ଡାକ୍ତର ଧନେଶ୍ୱର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଆୟବ୍ୟୟର ହିସାବ ଉପସ୍ଥାପନା କରାଯିବା ସହ ଡାକ୍ତରଖାନାର ବିଭିନ୍ନ ନିର୍ମାଣ, ମରାମତି, ସ୍ୱଚ୍ଛତା ଓ ଚିକିତ୍ସା ସେବା ଉପରେ ଆଲୋଚନା କରାଯାଇଥିଲା। ଡାକ୍ତରଖାନାରେ ଓଭରହେଡ ପାଣିଟାଙ୍କି ନିର୍ମାଣ,ଶବବହା ଗାଡ଼ି ପାଇଁ ଡ୍ରାଇଭରଙ୍କୁ ଅନୁମୋଦନ କରିବାକୁ ନିଷ୍ପତ୍ତି ହୋଇଥିଲା । ବୈଠକରେ ଆନନ୍ଦପୁର ବିଡ଼ିଓ ଯୋଗରଞ୍ଜନ ନାୟକ, ସିଡିପିଓ ମଞ୍ଜୁଲତା ସିଂହ, ରାସ୍ତା ଓ କୋଠାବାଡ଼ି ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କେଳୁଚରଣ ଦଳେଇ, ଶିଶୁରୋଗ ବିଶେଷଜ୍ଞ ଡାକ୍ତର କୃଷ୍ଣଚନ୍ଦ୍ର ଦାଶ, ଏସିଡିଓ ଅହଲ୍ୟା ଜେନା, ପିଏଚଡିର କନିଷ୍ଠ ଯନ୍ତ୍ରୀ ଚନ୍ଦନ ମାରାଣ୍ଡି, ପୌରପାଳିକାର ପରିମଳ ଅଧିକାରୀ ଭାଗୀରଥି ଦାଶ , ଆୟୁଷ ଡାକ୍ତର ଦେବବ୍ରତ ଖୁଣ୍ଟିଆ, ରୋଗୀ କଲ୍ୟାଣ ସମିତି ସଦସ୍ୟ ସୁଶୀଲ ହୋତା, ପଦ୍ମନାଭ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଦୀନଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ଠାକୁରମୁଣ୍ଡା ,(ସବ୍ୟୁ) : ଠାକୁରମୁଣ୍ଡା ବ୍ଲକ ବିଜେପି ପକ୍ଷରୁ ବୁଧବାର ଦିନ ଠାକୁରମୁଣ୍ଡା ଠାରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଙ୍କ ୧୦୯ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି।ଏହି ଅବସର ରେ ଠାକୁରମୁଣ୍ଡା ଡାକ ବଙ୍ଗଳା ପରିସର ରେ ଅୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଭଜପା ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲା ବେଳେ ମୁଖ୍ୟ ଅତିଥି ବିରଞ୍ଚି ତ୍ରିପାଠୀ ଦିନଦୟାଲ ଉପାଧ୍ୟାୟ ଙ୍କ ସଂସ୍ପର୍ଶପୂର୍ଣ ଜୀବନୀ ଉପରେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମକୁ ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ଯୋଗେନ୍ଦ୍ର ମହାନ୍ତ ପରିଚାଳନା କରିଥିବା ବେଳେ ଜିଲ୍ଲା ସମ୍ପାଦକ ବିମଳ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ। ଠାକୁରମୁଣ୍ଡା ଓ ମହୁଲଡ଼ିହା ମଣ୍ଡଳ ସଭାପତି ରଞ୍ଜିତ ବେହେରା, ଜଗନ୍ନାଥ ମହାନ୍ତ, ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ସମେତ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ମୋରଡା,(ସବ୍ୟୁ) : ମୋରଡା ବ୍ଲକ ଅଧୀନ ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟ ଅତିଥିଭାବେ ସିଡ଼ିଓ ରଜନୀକାନ୍ତ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିବା ବେଳେ ମୋରଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଣାକର ନାଏକ, ଏଇଇ ମୋତିଲାଲ ତୁଙ୍ଗ,ଜିଲାସ୍ତରୀୟ ସାମାଜିକ ସମୀକ୍ଷା ଅଧିକାରୀ ପ୍ରଦୀପ କୁମାର ଚକ୍ରବର୍ତ୍ତୀ, ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଅଧିକାରିଣୀ ମିତା ବେଷ୍ଟକାର,ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ରୂପସ୍ୱନି ରଣା ପ୍ରମୁଖଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।ବୈଠକରେ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବ୍ଲକର ୨୦ଟି ପଞ୍ଚାୟତରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ଗୁଡିକ ବାବଦରେ ସମୀକ୍ଷା କରାଯାଇଥିଲା । ତେବେ ୨୦ ଟି ପଞ୍ଚାୟତ ମଧ୍ୟରୁ ଚିତ୍ରଡା, କୋହି,ହଳଦୀପାଳ, ତେବେ ୨୦ ଟି ପଞ୍ଚାୟତ ମଧ୍ୟରୁ ଚିତ୍ରଡା, କୋହି,ହଳଦୀପାଳ, ଗଡିଆ ପଞ୍ଚାୟତ ମାନଙ୍କରେ ଉକ୍ତ ଯୋଜନାରେ ବହୁ କମ କାର୍ଯ୍ୟ ହୋଇଛି ବୋଲି ଜଣାପଡ଼ିଥିଲା । ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ମେଟେରିଆଲ ବିଲ ୱାର୍କ ୱାଇଜ ପରିବର୍ତ୍ତେ ଜି ପି ୱାଇଜ ପ୍ରଦାନ କରିବା,ଦୁର୍ଗାପୁର ପଞ୍ଚାୟତର ହୋଇଥିବା ଦୁଇଟି ଚାରାରୋପଣ ପ୍ରକଳ୍ପରେ ପଚାଶ ପ୍ରତିଶତ ଗଛ ଲଗାଯାଇ ନଥିବା ଉପସ୍ଥାପିତ ହୋଇଥିଲା । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସିଡିଓ ତାଗିଦ କରିବାରୁ ବିଭାଗୀୟ ଅଧିକାରୀ ହାତୀ ନାମରେ ଦୋଷ ଲଦିଦେଇଥିଲେ । ବର୍ତ୍ତମାନ ଉକ୍ତ ସମୀକ୍ଷା ସମୟ ମଧ୍ୟରେ ମୋରଡ଼ା ବ୍ଲକରେ ମୋଟ ୨୦୯୧୫ ଜଣ ଶ୍ରମିକ ଥିବା ବେଳେ ମାତ୍ର ୪୧ ଜଣ ଶ୍ରମିକ ଶହେ ଦିନର କାର୍ଯ୍ୟ କରିଥିବାର ବୈଠକରେ ଜଣାପଡ଼ିଥିଲା। ତେବେ ଆଜିର ଜନଶୁଣାଣୀ ଶିବିର ବୈଠକକୁ ସରପଞ୍ଚ ଓ ସମିତି ସଭ୍ୟମାନେ ବର୍ଜନ କରିଥିବାର ଦେଖିବାକୁ ମିଳିଥିଲା । ତେବେ ଶିବିରକୁ କୋଣସି ଶ୍ରମିକ କିମ୍ବା ହିତାଧିକାରୀ ନ ଆସିବା ସାମାଜିକ ସମୀକ୍ଷା ଠିକ ଭାବରେ ହୋଇ ନଥିବା ଚର୍ଚ୍ଚା ହେଉଛି ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଦାବିପତ୍ର ପ୍ରଦାନ

ବେତନଟୀ,(ସବ୍ୟୁ) :ବତନଟୀ ବ୍ଲକର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ଗୁରୁବାର ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏବିଡିଓ ଗଗନ ବେହେରାଙ୍କୁ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ସଭାପତି ହରିଶ ଚନ୍ଦ୍ର ନନ୍ଦଗୋସ୍ୱା ମୀ ଓ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରଦର୍ଶନ ପରେ ଦାବିପତ୍ର ପ୍ରଦାନ କରାଯାଇଥିଲା ଛସେଠାରେ ସହକାରୀ ଯନ୍ତ୍ରୀ ସୁଶ୍ରୀ ସୌମ୍ୟଶ୍ରୀ ଭୋଇ ମଧ ଉପସ୍ଥିତ ଥିଲେ ।ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାସିକ ଚିକିତ୍ସା ଭତ୍ତା ଏବଂ ଏବେ ୮୦ ବର୍ଷ ପରେ ମିଳୁଥିବା ୨୦% ଅଧିକ ପେନ୍ସନ ବଦଳରେ ଏହା ୬୫,୭୦,୭୫ ଓ ୮୦ ବର୍ଷରେ ୫% ଲେଖାଏଁ ଦେବାକୁ ମୂଳ ଦାବୀ ରଖାଯାଇଛିଛ ଏଥିସହ ରାଜ୍ୟ ସରକାର ବନ୍ଦ କରିଥିବା ପେନସନ ବିଭାଗର ପୁନଃ ପ୍ରଚଳନ,ନୂତନ ପେନସନ ପ୍ରଥା ଉଚ୍ଛେଦ , ୧ଜୁଲାଇରୁ ୪% ମହଙ୍ଗାଭତ୍ତା ଆଗାମୀ ଦୁର୍ଗାପୂଜା ପୂର୍ବରୁ ପ୍ରଦାନ ଆଦି ଅନ୍ତର୍ଭୁକ୍ତ। ସଂଘର ଉପସଭାପତି ରବୀନ୍ଦ୍ରନାଥ ମିଶ୍ର,ଉପଦେଷ୍ଟା ମଣ୍ଡଳୀ ରାଧାକ୍ରିଷ୍ଣ ପାତ୍ର, ବାସୁଦେବ ନାପିତ, ବିଜୟ କୁମାର ଦ୍ୱିବେଦୀ, ଯତୀନ୍ଦ୍ର ନାଥସାହୁଙ୍କ ସହ ମହେଶ୍ୱର ଷଡଙ୍ଗୀ, ରମାନାଥ ବାରିକ, ଚିତ୍ତରଂଜନ ଖଟୁଆ, ରବୀନ୍ଦ୍ରନାଥ ଖଟୁଆ, ଗଣେଶ ସାହୁ, ରାମଚନ୍ଦ୍ର ପଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ।ଏ ସମସ୍ତ ଦାବୀ ପୂରଣ ନ ହେଲେ ଆଗାମୀ ନଭେମ୍ବର ୨୫ ତାରିଖ ଠାରୁ ରାଜ୍ୟସଂଘର ନିଷ୍ପତ୍ତି କ୍ରମେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ଉପସ୍ଥିତ ସାମ୍ବାଦିକ, ସମାଜସେବୀ, ସଂଘର କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସଜଡ଼ା ଡ୍ରେନ୍ : ଘରେ ପଶିଲା ବର୍ଷାପାଣି

ନୀଳଗିରି,(ସବ୍ୟୁ) :ନୀଳଗିରି ଏନ୍ଏସିରେ ଏବେ ଅଧ୍ୟକ୍ଷା ଓ ଅଧିକାରୀଙ୍କ ମଧ୍ୟରେ ତୁତୁ ମେଁ ମେଁ ଚାଲିଥିବା ବେଳେ ଏନ୍ଏସି ଅଞ୍ଚଳର ଉନ୍ନୟନ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି । ଯାହାଫଳରେ ଏନ୍ଏସି ଅଞ୍ଚଳର ବାସିନ୍ଦାଙ୍କ ଦୁଃଖ ବଢିଚାଲିଛି । ବର୍ଷାଦିନ ପୂର୍ବରୁ ପ୍ରତିୱାର୍ଡରେ ଥିବା ନାଳ ନର୍ଦ୍ଦମାଗୁଡ଼ିକ ସଫା କରାଯିବା ସହ ମରାମତି କାର୍ଯ୍ୟ କରାଯାଇଥାଏ। ମାତ୍ର ଚଳିତବର୍ଷ କୌଣସି ୱାର୍ଡରେ ଡ୍ରେନ୍‌ଗୁଡ଼ିକ ସଫା କରାନଯିବା ସହ ମରାମତି କାର୍ଯ୍ୟ ହୋଇନଥିବାରୁ ଲଘୁଚାପ ଜନିତ ବର୍ଷାପାଣି ଠିକ୍ ଭାବେ ନିଷ୍କାଷିତ ହୋଇନପାରି ଲୋକମାନଙ୍କ ଘରେ ପାଣି ପଶିବା ସହ ରାସ୍ତାରେ ଲହଡ଼ି ମାରୁଛି । ନୀଳଗିରି ଏନ୍ଏସିର ୫ନମ୍ବର ୱାର୍ଡ ଓ ୯ମ୍ବର ୱାର୍ଡରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏନେଇ ୱାର୍ଡବାସୀ ଲିଖିତ ଭାବେ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ କୌଣସି ପ୍ରତିକାର କରାଯାଇ ନାହିଁ । ବରିସାହି ଗ୍ରାମର ବୃନ୍ଦାବନ ବିଶ୍ୱାଳଙ୍କ ଘର ନିକଟରେ ଥିବା ନାଳ ପରିଷ୍କାର ହୋଇ ନଥିବାରୁ ବର୍ଷାପାଣି ଯୋଗୁଁ ଲୋକମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏଦିଗରେ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ ପ୍ରତିକାର କରିବା ନିମନ୍ତେ ଦାବି ହେଉଛି ।

# ଦୁଇ ଶିଶୁ ଶ୍ରମିକ ଉଦ୍ଧାର

ଭଦ୍ରକ,(ସବ୍ୟୁ):ଶିଶୁ ଶ୍ରମିକ ନିରାକରଣ ଉଦ୍ଦେଶ୍ୟରେ ଗଠିତ ଭଦ୍ରକ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ଦ୍ୱାରା ଏକ ସ୍ୱତନ୍ତ୍ର ଧରପଗଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟାଉନ୍‌ଥାନା ର ପୋଲିସଙ୍କ ସହାୟତା ନେଇ ଭଦ୍ରକର ଡ଼ାହାଣୀଗଡ଼ିଆ, ଛପୁଲିଆ, ଚରମ୍ପା ଅଞ୍ଚଳରେ ଥିବା ହୋଟେଲ ଓ ଗ୍ୟାରେଜମାନଙ୍କରେ ଚଢ଼ଉ କରାଯାଇ ୨ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା । ସହକାରୀ ଶ୍ରମ ଅଧିକାରୀ ରତ୍ନାକର ମଲ୍ଲିକ ଏବଂ ପ୍ରତ୍ୟୁଷ କୁମାର ବେହେରା, ପୋଲିସ୍, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀଙ୍କ ମିଳିତ ନେତୃତ୍ୱରେ ଏହି ଚଢ଼ଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦ୍ଧାର କରାଯାଇଥିବା ଶିଶୁ ଶ୍ରମିକ ଦୁଇଜଣଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟି ପାଖରେ ହାଜର କରାଯାଇଛି । ସୂଚନାଯୋଗ୍ୟକି ଏହି ୨ଜଣ ଯାକ ଶିଶୁ ଶ୍ରମିକଙ୍କୁ ଗ୍ୟାରେଜରେ କାର୍ଯ୍ୟକରୁଥିବା ସମୟରେ ଉଦ୍ଧାର କରାଯାଇଥିଲା।

# ମଦ ଜବତ : ଦୁଇ କୋର୍ଟଚାଲାଣ

ବେତନଟୀ,(ସବ୍ୟୁ) :ବେତନଟୀ ଅବକାରୀ ବିଭାଗ ଥାନା ଅଧିକାରୀ ପ୍ରକାଶ ସାହୁଙ୍କ ତତ୍ତ୍ୱାବଧାନରେ ଗୋଟିଏ ଟିମ ବୈଶିଙ୍ଗା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୁରୁବାର ପୂର୍ବାହ୍ନ ସମୟରେ ଚଢ଼ାଉ କରି ଦୁଇ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଦେଶୀ ମଦ ଜବତ ହୋଇଥିବା ଜଣାଯାଇଛି ।ମିଳିଥିବା ସୂଚନା ମୁତାବକ ଆଜି ସକାଳ ସମୟରେ ବେତନଟୀ ଅବକାରୀ ବିଭାଗ ତରଫରୁ ବୈଶିଙ୍ଗା ଥାନା ଅଧୀନ ବଡ କ୍ଷୀରପଦା ଗ୍ରାମରେ ଚଢ଼ାଉ କରିଥିବା ବେଳେ ଶନିଆଦେବ ବିନ୍ଧାଣୀ (୨୭) ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ମଦ ମଧ୍ୟ ଜବତ କରିଥିଲେ । ସେହିପରି ବୈଶିଙ୍ଗା ଥାନା ଅଧୀନ ଦାମୋଦର ଗ୍ରାମର ଦେବ ସିଂ(୫୨)ଙ୍କ ନିକଟରୁ ଦେଶୀ ମଦ ଜବତ କରିବା ସହ ତାଙ୍କୁ ମଧ୍ୟ ଗିରଫ କରିଥିଲା । ଉଭୟଙ୍କ ନିକଟରୁ ମୋଟ ୩୪ ଲିଟର ଦେଶୀ ମଦ ଏବଂ ଏଥିରେ ବ୍ୟବହୃତ ହୋଇଥିବା ଗାଡିକୁ ମଧ୍ୟ ଜବତ କରିଥିଲେ । ଗିରଫ ଦୁଇ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବେତନଟୀ ଜେଏମଏଫସି କୋର୍ଟ କୁ ଚାଲାଣ କରାଯାଇଥିଲା ।ସେଠାରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାଯାଇଛି ।

## ପୋଲତଳ ଗଣ୍ଡରୁ ନିଖୋଜ ବୃଦ୍ଧଙ୍କ ଶବ ଉଦ୍ଧାର

ଖଇରା, (ସବ୍ୟୁ) : ନିକଟସ୍ଥ କଣ୍ଟାପଡ଼ା ଗ୍ରାମର ବନମାଳୀ ବୈଶାଖ (୭୬) ସବୁଦିନ ପରି ସୋମବାର ସକାଳେ ବଟେଶ୍ୱର ବୁଢା ମହାଦେବ ମନ୍ଦିର ପାଇଁ ଫୁଲତୋଳିବାକୁ ବାହାରି ଯାଇଥିଲେ । ପରେ ଶ୍ରୀ ବୈଶାଖ ୨ଦିନ ଧରି ଘରକୁ ନଫେରିବାରୁ ଗ୍ରାମର ଲୋକମାନେ ଓ ପଡ଼ୋଶୀ ବନମାଳୀକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇନଥିଲେ । ବୁଧବାର ସକାଳେ ଗ୍ରାମର କିଛି ପିଲା ଗଣ୍ଡରେ ଗୋଟିଏ ମୃତ ଦେହ ଭାସୁଥିବା ଦେଖି ଗାଁରେ ଖବର ଦେଇଥିଲେ । ପରେ ମୃତଦେହକୁ ଖଇରା ପୁଲିସ ଉଦ୍ଧାର କରିବା ପରେ ଶବଟି ବନମାଳୀ ବୈଶାଖଙ୍କର ବୋଲି ଜଣାପଡ଼ିଥିଲା । ଏବାବଦରେ ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି ।

# ମିଶନ ଶକ୍ତି ଗୃହରୁ ଚୋରି

ପାଟଣା,(ସବ୍ୟୁ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମିଶନ ଶକ୍ତି ଗୃହରୁ ବୁଧବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି।ସୂଚନା ଅନୁଯାୟୀ ରାଜିବୀ ଗାନ୍ଧୀ ସେବା କେନ୍ଦ୍ର ନିକଟରେ ଥିବା ମିଶନ ଶକ୍ତି ଗୃହରେ ଟିବି ରୋଗୀଙ୍କ ପାଇଁ ଆସିଥିବା ଖାଦ୍ୟ ଗୁଡିକ ହେଲା ଚାଉଳ, ତେଲ, ଅମୁଲ୍ ଡାଲି, ଅଣ୍ଡା ସାମଗ୍ରୀ ରଖା ଯାଇଥିଲା।ଏହି ସବୁ ସାମଗ୍ରୀ ଚୋରି ହୋଇଥିବା ମିଶନ ଶକ୍ତିର ସଭାନେତ୍ରୀ ଅନିତା ରାଣୀ ମହାନ୍ତ ସମ୍ପାଦିକା ସ୍ୱର୍ଣ୍ଣଲତା ଦାଶ ଏବଂ ଏମ,ବି, କେ ବିଣାପାଣୀ ମହାନ୍ତ ପାଟଣା ଥାନାରେ ଅଭିଯୋଗ କରିଥିବା ସୂଚନା ଦେଇଛନ୍ତି।

# ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ଫଳ ଲୁଟ୍ ଅଭିଯୋଗରେ ମାମଲା

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ରାଜପଥର ଡାହାଲା ମହନ୍ତପୋଲରେ ଗତ ୨୪ ତାରିଖ ପ୍ରତ୍ୟୁଷରେ ଫଳ ଟ୍ରକ ଦୁର୍ଘଟଣା ସମୟରେ ଫଳ ଲୁଟ ହେବା ମାମଲା ରୁଜୁ ହୋଇଛି। ସେଓ ପରିବହନ କରୁଥିବା ୟୁ.ପି.-୮୨-ଟି-୩୨୬୦ ଟ୍ରକର ଟ୍ରାନ୍ସପୋର୍ଟର କଟକ ମହତାବରୋଡ ଦୋଳମୁଣ୍ଡେଇ ଅଞ୍ଚଳର ବିଜୟ କୁମାର ଶର୍ମାଙ୍କ ଅଭିଯୋଗ ଆଧାରରେ ଗତ କାଲି ୩୯୪/୨୪ନଂ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ ଗତ ୨୪ ତାରିଖ ଭୋର ୫.୩୦ମି. ସମୟରେ ଅନ୍ୟ ଏକ ଅଜଣା ଗାଡି ସାଇଡ ମାରିବାରୁ ଉକ୍ତ ଫଳ ବୋଝେଇ ଟ୍ରକଟି ରାସ୍ତା ପାଖ ପୋଲକୁ ଧକ୍କା ଦେଇଥିଲା। ଫଳରେ ଟ୍ରକ ଡଲାରେ ଥିବା ୧୨୪୩ ପେଟିରେ ୧୯ଟନ ସେଓ ନୟନଯୋରୀକୁ ପଡିଯାଇଥିଲା। ପାଖଆଖ ଗ୍ରାମର ୨ଶହ / ୩ଶହ ଲୋକ ଉକ୍ତ ଫଳ ପେଟିକୁ ଲୁଟି ନେଇଥିଲେ। ଏହି ଘଟଣାରେ ଚାଳକ ବ୍ରିଜମୋହନ କିମ୍ବା ହେଲପର ଆହତ ହୋଇନଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଟ୍ରକ ଟି କେଉଁଠିକୁ ସେଓ ପରିବହନ କରୁଥିଲା ଅଭିଯୋଗରେ ତାହା ଉଲ୍ଲେଖ କରାଯାଇ ନାହିଁ କି ଲୁଟ ସେଓର ମୂଲ୍ୟ ମଧ ଉଲ୍ଲେଖ କରାଯାଇ ନଥିବାରୁ ଅଭିଯୋଗ ଅସ୍ୱଷ୍ଟ ରହିଛି। ଥାନାଧିକାରୀ ବିରେନ୍ଦ୍ର ସେନାପତି ମାମଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି। ରାଜପଥରେ ପାଟ୍ରୋଲିଂ ପୁଲିସ ଥିବା ବେଳେ ଦୀର୍ଘ ସମୟ ଧରି ଫଳ ଲୁଟ କିଭଳି ସମ୍ଭବ ହେଲା ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବିସିଇଟିରେ ଏନ୍ଏସଏସ ଦିବସ ପାଳିତ





ବାଲେଶ୍ୱର, (ସବ୍ୟୁ) : ସେରଗଡ଼ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଇତି ମଧ୍ୟରେ ଏନ.ଏସ୍.ଏସ୍. ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ନିର୍ଦ୍ଦେଶକ ଡ. ଶରତ କୁମାର ମିଶ୍ର ଆୟେଜିତ ସଭାରେ ଅଧ୍ୟକ୍ଷତା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଡ. ରଜନୀକାନ୍ତ ପାଣିଗ୍ରାହୀ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନିଜର ଚାକିରୀ ଜୀବନ ଭିତରେ ଜଣେ ଦକ୍ଷ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଭାବରେ ସମ୍ପନ୍ନ କରିଥିବା କାର୍ଯ୍ୟଗୁଡ଼ିକର ଅନୁଭୂତି ବଖାଣି ଥିଲେ। ଛାତ୍ର ଜୀବନରେ ଏନଏସ୍ଏସର ଭୂମିକା ସମ୍ପର୍କରେ ମଂଚାସୀନ ଉଚ୍ଚ ପଦାଧିକାରୀ ଗଣ ନିଜସ୍ୱ ବକ୍ତବ୍ୟ ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏଥିରେ ସମସ୍ତ ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରି ସମାଜ ସେବାରେ ନିଜକୁ ବ୍ରତି ହେବା ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡ. ଶିବେନ୍ଦ୍ର କୁମାର ଘଡ଼ାଇ, ଉପ ନିର୍ଦ୍ଦେଶକ ସୁଭ୍ରାଂଶୁ ଶେଖର ସାମନ୍ତ, ଏନ୍ଏସ୍ଏସ୍‌ର ମହିଳା ବିଭାଗର ଉପଦେଷ୍ଟା ବନଜା ବାସିନୀ ରଥ ମଂଚାସୀନ ଥିଲେ। ଏନଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅମ୍ବୁଜଲୋଚନ ଦାଶ ମଂଚ ପରିଚାଳନା ସହ ଅତିଥି ଓ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ-ଉପସଭାପତି ରାଜଶ୍ରୀ ସ୍ୱାଇଁ ଆୟୋଜିତ ସଭାରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଶିଶୁପୁତ୍ରକୁ ହତ୍ୟା ମାମଲା ବାପାକୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର,(ସବ୍ୟୁ) :ଗତ ୨୦୨୩ ମସିହା ଜାନୁଆରୀମାସରେ ଖଇରା ଥାନା ଅଞ୍ଚଳରେ ଘଟିଥିବା ଏକ ଶିଶୁପୁତ୍ର ହତ୍ୟା ମାମଲାର ବିଚାରକରି ବାଲେଶ୍ୱର ଓପିଆଇଡି କୋର୍ଟର ବିଚାରପତି ମାନ୍ୟବର ବିଶ୍ୱଜିତ ଦାସ ଅଭିଯୁକ୍ତ ଦୁଲ୍ଲାରାମ ବାସ୍କେକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ସହ ୫ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ବାବଦ ଅର୍ଥ ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଅଧିକ ୨ମାସ ଜେଲଦଣ୍ଡ ଭୋଗ କରିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗୌର ଓରଫ ଗୁରି ବାସ୍କେଙ୍କ ସ୍ୱାମୀ ମଦନ ବାସ୍କେ ୨୦୧୮ମସିହାରେ ମୃତ୍ୟୁବରଣ କରିବା ପରେ ଗୌରୀ ନିଜର ସମ୍ପର୍କୀୟ ଦିଅର ଦୁଲ୍ଲାରାମ ବାସ୍କେଙ୍କୁ ବିବାହ କରି ନିଜ ବାପଘର ଗାଁ ସୋର ଥାନା ଆଟପୁରରେ ରହୁଥିଲେ । ୨୦୨୨ ମସିହା ଅକ୍ଟୋବର ମାସରେ ସେମାନଙ୍କର ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ମାତ୍ର ଗୌରୀଙ୍କ ଦ୍ୱିତୀୟ ସ୍ୱାମୀ ଦୁଲ୍ଲାରାମ ପିଲା ଚାହୁଁନଥିବାରୁ କୌଶଳକ୍ରମେ ପିଲାଟିକୁ ହତ୍ୟାକରି ବିଲ ମଝିରେ ପକାଇ ଦେଇଥିଲେ । ଗୌରୀ ବାସ୍କେ ଏବାବଦରେ ଜାଣିବା ପରେ ଖଇରା ଥାନାରେ ଅଭିଯୋଗ କରିବାରୁ ପୁଲିସ କେଶ୍ ନମ୍ବର ୯/୨୦୨୩ ମୂଳେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ଦୁଲ୍ଲାରାମ ବାସ୍କେଙ୍କୁ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାର ବିଚାର ସମୟରେ ମାନ୍ୟବର ବିଚାରପତି ସାକ୍ଷୀମାନଙ୍କ ବୟାନ ଓ ପୁଲିସ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା କାଗଜପତ୍ରକୁ ବିଚାରକୁ ନେଇ ପୁତ୍ରହତ୍ୟାକାରୀ ଦୁଲାରାମ ବାସ୍କେକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ସହ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହି ମାମଲାରେ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରଣବ କୁମାର ପଣ୍ଡା ମୋକଦ୍ଦମା ପରିଚାଳନା କରୁଥିଲେ ।

## ଏଫଏମ୍ ସାହିତ୍ୟ ପରିଷଦର ରତ୍ନୋତ୍ସବ
# ପ୍ରତ୍ୟାଶା ପ୍ରିୟମ୍ବଦା ସମ୍ବର୍ଦ୍ଧିତ




ବାଲେଶ୍ୱର, (ସବ୍ୟୁ) :ଫକୀରମୋହନ (ଏଫଏମ)ସାହିତ୍ୟ ପରିଷଦର ଆନୁକୂଲ୍ୟରେ ଶାନ୍ତିକାନନ ଠାରେ ଆୟୋଜିତ ରତ୍ନୋତ୍ସବର ଉଦ୍‌ଯାପନୀ ସମାରୋହ ଅବସରରେ ଅନ୍ୟମାନଙ୍କ ସହ ବାଲେଶ୍ୱରର ଯୁବ ସାମ୍ବାଦିକା ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତିଙ୍କୁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସମ୍ବର୍ଦ୍ଧିତ କରିଛନ୍ତି । ଫକୀରମୋହନ ସାହିତ୍ୟ ପରିଷଦର ୭୫ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପି ପାଳିତ ହେଉଥିବା ରତ୍ନୋତ୍ସବର ଉଦ୍‌ଯାପନୀ ସମାରୋହ କବିତୀର୍ଥ ଶାନ୍ତିକାନନଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ପରଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟାଜିତ ଏକ ମନୋଜ୍ଞ ଉତ୍ସବକୁ ବାଲେଶ୍ୱର ସଦରର ବିଧାୟକ ମାନସ କୁମାର ଦତ୍ତ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ , ବରେଣ୍ୟ ଅତିଥି ଭାବେ ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଓ ଅନ୍ୟତମ ବରେଣ୍ୟ ଅତିଥି ତଥା ବର୍ଷିୟାନ ସାରସ୍ୱତ ସାଧକ ଡ. ପ୍ରହ୍ଲାଦ ଚରଣ ମହାନ୍ତି ଫକୀରମୋହନ ସାହିତ୍ୟ ପରିଷଦର ଐତିହ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ହରିଶ୍ଚନ୍ଦ୍ର ବେହେରା, ଡ. ଶିରୀଶ ଚନ୍ଦ୍ର ଜେନା ଓ ଡ. ସୁବାସ ଚନ୍ଦ୍ର ପାତ୍ର ପରିଷଦର ସଦସ୍ୟମାନଙ୍କ ସାହିତ୍ୟମନସ୍କତା ଓ ପରିଷଦ ପ୍ରତି ଅଙ୍ଗୀକାରବଦ୍ଧତାକୁ ଉଚ୍ଚ ପ୍ରଶଂସା କରିଥିଲେ। ସଂପାଦକ ଦୀପକ ବୋଷ ପ୍ରାକ୍‌ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ରତ୍ନଶ୍ରୀ ଗ୍ରନ୍ଥ ଅତିଥିମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା। ହଳଧର ପଣ୍ଡାଙ୍କ ରଚିତ ନଟୁ ପୁସ୍ତକ ମଧ୍ୟ ଲୋକାର୍ପିତ ହୋଇଥିଲା। ଡ. ନଗେନ୍ଦ୍ରନାଥ ମହାପାତ୍ର, ଜୟନ୍ତୀ ଜେନା, ହଳଧର ପଣ୍ଡା, ନରେଶ କୁମାର ଲେଙ୍କା, ରବିକୁମାର ପାଣିଗ୍ରାହୀ ଓ ପ୍ରତ୍ୟାଶା ପ୍ରିୟମ୍ବଦା ମହାନ୍ତିଙ୍କୁ ରତ୍ନୋତ୍ସବ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହିତ ପରିଷଦର ସମସ୍ତ ସଦସ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ଠକେଇର ଶିକାର, ଦମ୍ପତିଙ୍କ ନାଁରେ ମାମଲା

ତିହିଡି,(ସବ୍ୟୁ):ଫିନୋ ବ୍ୟାଙ୍କ ଜରିଆରେ ପ୍ରାୟ ୨ କୋଟି ଟଙ୍କା ଲୁଟିନେଲେ ଦମ୍ପତି। ମହିଳାମାନଙ୍କୁ ବିଭିନ୍ନ ଲୋଭ ଦେଖାଇ ଦମ୍ପତି ଏଥିରେ ସଫଳ ହେଇଛନ୍ତି। ଜଣେ କି ଦୁଇ ଜଣ ନୁହେଁ ଗାଁର ୭୦ରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଏପରି ପ୍ରଲୋଭିତ କରି ପ୍ରାୟ ୨ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରୁ ଜଣାଯାଇଛି। ଏଭଳି ଠକେଇ କରିବା ପରେ ଏହି ଦମ୍ପତି ଲୁଚିଛପି ରାତିଅଧିଆ ଗାଁ ଛାଡି ଦେଲେ ଏବଂ ମୋବାଇଲ୍ ମଧ୍ୟ ବନ୍ଦ କରିଦେଲେ। କୁଆଡେ ଗଲେ, କ'ଣ କଲେ କିଛି ବି ଖୋଜଖବର ମିଳିଲାନି । ଏପଟେ ଘରୋଇ ଫାଇନାନ୍ସ କମ୍ପାନୀରୁ ରଣ, ବ୍ୟାଙ୍କ ରଣ ଓ ବ୍ୟକ୍ତିଗତ ସଞ୍ଚୟ ଟଙ୍କା ଦେଇ ମହିଳାମାନେ ଆର୍ଥିକ ସମସ୍ୟାରେ ଘାଣ୍ଟି ହେଲେ। ଶେଷରେ ଥାନାରେ ଆଶ୍ରୟ ନେଲେ । ହେଲେ ପୋଲିସ ଆଜିକାଲି କହି ଘଟଣାକୁ ଗଡେଇ ଚାଲିଲା। ସୋମବାର ଥାନା ସମ୍ମୁଖରେ ମହିଳାମାନଙ୍କ ପ୍ରତିବାଦ ପରେ ଶେଷରେ ସଂପୃକ୍ତ ଦମ୍ପତିଙ୍କ ନାଁରେ ମାମଲା ରୁଜୁ ହୋଇଛି। ତେବେ ଟଙ୍କା ଫେରସ୍ଥର କୌଣସି ଗ୍ୟାରେଣ୍ଟି ଦେଇ ନପାରିଲେ ମଧ୍ୟ ଆଇନ୍‌ଗତ ପଦକ୍ଷେପ ନିଆଯିବ ବୋଲି ପୋଲିସ ମହିଳାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ତିହିଡି ବ୍ଲକ ପୀରହାଟ ଥାନାଧିନ ଅର୍ଜୁନବିନ୍ଧା ଗାଁର ଏପରି ଘଟଣା ସାମ୍ନାକୁ ଆସିଛି। ଏହି ଗାଁର ରଶ୍ମିତା ପଟ୍ଟନାୟକ ଓ ତାଙ୍କ ସ୍ୱାମୀ ରାଜେଶ ମହାନ୍ତି ଦୁହେଁ ମିଳିମିଶି ୭୦ ଜଣ ମହିଳାଙ୍କୁ ଏପରି ଠକିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଦମ୍ପତି ଗାଁର ଏକ ଫିନୋ ବ୍ୟାଙ୍କ ଚଳାଉଥିଲେ। ମହିଳାମାନେ ଉକ୍ତ ବ୍ୟାଙ୍କକୁ ଟଙ୍କା କାରବାର କରିବାକୁ ଯାଇଥାନ୍ତି। ମାତ୍ର ସେମାନେ ଚଞ୍ଚକତା କରି ମହିଳାମାନଙ୍କ ଠାରୁ ପ୍ରାୟ ୨ କୋଟି ଟଙ୍କା ଠକିଥିବା ବେଳେ ମେଡିକାଲ ଓ ମିଥ୍ୟା ପ୍ରତଶ୍ରୁତି ଦେଇ ପ୍ରାୟ ୫୦ ଲକ୍ଷ ଟଙ୍କା ଠକିଛନ୍ତି। ମହିଳାମାନଙ୍କର କାଗଜପତ୍ର ଜେରକ୍ସ କରିବା ଆଳରେ ଜାଲିଆତି କରି ଫାଇନାନ୍ସ କମ୍ପାନୀରୁ ରଣ ଉଠାଣ କରାଯାଇଥିବା ମଧ୍ୟ ମହିଳାମାନେ ଜାଣିବାକୁ ପାଇଛନ୍ତି। ଧିରେ ଧିରେ ଘଟଣା ପଦାକୁ ଆସିବାରୁ ଅଭିଯୁକ୍ତମାନେ ବିଭିନ୍ନ ବାହାନା କରି କଥାକୁ ଏଡାଇ ଚାଲିଲେ। ଶେଷରେ ଗାଁ ଛାଡିବା ପରେ ମହିଳାମାନେ ଗତ ମାର୍ଚ୍ଚ ମାସରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ପୋଲିସ ଘଟଣା ଉପରେ ଗୁରୁତ୍ୱ ଦେଇନଥିଲା। ମାତ୍ର ଗତକାଲି ମହିଳାମାନେ ଥାନା ଘେରାଉ କରିବା ପରେ ପୋଲିସ ମିନତି ବେହେରାଙ୍କ ଏତଲା ମୂଳେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ବିରୋଧରେ ଏକ ମାମଲା ନଂ-୨୧୨/୨୪ ରୁଜୁ କରିଛି। ତେବେ ଅଭିଯୁକ୍ତ ରାଜେଶ ମହାନ୍ତି ଅନ୍ୟ ଏକ ଠକେଇ ଘଟଣାରେ ଗିରଫ୍ ହୋଇ କୋର୍ଟ ଚାଲାଣ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ରଶ୍ମିତା ପଟ୍ଟନାୟକ ସଂପ୍ରତି ଫେରାର୍ ଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଖୁବ୍ ଶୀଘ୍ର ତାଙ୍କୁ ଗିରଫ୍ କରାଯିବ ବୋଲି ଆଇଆଇସି ଅଜୟ ମୁର୍ମୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

(ଶ୍ରୀମଭଗବଦ୍ ଗୀତା ୧୦/୦୫)
–ବିଭୂତିଯୋଗଃ–
( ଶ୍ରୀଭଗବାନୁବାଚ )

**ଅହିଂସା ସମତା ତୁଷ୍ଟିସ୍ତପୋ ଦାନଂ ଯଶୋଯଶଃ ।**
**ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍‌ବିଧାଃ ॥୦୫॥**

(ତିନିଶ୍ଳୋକରେ ଲୋକମହେଶ୍ୱରତା ପରିସ୍ଫୁଟଭାବରେ କହୁଛନ୍ତି)–ବୁଦ୍ଧି, ଜ୍ଞାନ, ବ୍ୟାକୁଳତାର ଅଭାବ, କ୍ଷମା, ସତ୍ୟ, ଦମ (ବାହ୍ୟେନ୍ଦ୍ରିମନ), ଶମ (ଅନ୍ତରିନ୍ଦ୍ରିଦମନ), ସୁଖ, ଦୁଃଖ, ଜନ୍ମ, ମୃତ୍ୟୁ, ଭୟ, ଅଭୟ, ଅହିଂସା, ସମତା, ତୁଷ୍ଟି, ତପ, ଦାନ, ଯଶ, ଅଯଶ– ପ୍ରାଣୀମାନଙ୍କର ଏହିସବୁ ବିବିଧ ଭାବ ମୋଠାରୁ ଉତ୍ପନ୍ନ ହୁଅନ୍ତି ॥୦୫॥

# କାର୍ଯ୍ୟ କରିବାର ସମୟ

ନିକଟରେ ଜଣେ ୨୬ ବର୍ଷୀୟା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ କାର୍ଯ୍ୟଭାର,କଠିନ ପରିଶ୍ରମ ଓ ଲମ୍ବା ସମୟ ପର୍ଯ୍ୟନ୍ତ କାର୍ଯ୍ୟ ଯୋଗୁଁ ମୃତ୍ୟୁବରଣ କରିଛନ୍ତି ବୋଲି ଅଭିଯୋଗ ହେଇଛି । ତାଙ୍କ ମୃତ୍ୟୁକୁ ନେଇ ବିତର୍କ ଥମୁନି । ବଡ ବଡ କେତେକ ସଂସ୍ଥା ମାନବ ସମ୍ବଳକୁ ଶୋଷଣ କରୁଛନ୍ତି ବୋଲି ଅନେକଙ୍କ ମଧ୍ୟରେ ଧାରଣା ସୃଷ୍ଟି ହେଉଛି । ଗୋଟିଏ ବଡ ଅନ୍ତର୍ଜାତୀୟ ସଂସ୍ଥାରେ, ଏହି ଯୁବତୀ ଜଣକ ମାତ୍ର ୪ ମାସ ତଳେ ଯୋଗ ଦେଇଥିଲେ । ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ସଂସ୍ଥାରେ ତାଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡୁଥିଲା । 'କାର୍ଯ୍ୟଭାର, ନୂତନ ପରିବେଶ ଏବଂ ଦୀର୍ଘ ଘଣ୍ଟା ତାଙ୍କ ଶାରୀରିକ, ଭାବନାତ୍ମକ ଏବଂ ମାନସିକ ସ୍ତରରେ ପ୍ରଭାବ ପକାଇଲା । ସେ ଚିନ୍ତା, ନିଦ୍ରାହୀନତା ଏବଂ ଚାପର ସମ୍ମୁଖୀନ ହେବାକୁ ଲାଗିଲେ । କିନ୍ତୁ, ଭବିଷ୍ୟତକୁ ଦୃଷ୍ଟିରେ ରଖି ସେ କଷ୍ଟ କରି ଚାଲିଥିଲେ ।' ଏହା କହିଛନ୍ତି ତାଙ୍କର ମାଆ ଏବଂ ଏଥିନେଇ ସେ କମ୍ପାନୀର ମୁଖ୍ୟଙ୍କ ପାଖକୁ ଚିଠି ମଧ୍ୟ ଲେଖିଛନ୍ତି । ସେ ଲେଖିଛନ୍ତି ଯେ କମ୍ପାନୀର ମ୍ୟାନେଜରମାନେ କ୍ରିକେଟ୍ ମ୍ୟାଚ୍ ଦେଖିବାକୁ ଚାହୁଁଥିବାରୁ ତାଙ୍କ ଝିଅ ଉପରେ ଅସମୟରେ, ଅଧିକରୁ ଅଧିକ କାମ ଲଦି ଦେଉଥିଲେ । ଯେତେବେଳେ ସେ ବିଶ୍ରାମ ନେବା ପାଇଁ ସମୟ ପାଉନାହାନ୍ତି ବୋଲି ପ୍ରକାଶ କଲେ, ତାଙ୍କୁ କୁହାଯାଇଥିଲା ଯେ ରାତିରେ କାମ ପଡିବା ସ୍ୱାଭାବିକ ଏବଂ ସେ କରିବା ଉଚିତ । ଏହି ଅଭିଯୋଗର ସତ୍ୟତା ଯାହା ଥାଉନା କାହିଁକି, ଏହା ସତ୍ୟ ଯେ' ଅନେକ କମ୍ପାନୀରେ ବା ଅନେକ ସଂସ୍ଥାରେ, କର୍ମଚାରୀମାନଙ୍କୁ ଅଧିକ ସମୟ ପର୍ଯ୍ୟନ୍ତ କାମ କରିବାକୁ ପଡୁଛି । ନିଜର ମାନସିକ ଅବସ୍ଥା ଏବଂ ସ୍ୱାସ୍ଥ୍ୟଗତ ସମସ୍ୟାକୁ ବେଖାତିର କରି କର୍ମଚାରୀମାନେ କାର୍ଯ୍ୟ କରି ଚାଲିଛନ୍ତି ଏବଂ କମ୍ପାନୀଗୁଡିକ ଏହାର ସୁଯୋଗ ନେଇ, ଅଧିକ ସମୟ ପର୍ଯ୍ୟନ୍ତ କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରୁଛନ୍ତି । କେତେକ କର୍ମଚାରୀ ଦୀର୍ଘ ଘଣ୍ଟା କାମ କରିବା ସମ୍ମାନର କଥା ବୋଲି ଭାବନ୍ତି ମଧ୍ୟ । ଅନେକ ଯୁବକ ଅଧିକ ଉପାର୍ଜନ ଏବଂ ଚାକିରିରେ ଉତ୍ତୋରତ୍ତର ଉନ୍ନତି ପାଇଁ ଏଭଳି ସଂସ୍କୃତିକୁ ଆଦରି ନେଉଛନ୍ତି । Factories Act, 1948 and the Shops and Establishment Acts (SEA) ଅନୁସାରେ, ଭାରତରେ କାର୍ଯ୍ୟ ସମୟ ଦିନକୁ ୯ ଘଣ୍ଟାରୁ ଅଧିକ ନୁହେଁ କିମ୍ବା ସପ୍ତାହରେ ୪୮ ଘଣ୍ଟାରୁ ଅଧିକ ନୁହେଁ । ଏଥିରେ ଏକ ଘଣ୍ଟା ବିଶ୍ରାମ କିମ୍ବା ଭୋଜନ ବିରତି ଅନ୍ତର୍ଭୁକ୍ତ । ଯଦି କୌଣସି କର୍ମଚାରୀ ସାଧାରଣ କାର୍ଯ୍ୟ ସମୟ ପରେ କାର୍ଯ୍ୟ କରନ୍ତି, ତେବେ ସେମାନେ ଅଧିକ ସମୟ ପାଇଁ ବେତନ ପାଇବାକୁ ହକଦାର । ଗତ ବର୍ଷ ଅକ୍ଟୋବରରେ ଇନଫୋସିସ୍ ସହ–ପ୍ରତିଷ୍ଠାତା ଏନ.ଆର ନାରାୟଣ ମୂର୍ତ୍ତୀ ପରାମର୍ଶ ଦେଇ କହିଥିଲେ ଯେ' ଭାରତର କାର୍ଯ୍ୟ ସଂସ୍କୃତିର ପରିବର୍ତ୍ତନ ହେବା ଆବଶ୍ୟକ ଏବଂ ଯୁବକମାନେ ସପ୍ତାହରେ ୭୦ ଘଣ୍ଟା କାମ କରିବାକୁ ପ୍ରସ୍ତୁତ ହେବା ଉଚିତ । ଏହାକୁ ନେଇ ପ୍ରବଳ ବିତର୍କ ହେଇଥିଲା । ଅନେକ ତାଙ୍କର ଏ କଥାକୁ ନାପସନ୍ଦ ମଧ୍ୟ କରିଥିଲେ । ତେବେ ଯୁକ୍ତି, କଠିନ ଓ ଉତ୍ପାଦନକାରୀ କାର୍ଯ୍ୟ ବିରୁଦ୍ଧରେ ନୁହେଁ, କଥା ଉଠୁଛି, କାର୍ଯ୍ୟ କରିବାର ସମୟକୁ ନେଇ । ଅନେକ କମ୍ପାନୀରେ ଏହା ଉପରେ ଲଗାମ ନାହିଁ କହିଲେ ଚଳେ । ଏହା କେବଳ ଭାରତରେ ହେଉଛି ତାହା ନୁହେଁ, ବିଶ୍ୱର ଅନେକ ଦେଶରେ, ଅନେକ କର୍ମଚାରୀ ଏହାର ଶିକାର ହେଇଛନ୍ତି । କେବଳ ଚାକିରି କ୍ଷେତ୍ରରେ ନୁହେଁ, ସ୍ପୋର୍ଟ୍ସ ଜଗତରେ ମଧ୍ୟ ଏ ନେଇ ଅନେକ ଅସନ୍ତୋଷ ଦେଖାଦେଉଛି । ୟୁରୋପରେ ପେଷାଦାର ବଡ ବଡ ଫୁଟବଲ ଖେଳାଳି ବାର୍ଷିକ କାର୍ଯ୍ୟସୂଚୀରେ ଅଧିକ ମ୍ୟାଚ୍ ଯୋଡାଯିବା ପରେ ଏହାକୁ ବିରୋଧ କରୁଛନ୍ତି ବା ଖୋଲାଖୋଲି ପ୍ରତିବାଦ କରୁଛନ୍ତି । କ୍ଲବ ମାଲିକ, ନିୟନ୍ତ୍ରକ ଏବଂ ପ୍ରସାରଣକାରୀମାନେ ସ୍ୱାଭାବିକ ଭାବରେ ରାଜସ୍ୱ ଏବଂ ଲାଭ ପାଇଁ ଖେଳାଳିମାନଙ୍କୁ ଶୋଷଣ କରି ଚାଲିଛନ୍ତି ବୋଲି ଅଭିଯୋଗ ହେଉଛି । ଯଦିଓ ଖେଳାଳିମାନେ ଅଧିକ ଅର୍ଥ ଉପାର୍ଜନ କରୁଛନ୍ତି, କିନ୍ତୁ ମାନସିକ ସ୍ତରରେ କ୍ଳାନ୍ତ ହେଇଯାଉଛନ୍ତି । ପ୍ରତ୍ୟେକ କ୍ଷେତ୍ରରେ ସଂସ୍ଥାର ଉନ୍ନତି ପାଇଁ କର୍ମଚାରୀମାନଙ୍କ ଠାରୁ କମ୍ପାନୀ କର୍ତ୍ତୃପକ୍ଷ ଅଧିକରୁ ଅଧିକ କାର୍ଯ୍ୟ ଆଶା କରୁଛନ୍ତି । ଅଧିକ ରାଜସ୍ୱ ଉପାର୍ଜନ ଆଶାରେ ଅନେକ ସଂସ୍ଥା ଅଛନ୍ତି ଯେଉଁମାନେ ନିଜ ନିଜର କାର୍ଯ୍ୟ କରିବାର ଶୈଳୀ ପ୍ରସ୍ତୁତ କରି ଏହାକୁ କମ୍ପାନୀର ସଂସ୍କୃତି ବୋଲି କହିଥାନ୍ତି ଏବଂ ସେମାନଙ୍କର ସାମାଜିକ ଦାୟିତ୍ୱ ଓ ମାନବିକତାକୁ ଭୁଲି ଯାଇଥାନ୍ତି । ମେ ୧୭, ୨୦୨୧ ରେ, WHO ଏବଂ ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ILO) ଏନେଇ ଗୋଟିଏ ରିପୋର୍ଟ ପ୍ରକାଶ କରିଥିଲେ । ରିପୋର୍ଟ ଅନୁଯାୟୀ,ବିଶ୍ୱରେ ୪୮୮ ନିୟୁତ ଲୋକ ଦୀର୍ଘ ସମୟ ପାଇଁ କାର୍ଯ୍ୟ କରିଥାନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସାମ୍ନା କରିଥାନ୍ତି । ଏହି ରିପୋର୍ଟରେ କୁହାଯାଇଛି ଯେ' ୨୦୧୬ ରେ ୭ ଲକ୍ଷରୁ ଅଧିକ ଲୋକ ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍‌ରେ ମୃତ୍ୟୁ ମୁଖରେ ପଡିଛନ୍ତି, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ସପ୍ତାହରେ ୫୫ ଘଣ୍ଟାରୁ ଅଧିକ ସମୟ କାର୍ଯ୍ୟ କରିଥାନ୍ତି । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ' ଦୀର୍ଘ ସମୟ ପର୍ଯ୍ୟନ୍ତ କାମକରିବା ଦ୍ୱାରା ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି, ଯଦିଓ ସମସ୍ତଙ୍କ କ୍ଷେତ୍ରରେ ଏହା ହେଇ ନ ପାରେ । ଖାଲି ଦୀର୍ଘ ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବା ଦ୍ୱାରା ଯେ' ସ୍ୱାସ୍ଥ୍ୟଗତ ସମସ୍ୟା ଦେଖା ଦିଏ, ତାହା ନୁହେଁ, ଚାକିରିରେ ଚାପ, ସାମାଜିକ ଅର୍ଥନୈତିକ ସ୍ଥିତି ଏବଂ ବ୍ୟକ୍ତିର ସ୍ୱାସ୍ଥ୍ୟ ଅବସ୍ଥା ଏଥିପାଇଁ ଦାୟୀ । ତେବେ ଅତ୍ୟଧିକ କାର୍ଯ୍ୟ କରିବା ଦ୍ୱାରା ହୃଦ୍‌ରୋଗ ଓ ଷ୍ଟ୍ରୋକ୍ ହେବାର ଆଶଙ୍କା ବଢିଥାଏ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପଡିଥାଏ । ଅତ୍ୟଧିକ କାର୍ଯ୍ୟରତ ଲୋକମାନଙ୍କର ଶାରୀରିକ ଏବଂ ମାନସିକ ଚାପ ତୀବ୍ର ଶାରୀରିକ ପ୍ରତିକ୍ରିୟାଗୁଡ଼ିକରୁ ଆରମ୍ଭ ହୋଇପାରେ, ଯେପରିକି ଥକାପଣ, ଚାପ, ଦୁର୍ବଳ ନିଦ ଏବଂ ଚାପର ପ୍ରତିକ୍ରିୟାରେ ଅସ୍ୱାସ୍ଥ୍ୟକର ଜୀବନଶୈଳୀ ପରିବର୍ତ୍ତନ । ଏହା ସହିତ, ଅତ୍ୟଧିକ କାର୍ଯ୍ୟ, କାର୍ଯ୍ୟଦକ୍ଷତାକୁ ହ୍ରାସ କରିଥାଏ ଏବଂ ଅସୁସ୍ଥତା ହେତୁ ଉତ୍ପାଦକତା ହ୍ରାସ ପାଇଥାଏ । ଅଧିକ ସମୟ ଧରି କାମ କରିବା ଅଭ୍ୟାସ ବୃଦ୍ଧି ପାଇବାରେ ଲାଗିଛି ଏବଂ ସବୁବେଳେ, ଏଥିନେଇ ଆମେ ବିତର୍କ କରିଆସୁଛୁ, କିନ୍ତୁ ଏ ପର୍ଯ୍ୟନ୍ତ ଏହାର ସମାଧାନ କରିବାରେ ସମର୍ଥ ହେଇପାରିନାହୁଁ । ଏହି ଅସ୍ୱାସ୍ଥ୍ୟକର ତଥାପି ସ୍ୱୀକୃତିପ୍ରାପ୍ତ ଅଭ୍ୟାସ ସମ୍ବନ୍ଧରେ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ । ଏ ସମ୍ପର୍କରେ ନିଯୁକ୍ତିଦାତାମାନେ ଧ୍ୟାନ ଦେବା ସହ କାର୍ଯ୍ୟକରିବା ପାଇଁ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଆବଶ୍ୟକ । ଏହି ଯୁବ ଚାର୍ଟାଡ ଆକାଉଣ୍ଟାଣ୍ଟଙ୍କ ମୃତ୍ୟୁର କାରଣ ଯାହା ହେଉନା କାହିଁକି, ପ୍ରଚଳିତ ବାସ୍ତବତାକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ଏହି କାର୍ଯ୍ୟଶୈଳୀ ବା ସଂସ୍କୃତିରେ ପରିବର୍ତ୍ତନ ଆଣିବା ଆବଶ୍ୟକ । ଏହାଦ୍ୱାରା କର୍ମଚାରୀଙ୍କ ମାନସିକ ଅବସ୍ଥା ସୁସ୍ଥ ରହିବ ଏବଂ କାମ ପ୍ରତି ସ୍ପୃହା ରହିବ, ଯାହା ପରୋକ୍ଷରେ ଉତ୍ପାଦକତା ବଢାଇବାରେ ସହାୟକ ହେବ ।

ସମ୍ପାଦକୀୟ

# ଆଧୁନିକ ସମାଜର ଜନକ ରାଜା ରାମମୋହନ ରାୟ



ଅସିତ ମହାନ୍ତି

ଆଜିର ଯୁଗର କଳ୍ପନା କରିବା, ସମାଜର ମହାନ ପୁରୁଷଙ୍କ ବିନା ଅସମ୍ପୂର୍ଣ୍ଣ ଅଟେ । ଇତିହାସର ସୁବର୍ଣ୍ଣ ପୃଷ୍ଠାରେ, ଆମେ ଏପରି ମହାନ ବ୍ୟକ୍ତିଙ୍କ କାହାଣୀ ପଢିବାକୁ ପାଉଛୁ, ଯେଉଁମାନେ ସେମାନଙ୍କର ଦକ୍ଷତା, ଦୂରଦୃଷ୍ଟି ଏବଂ ବୁଝାମଣା ସହିତ ଦେଶକୁ ଏକ ନୂତନ ରାସ୍ତା ଦେଖାଇଥିଲେ । ଏହିପରି ମହାନ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଥିଲେ ରାଜା ରାମମୋହନ ରାୟ (୨୨ ମଇ ୧୭୭୨– ୨୭ ସେପ୍ଟେମ୍ବର ୧୮୩୩) ରାଜା ରାମମୋହନ ରାୟ ୨୨ ମଇ ୧୭୭୨ରେ ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲ୍ଲାରେ ବ୍ରାହ୍ମଣ ପରିବାରରେ, ରମାକାନ୍ତ ରାୟଙ୍କ ଘରେ ଜନ୍ମଗ୍ରହଣ କରିଥିଲେ ।

ତତ୍କାଳିନ ସମାଜରେ ବ୍ୟାପିଥିବା ବିଭିନ୍ନ ଅନ୍ଧବିଶ୍ୱାସକୁ ବିରୋଧ କରି ଅତ୍ୟାଧୁନିକ ସମାଜ ଗଠନ ତଥା 'ବ୍ରାହ୍ମ ସମାଜ' ପ୍ରତିଷ୍ଠାତା ଭାବରେ ରାମ ମୋହନ ରାୟ ନିଶ୍ଚିତ ଭାବରେ ଖ୍ୟାତି ଅର୍ଜନ କରିଛନ୍ତି । ରାଜା ରାମମୋହନ ରାୟ କେବଳ ଜଣେ ମହାନ ସାମାଜିକ ସଂସ୍କାରକ ନୁହଁନ୍ତି, ଜଣେ ମହାନ ଦାର୍ଶନିକ ତଥା ପଣ୍ଡିତ ମଧ୍ୟ ଥିଲେ ଯିଏ ସତୀପ୍ରଥା ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ । ରାଜା ରାମମୋହନ ରାୟଙ୍କୁ ଭାରତୀୟ ନବଜାଗରଣର ପୁରୋଧା ତଥା ଆଧୁନିକ ଭାରତର ଜନକ ବୋଲି କୁହାଯାଏ । ମଧ୍ୟଯୁଗ ପରେ ୟୁରୋପୀୟ ସାଂସ୍କୃତିକ, କଳା, ରାଜନୈତିକ ଏବଂ ଅର୍ଥନୈତିକ ପୁର୍ନଜନ୍ମର ଏକ ଘଡିସନ୍ଧି ସମୟ ଥିଲା । ସାଧାରଣତଃ ଚତୁର୍ଦ୍ଦଶ ଶତାବ୍ଦୀରୁ ୧୭ ଶତାବ୍ଦୀ ପର୍ଯ୍ୟନ୍ତ ଇଉରୋପରେ ହୋଇଥିବା ନବଜାଗରଣ ଆନ୍ଦୋଳନ ଶାସ୍ତ୍ରୀୟ ଦର୍ଶନ, ସାହିତ୍ୟ ଏବଂ କଳାର ପୁନଃ ଆବିଷ୍କାରକୁ ପ୍ରୋତ୍ସାହିତ କରିଥିଲା, ଯେଉଁ ଆନ୍ଦୋଳନ କି ଭାରତକୁ ପ୍ରଭାବିତ କରିଥିଲା । ଏହାର ପ୍ରଭାବ ରାମମୋହନଙ୍କ ଉପରେ ପଡିଥିଲା ଏବଂ ସେ ଇଉରୋପରେ ହୋଇଥିବା ନବଜାଗରଣ ଆନ୍ଦୋଳନ ଦ୍ୱାରା ଅତ୍ୟନ୍ତ ପ୍ରଭାବିତ ହୋଇଥିଲେ । ଅଗ୍ରଣୀ ସାମାଜିକ ସଂସ୍କାରକ ରାଜା ରାମମୋହନ ରାୟଙ୍କ ଦ୍ୱାରା ୧୮୨୮ ମସିହାରେ, 'ଭାରତୀୟ ନବଜାଗରଣ ଆନ୍ଦୋଳନ' କଲିକତାରେ ଆରମ୍ଭ ହୋଇଥିଲା । ତତ୍କାଳିନ ସମାଜରେ ଗ୍ରହଣୀୟ ଥିବା ମୂର୍ତ୍ତି ପୂଜା, ଜାତି ଅତ୍ୟାଚାର, ଅନାବଶ୍ୟକ ରୀତିନୀତି ଏବଂ ସତୀ, ବହୁବିବାହ, ବାଲ୍ୟ ବିବାହ ଇତ୍ୟାଦି ସାମାଜିକ କୁସଂସ୍କାର ବିରୁଦ୍ଧରେ ଏହା ପ୍ରତିଷ୍ଠିତ ହୋଇଥିଲା । ଅର୍ଥାତ୍ ରାଜା ରାମମୋହନ ଭାରତକୁ ଅନ୍ଧକାର ଗର୍ତ୍ତରୁ ବାହାରକୁ ବାହାର କରିବାପାଇଁ ଜୀବନ ଥିବା ପର୍ଯ୍ୟନ୍ତ ସଂଘର୍ଷ କରିଯାଇଛନ୍ତି । ପିଲାଦିନରୁ ସେ ମୂର୍ତ୍ତି ପୂଜାକୁ ବିରୋଧ କରୁଥିଲେ । ଅଳ୍ପ ବୟସରେ, ସେ ଜଣେ ସାଧୁ ହେବାକୁ ଚାହୁଁଥିଲେ, । କିନ୍ତୁ ତାଙ୍କ ମାଆଙ୍କ ପ୍ରତି ଥିବା ତାଙ୍କ ଘନିଷ୍ଠତା, ଏହି ପଥରେ ବାଧା ସୃଷ୍ଟି କରିଥିଲା । ପରମ୍ପରାରେ ବିଶ୍ୱାସ କରୁଥିବା ରମାକାନ୍ତ ତାଙ୍କ ପୁଅକୁ ଉଚ୍ଚଶିକ୍ଷା ପଢ଼ାଇବାକୁ ଚାହୁଁଥିଲେ ।

ଏଥିପାଇଁ ରାମମୋହନ ରାୟଙ୍କୁ ଅଳ୍ପ ବୟସରେ ପାଟନାକୁ ପଠାଯାଇଥିଲା । ସେଠାକୁ ଯିବା ପରେ ସେ ଇଂରାଜୀ ଶିକ୍ଷା ଲାଭ କଲେ ଏବଂ ସମାଜରେ ପରିବର୍ତ୍ତନ ଆଣିବାକୁ ସ୍ଥିର କଲେ । ମୋଗଲ ସମ୍ରାଟ ଆକବର ଦ୍ୱିତୀୟଙ୍କ ପକ୍ଷରୁ ରାଜା ରାମମୋହନ ରାୟଙ୍କୁ 'ରାଜା' ଆଖ୍ୟା ଦିଆଯାଇଥିଲା । ଯେତେବେଳେ ତାଙ୍କ ଭାଉଜଙ୍କୁ ସତୀ ହେବାପାଇଁ ବାଧ୍ୟ କରାଯାଇଥିଲା, ସେତେବେଳେ ସେ ତାଙ୍କ କରୁଣାମୟୀ ଅବସ୍ଥାକୁ ଦେଖି ବିଚଳିତ ହୋଇଯାଇଥିଲେ । ସମାଜରେ ଏପରି କୁସଂସ୍କାର ଦୂର କରିବା ପାଇଁ ସେ ଯେତେ ଚେଷ୍ଟା କଲେ ମଧ୍ୟ, ସମାଜ ତାଙ୍କୁ ଗ୍ରହଣ କରିନଥିଲା ଏବଂ ତାଙ୍କୁ ବହିଷ୍କାର କରାଯାଇଥିଲା । ସମାଜର ଏହି ବିରୋଧ ଯୋଗୁଁ, ଘର–ପରିବାର ଛାଡି ରାମମୋହନ ରାୟ ତିବ୍ବତକୁ ଚାଲିଗଲେ । ସେଠାରେ ମଧ୍ୟ ସେ ଦେଖିଲେ ଯେ ସମାଜ ଅନ୍ଧବିଶ୍ୱାସର ଶିକାର ହେଉଛି । ତାଙ୍କର ବୈପ୍ଳବିକ ପ୍ରକୃତି ହେତୁ ସେ ନିଜକୁ ତିବ୍ବତରେ ଜଣେ ଅତ୍ୟାଧୁନିକ ସମାଜ ସଂସ୍କାରକ ଭାବରେ ଉପସ୍ଥାପନ କରିଥିଲେ । ଫଳସ୍ୱରୂପ ତାଙ୍କୁ ତିବ୍ବତ ଛାଡି ବଙ୍ଗଳାକୁ ଫେରିବାକୁ ପଡିଲା । କିନ୍ତୁ ସେ ହାର ମାନିନଥିଲେ ଏବଂ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଚେଷ୍ଟା ଜାରି ରଖିଥିଲେ । ସେ ଲର୍ଡ ୱିଲିୟମ୍ ବେଣ୍ଟିଙ୍କଙ୍କୁ ଭେଟିଥିଲେ ଏବଂ ଏକ ଆଦେଶ ପ୍ରଦାନ କରାଇ ସତୀପ୍ରଥାକୁ ସମାପ୍ତ କରିବାକୁ ଥିବା ତାଙ୍କର ସଂକଳ୍ପ ପୂରଣ କରିଥିଲେ । ସେତେବେଳେ ଲୋକମାନଙ୍କର ଧ୍ୟାନ ମହିଳାମାନଙ୍କ ଦୁଃଖଦ ଅବସ୍ଥା ପ୍ରତି ଆକର୍ଷିତ ହୋଇଥିଲା ଏବଂ ଲୋକମାନେ ରାମମୋହନ ରାୟଙ୍କୁ ଏକ ସାମାଜିକ ସଂସ୍କାରକ ଭାବରେ ଜାଣିବାକୁ ପାଇଲେ । ସେ ହୃଦୟଙ୍ଗମ କଲେ ଯେ ଯଦି ସମାଜର ମହିଳାମାନେ ଶିକ୍ଷିତ ହୁଅନ୍ତି, ତେବେ ସାମାଜିକ ସଂସ୍କାରରେ ନିଶ୍ଚିତ ସଫଳତା ମିଳିବ । ମହିଳାଙ୍କ ଉଚ୍ଚଶିକ୍ଷାର ପ୍ରୋତ୍ସାହନ ଦେବାକୁ ବିଦ୍ୟାଳୟ ଗଠନ ପାଇଁ ସେ ସରକାରଙ୍କୁ ସହଯୋଗ କରିଥିଲେ ।


ସେହିଭଳି କେଶବ ଚନ୍ଦ୍ର ସେନ୍, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ସହଯୋଗରେ ଆଙ୍ଗ୍ଲୋ ବୈଦିକ ବିଦ୍ୟାଳୟ ଓ କଲେଜ ପ୍ରତିଷ୍ଠା କଲେ । ଏହା ପରେ, ଏକ ସମୟ ଆସିଲା ଯେ ସାଧାରଣ ଲୋକମାନେ ତାଙ୍କୁ 'ରାଜା ରାମମୋହନ ରାୟ' ବୋଲି ସମ୍ବୋଧନ କରିବା ଆରମ୍ଭ କଲେ । କେବଳ ସତୀପ୍ରଥା ସମାପ୍ତ କରି ନୁହେଁ, ରାଜ ରାମମୋହନ ରାୟ ମଧ୍ୟ ବିଭିନ୍ନ ସାମାଜିକ କୁସଂସ୍କାର ପ୍ରତି ଦେଶରେ ସଚେତନତା ସୃଷ୍ଟି କରିଥିଲେ ।

ତତ୍କାଳିନ ସମାଜରେ ପ୍ରଚଳିତ ଥିବା ବିଭିନ୍ନ ଅନ୍ଧବିଶ୍ୱାସକୁ ତୀବ୍ର ବିରୋଧ କରି ୧୮୨୮ ମସିହାରେ ସେ 'ବ୍ରାହ୍ମ ସମାଜ' ନାମକ ଏକ ନୂତନ ସମାଜ ପ୍ରତିଷ୍ଠା କରିଥିଲେ । ସେ 'ମିରାଟ–ଉଲ୍' ଖବରକାଗଜ ଏବଂ 'ସମ୍ବାଦ କୌମୁଦୀ' ପରି ଖବରକାଗଜ ମଧ୍ୟ ପ୍ରକାଶ କରିଥିଲେ । ସେ ନିୟମିତ ଭାବରେ ଏହି ଖବରକାଗଜ ମାଧ୍ୟମରେ ନିଜର ମତ ପ୍ରକାଶ କରୁଥିଲେ ଏବଂ ତାଙ୍କ ଚିଠିରେ ବିରୋଧୀଙ୍କୁ ଜବାବ ଦେଉଥିଲେ । ଇଂଲଣ୍ଡର ବ୍ରିଷ୍ଟଲ ଠାରେ ୨୭ ସେପ୍ଟେମ୍ବର ୧୮୩୩ରେ, ରାମମୋହନ ରାୟଙ୍କର ଦେହାନ୍ତ ହୋଇଥିଲା । ମହିଳାମାନଙ୍କ ମଧ୍ୟରେ ଜାଗରଣ ଏବଂ ସଶକ୍ତିକରଣ ପାଇଁ ତାଙ୍କର ଉଦ୍ୟମକୁ ଆଜି ମଧ୍ୟ ପ୍ରଶଂସା କରାଯାଉଛି ।

ଆଜିର ଭାରତୀୟ ସମାଜରେ ଆଧୁନିକତାର ଆବରଣ ତଳେ ପୁଣି ଦେଖାଦେଇଛି ସେହିଭଳି କିଛି ପୁରୁଣା ଚିନ୍ତା, ଚେତନା ଏବଂ ଅନ୍ଧତ୍ୱ । ସତୀପ୍ରଥାର ଅନ୍ତ ହୋଇଛି ସତ କିନ୍ତୁ ବର୍ତ୍ତମାନ ମହିଳାମାନେ ଅନେକ ପ୍ରକାର ଅତ୍ୟାଚାର ଏବଂ ପ୍ରତାରଣାର ଶିକାର ହେଉଛନ୍ତି । ମହିଳାମାନେ ଅନେକେ ଆଜି ନିଜକୁ ସୁରକ୍ଷିତ ମଣୁନାହାନ୍ତି । ମହିଳାମାନଙ୍କ ପ୍ରତି ସମାଜର ବିଚାର ଅନେକାଂଶରେ ପୂର୍ବାପେକ୍ଷା ବଦଳି ଯାଇଛି ନିଶ୍ଚୟ । ତଥାପି ଅନେକାଂଶରେ ଅତ୍ୟାଚାରର ସମ୍ମୁଖିନ ହେଉଛନ୍ତି ଅନେକେ । ଏଭଳି ସମୟରେ ଆମକୁ ରାଜା ରାମମୋହନ ରାୟଙ୍କ ଭଳି ସଂଘର୍ଷ କରିବାକୁ ହେବ । ମହିଳାମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ହେବ । ତେବେ ଯାଇ ହୁଏତ ଆମେ ରାଜା ରାମମୋହନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିପାରିବା ।

**ସୁଜନପୁର , ଯାଜପୁର**
**ମୋ–୯୩୪୮୭୬୮୮୧୨**

# ଓଡ଼ିଶା: ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ



ଯଶସ୍ୱିନୀ ପଟ୍ଟନାୟକ

ପର୍ଯ୍ୟଟନ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆନ୍ତର୍ଜାତିକ ସମୁଦାୟ ମଧ୍ୟରେ ପର୍ଯ୍ୟଟନ ବିଷୟରେ ସଚେତନତା ସୃଷ୍ଟି କରିବା ସହିତ ଏହାର ସାଂସ୍କୃତିକ, ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ମୂଲ୍ୟବୋଧକୁ ସାରା ବିଶ୍ୱରେ ଲୋକଙ୍କ ନିକଟରେ ପହଞ୍ଚାଇବା । ଏହିଦିନ ୟୁଏନ୍‌ଡବ୍ଲ୍ୟୁଟିଓର ଜେନେରାଲ ସେକ୍ରେଟାରି ସମସ୍ତ ଜନସାଧାରଣଙ୍କୁ ବିଶ୍ୱ ପର୍ଯ୍ୟଟନ ଦିବସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଆହ୍ୱାନ ଦେଇଥାନ୍ତି । ବିଭିନ୍ନ ପର୍ଯ୍ୟଟନ ଉଦ୍ୟୋଗ, ପର୍ଯ୍ୟଟନ ସହ ସଂପୃକ୍ତ ସଂସ୍ଥା, ସରକାରୀ ଏଜେନ୍ସି ପ୍ରମୁଖ ଏହାକୁ ଆଗ୍ରହର ସହ ମଧ୍ୟ ପାଳନ କରିଥାନ୍ତି । ଏହିଦିନ ପର୍ଯ୍ୟଟନର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଓ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ । ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ରିହାତିରେ ଟିକେଟ ଏବଂ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଇଥାଏ ।

'ଆକର୍ଷଣୀୟ, ଶାନ୍ତ, ଅବର୍ଣ୍ଣନୀୟ' ଓଡ଼ିଶା ଏହି ତିନୋଟି ଶବ୍ଦର ସମାହାର କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତର ପୂର୍ବ ଉପକୂଳରେ ଅବସ୍ଥିତ ଓଡ଼ିଶା, ରମଣୀୟ ସ୍ଥାନ, ଅନନ୍ୟ ସଂସ୍କୃତି ଏବଂ ସୌହାର୍ଦ୍ଦ୍ୟ ଏବଂ ସ୍ନେହଶୀଳ ଲୋକଙ୍କ ଅପୂର୍ବ ସମାହାର । ୪୮୦ କିଲୋମିଟର ଦୀର୍ଘ ଉପକୂଳ, ନଭଶ୍ଚୁମ୍ବୀ ପର୍ବତମାଳା, ଶାନ୍ତ ହ୍ରଦ ଏବଂ ଚଳଚଞ୍ଚଳ ନଦନଦୀ ତଥା ବିଭିନ୍ନ ବନ୍ୟଜନ୍ତୁ ଅଭୟାରଣ୍ୟ, ସମୁଦ୍ରତଟ, ମନ୍ଦିର, ସ୍ମାରକସ୍ଥଳୀ, କଳା ଏବଂ ପର୍ବପର୍ବାଣୀରେ ଭରପୁର ଓଡ଼ିଶା ସମସ୍ତଙ୍କୁ ଆକର୍ଷିତ କରିଥାଏ । ପର୍ଯ୍ୟଟନ ଓଡ଼ିଶାର ଅର୍ଥନୀତିକୁ ପ୍ରମୁଖ ଅବଦାନ ଦେଇଥାଏ । ଭାରତର କିଛି ସ୍ଥାନ ସ୍ୱତନ୍ତ୍ର ମାନ୍ୟତାର ଅଧିକାରୀ ଏବଂ ଓଡ଼ିଶା ଏହା ମଧ୍ୟରୁ ଗୋଟିଏ ବୋଲି ନିଶ୍ଚିତ ଭାବେ କୁହାଯାଇପାରିବ । ଭାରତର ଭାସ୍କର୍ଯ୍ୟ ଏବଂ କଳାତ୍ମକ ଐତିହ୍ୟର ବାସ୍ତବିକ ସଂଗ୍ରହାଳୟ ଓଡ଼ିଶାର ପର୍ଯ୍ୟଟନକୁ ହିଁ ବୁଝାଯାଇଥାଏ ଏବଂ କୋଣାର୍କରେ ଅବସ୍ଥିତ ଦେଦୀପ୍ୟମାନ ସୂର୍ଯ୍ୟମନ୍ଦିର, ପୁରୀସ୍ଥିତ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମନ୍ଦିରମାଳିନୀ ସହର ଭୁବନେଶ୍ୱର ଦେଶବିଦେଶର ପର୍ଯ୍ୟଟକ ଏବଂ ବିଶେଷଜ୍ଞଙ୍କ ଲାଗି ପ୍ରଥମ ପସନ୍ଦ ହୋଇଥାଏ । କ୍ରମାଗତ ବୃଦ୍ଧି ପାଉଛି ଅତ୍ୟାଧୁନିକ ପର୍ଯ୍ୟଟକଙ୍କ ସଂଖ୍ୟା । ଅନେକ ପର୍ଯ୍ୟଟକ, ଯେଉଁମାନେ କି ଓଡ଼ିଶା ପର୍ଯ୍ୟଟନ ପ୍ରତି ଆକର୍ଷିତ, ସେମାନେ ଓଡ଼ିଶାର ବିଭିନ୍ନ ମନ୍ଦିର, ଓଡ଼ିଶୀ ହସ୍ତତନ୍ତ, (ଯାହା ସାରା ବିଶ୍ୱରେ ପ୍ରସିଦ୍ଧ) ଏବଂ ପୁରୀ ଓ ଗୋପାଳପୁର ସମୁଦ୍ରକୂଳ ସମ୍ପର୍କରେ କିଛି ନା କିଛି ଜ୍ଞାନ ନିଶ୍ଚିତ ରଖିଥାନ୍ତି ।

**ବର୍ତ୍ତମାନ ସାରା ବିଶ୍ୱରେ ପର୍ଯ୍ୟଟନ କ୍ଷେତ୍ର ହେଉଛି ନିରନ୍ତର ଭାବେ ଅଗ୍ରସର ହେଉଥିବା ଏବଂ ଅର୍ଥନୀତିକୁ ବିକାଶ କରୁଥିବା ଅନ୍ୟତମ କ୍ଷେତ୍ର । ପର୍ଯ୍ୟଟନ ବିକଶିତ ଦେଶଗୁଡ଼ିକ ପାଇଁ, ଆୟର ମୁଖ୍ୟ ଉତ୍ସ ଭାବେ ଉଭା ହୋଇଛି, ସେ ଦେଶଗୁଡ଼ିକର ପର୍ଯ୍ୟଟନ କ୍ଷେତ୍ର । ପର୍ଯ୍ୟଟକ ଓ ପର୍ଯ୍ୟଟନକୁ ଯୋଡ଼ିବା, ପର୍ଯ୍ୟଟକଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୨୭ ତାରିଖରେ ପାଳିତ ହେଉଛି 'ବିଶ୍ୱ ପର୍ଯ୍ୟଟନ ଦିବସ' । ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁକୁ ନେଇ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଥାଏ । ଏଥରର ବାର୍ତ୍ତା ରହିଛି 'ପର୍ଯ୍ୟଟନ ଓ ଶାନ୍ତି' । ମିଳିତ ଜାତିସଂଘର ବିଶ୍ୱ ପର୍ଯ୍ୟଟନ ସଂସ୍ଥା ଦ୍ୱାରା ୧୯୮୦ ମସିହାରୁ ଏହି ଦିନଟି ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳିତ ହେଉଛି ।**

ଅଗଣିତ ଧର୍ମ, ପୁରାତନ ମନ୍ଦିର, ସ୍ଥାନୀୟ ପୁଣ୍ୟସ୍ଥଳୀ ଏବଂ ପବିତ୍ର ସ୍ଥାନରେ ପରିପୂର୍ଣ୍ଣ ଓଡ଼ିଶାରେ ବାର ମାସରେ ତେର ଯାତ୍ରା ପାଳିତ ହୋଇଥାଏ । ରାଜ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣି ମଧ୍ୟରେ ପୁରୀ ରଥଯାତ୍ରା, ଚନ୍ଦନ ଯାତ୍ରା, ରୁକୁଣା ରଥଯାତ୍ରା ଆଦି ଅନ୍ୟତମ । ଓଡ଼ିଶାର ପବିତ୍ର ଭୂମିରେ ବିଭିନ୍ନି ଧର୍ମର ବିକାଶ ଘଟିଛି, ଯାହାଦ୍ୱାରା ଲୋକମାନେ ବେଶ୍ ଧୂମଧାମ୍‌ରେ ବିଭିନ୍ନ ଉତ୍ସବ ପାଳନ କରିଥାନ୍ତି । ଓଡ଼ିଶାର ସାଂସ୍କୃତିକ ଏବଂ ଧାର୍ମିକ ପରମ୍ପରା ଭାରତରେ ମଧ୍ୟ ଖୁବ୍ ପ୍ରସିଦ୍ଧ ।

ଓଡ଼ିଶା ଏହାର ରମଣୀୟ ସମୁଦ୍ରକୂଳ ଲାଗି ମଧ୍ୟ ପ୍ରସିଦ୍ଧ, ଯାହା ଜଣକୁ ଅବକାଶ ସମୟ ଅତିବାହିତ କରିବାରେ ସହାୟକ ହେଇଥାଏ । ସ୍ୱର୍ଣ୍ଣିମ ବାଲୁକାରେ କୋମଳ ଖରାର ସ୍ପର୍ଶ ଜଣକୁ ଆନମନା କରିଦେଇଥାଏ । ଭାରତର ପୂର୍ବ ଉପକୂଳର ପ୍ରାଚ୍ୟ ପର୍ବତମାଳାର ବେଷ୍ଟନୀ ମଧ୍ୟରେ ଅବସ୍ଥିତ ଓଡ଼ିଶା ଦେଶର ଅନ୍ୟତମ ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନ ମଧ୍ୟରୁ ଅନ୍ୟତମ । ପୁରୀ ଏବଂ ଚାନ୍ଦିପୁର ସମୁଦ୍ରକୂଳ ପର୍ଯ୍ୟଟକଙ୍କ ସ୍ମୃତିରେ ଚିରଦିନ ପାଇଁ ସାଇତା ହୋଇ ରହିବା ଭଳି ଅଭିଜ୍ଞତା ପ୍ରଦାନ କରିଥାନ୍ତି ।

ଓଡ଼ିଶା ଭ୍ରମଣ ପାଇଁ ଆସୁଥିବା ଦେଶବିଦେଶର ପର୍ଯ୍ୟଟକଙ୍କୁ, ରାଜ୍ୟର ଅଦ୍ଭୁତ ବାସ୍ତୁକଳା ଏବଂ ଐତିହ୍ୟସ୍ଥଳୀର ବିସ୍ମୟକାରୀ ସୌନ୍ଦର୍ଯ୍ୟ ଆଦି ବେଶ୍ ପ୍ରଭାବିତ କରିଥାଏ । ପୁରୀର ଶ୍ରୀଜଗନ୍ନାଥ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର, ଧଉଳି ଶାନ୍ତିସ୍ତୁପ, ଖଣ୍ଡଗିରି, ଉଦୟଗିରି, ଚିଲିକା ଏବଂ ଆହୁରି ଅନେକ ବୌଦ୍ଧ ଓ ଜୈନ ପର୍ଯ୍ୟଟନସ୍ଥଳୀ ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାନ୍ତି ।

ଅଦ୍ଭୁତ ବାସ୍ତୁକଳା ଏବଂ ଅଗଣିତ ମନ୍ଦିରରେ ପରିପୂର୍ଣ୍ଣ ଓଡ଼ିଶା ବର୍ଷସାରା ଦେଶବିଦେଶର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ବିଶ୍ୱ ଐତିହ୍ୟସ୍ଥଳ କୋଣାର୍କ ସୂର୍ଯ୍ୟ ମନ୍ଦିର ବ୍ୟତୀତ ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ଧାମ ବୋଲି ବିବେଚନା କରାଯାଇଥାଏ । ଖ୍ରୀଷ୍ଟପୂର୍ବ ୨୦୦୦ ପୂର୍ବର ଗୌରବମୟ ଇତିହାସ ସହିତ ଜଡ଼ିତ ଓଡ଼ିଶା ରଥଯାତ୍ରା ସମୟରେ ଦେଶବିଦେଶରୁ ଲକ୍ଷାଧିକ ଯାତ୍ରୀ ପୁରୀରେ ରୁଣ୍ଡ ହୋଇଥାନ୍ତି । ଏଥି ସହିତ ଦେଦୀପ୍ୟମାନ ଲିଙ୍ଗରାଜ ମନ୍ଦିର ଏବଂ ସୁନ୍ଦର କାରୁକାର୍ଯ୍ୟରେ ଖୋଦିତ ମୁକ୍ତେଶ୍ୱର ମନ୍ଦିରକୁ ଦେଖିବା ପାଇଁ ଲକ୍ଷାଧିକ ପର୍ଯ୍ୟଟକ ମଧ୍ୟ ଆସିଥାନ୍ତି । ହିନ୍ଦୁ, ଜୈନ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ଲାଗି ପବିତ୍ର ସ୍ଥଳୀ ଭାବେ ପରିଚିତ ଓଡ଼ିଶା, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କ ଲାଗି ଅନ୍ୟତମ କେନ୍ଦ୍ରସ୍ଥଳ ।

ପ୍ରକୃତିପ୍ରେମୀଙ୍କ ଅନ୍ତିମ ଲକ୍ଷ୍ୟସ୍ଥଳୀ ଭାବେ ଓଡ଼ିଶା, ବନ୍ୟଜନ୍ତୁ ଭ୍ରମଣ ଲାଗି ସୁଯୋଗ ପ୍ରଦାନ କରିଥାଏ । ବନ୍ୟ ଉଦ୍ୟାନ ଏବଂ ଅଭୟାରଣ୍ୟ ପାଇଁ ପ୍ରସିଦ୍ଧ ଓଡ଼ିଶା, ଅଗଣିତ ବିରଳ ବନସ୍ପତି ଏବଂ ଜୀବଜନ୍ତୁ ପ୍ରଜାତିର ଆଶ୍ରୟସ୍ଥଳୀ । ସବୁଠୁ ଗହନ ଜଙ୍ଗଲ ଏବଂ ନାଲି ରେଶମ ପଶମ ଶାଢ଼ି, ବନ୍ୟ ଉଦ୍ୟାନର ଅଧିକାରୀ ଓଡ଼ିଶା ଏସୀୟ ସିଂହର ଜନ୍ମସ୍ଥଳୀ ଭାବେ ନିଜକୁ ପ୍ରମାଣିତ କରିସାରିଛି । ଓଡ଼ିଶାରେ ୬୬୧୧.୧୨ ବର୍ଗକିଲୋମିଟର ପରିମିତ ସଂରକ୍ଷିତ ଅଞ୍ଚଳରେ ୧୮ଗୋଟି ଅଭୟାରଣ୍ୟ, ଏକ ଜାତୀୟ ଉଦ୍ୟାନ ଏବଂ ଗୋଟିଏ ପ୍ରସ୍ତାବିତ ଜାତୀୟ ପାର୍କ ଅବସ୍ଥିତ । ଏହି ବନ୍ୟ ଉଦ୍ୟାନଗୁଡ଼ିକ ରାଜ୍ୟର ୪.୨୫ ପ୍ରତିଶତ ଭୌଗୋଳିକ ଅଞ୍ଚଳ ଏବଂ ୧୧.୩୭ ପ୍ରତିଶତ ବନାଞ୍ଚଳକୁ ନେଇ ଗଠିତ । ଏଥିସହିତ ଓଡ଼ିଶାର ଅତୁଳନୀୟ କଳା, ସଂସ୍କୃତି ଓ ପରମ୍ପରା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ପ୍ରତିବର୍ଷ ସେମାନଙ୍କୁ ରାଜ୍ୟକୁ ଟାଣି ଆଣିଥାଏ ।

**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,**
**ସେକ୍ଟର–୮, ସିଡିଏ, କଟକ,**
**ମେଲ: *jasaswinipattanaik78@gmail.com***

# ସଦ୍‌ଗୁରୁଙ୍କ ଦୀକ୍ଷାଗ୍ରହଣ

ମଣିଷ ଇଷ୍ଟପ୍ରାଣ ହେଲେ ତା'ର ଚଳନ–ଚରିତ୍ର ସୁନିୟନ୍ତ୍ରିତ ହୁଏ, ତାର ବୁଦ୍ଧିବୃତ୍ତି, ଦକ୍ଷତା, ଯୋଗ୍ୟତା, ସେବାବୁଦ୍ଧି, କର୍ମକ୍ଷମତା ପୁଷ୍ଟ ହୋଇଉଠେ । ଏତେକରେ ସେ ଲୋକର ପ୍ରୟୋଜନପୂରଣୀ ସ୍ୱଭାବ ସମ୍ପନ୍ନ ହୋଇଉଠେ, ସେଥିରେ ତା'ର ଅର୍ଥନୈତିକ ସମସ୍ୟାର ସମାଧାନ ହେବା ହିଁ ତ ଉଚିତ । ତା'ଛଡ଼ା ମଣିଷ ହିଁ ମଣିଷର ସବୁଠାରୁ ବଡ଼ ସମ୍ପଦ ।

ଯାହାର ବ୍ୟବହାର ହୃଦ୍ୟ ଓ ମନୋଜ୍ଞ, ତା'ର ଲୋକ–ସମ୍ପର୍କ ତ ବଢ଼ିଯିବା ହିଁ ସ୍ୱାଭାବିକ । ତା'ର ଦରିଦ୍ର ରହିବାର ତ କାରଣ ଖୋଜି ପାଇହୁଏନା । କାରଣ, ଅର୍ଥନୈତିକ ଉନ୍ନତିର ବୁନିୟାଦ ଯେ ଦକ୍ଷତା, ଯୋଗ୍ୟତା, କ୍ଷୀପ୍ରତା, ଚରିତ୍ର, ନିରଳସ–ସେବାବୁଦ୍ଧି, ସୁସଙ୍ଗତ ଚଳନ ତା'ର କୌଣସିଟାର ହିଁ ଅଭାବ ରହେନା । ଅବଶ୍ୟ ସେମାନେ ହୁଏତ ପ୍ରୟୋଜନାତିରିକ୍ତ କନଜ୍ୟୁମ (ବ୍ୟବହାର) ନ ବି କରିପାରନ୍ତି । ତେବେ ଅର୍ଥ ପ୍ରତି ତା'ର ଲୋଭ ନଥିବାରୁ ଅର୍ଥକରୀ ପ୍ରୟାସ ଦିଗରେ ଝୁଙ୍କ ଦେଲା, ଯା'ର ଫଳ ନଗଦାନଗଦି ପାଇବାର ନୁହେଁ, ଅଥଚ ସେଇଟା କି ନା ଭବିଷ୍ୟତରେ ଦିନେ ହୁଏତ ପରିବେଶ ସୁଦ୍ଧା ତାକୁ ପ୍ରଭୂତ ସମୃଦ୍ଧ କରି ତୋଳିବ । ଏପରିବି ହୁଏତ ହୋଇପାରେ ଯେ, ତା'ର ଫଳ ସେ ନିଜ ଜୀବନରେ ପାଇଲାନି, ଉପକୃତ ହେବେ ଭବିଷ୍ୟତ ବଂଶଧରଗଣ । ଏ ଅବସ୍ଥାରେ ତାକୁ କ'ଣ କହିବାକୁ ହେବ ଯେ ସେ ଅର୍ଥନୈତିକ ଜୀବନରେ ଅକୃତକାର୍ଯ୍ୟ ହେଲା ?

ବିପୁଳ ସୃଷ୍ଟିର, ବୃହତ୍ ସଂଗଠନର ଦାୟ ଓ ଦାୟିତ୍ୱ ଯେଉଁମାନେ ବହନ କରନ୍ତି, ଅନେକ ଦୁଃଖର ନିଆଁରେ ପୋଡ଼ିଯାଇ, ଅନେକଙ୍କ ପାଇଁ ପ୍ରାୟଶ୍ଚିତ କରି, ଅନେକଙ୍କ କ୍ଷମତାର ବିପଦ ବହନ କରି ସେମାନଙ୍କୁ ଆଗେଇବାକୁ ହୁଏ । ସେମାନଙ୍କର ପୁରା ଗତି ଓ ପରିଣତିଟା ଲକ୍ଷ୍ୟ ନକରି ମଝିର କୌଣସି ଗୋଟେ ଅବସ୍ଥାକୁ ଦେଖି ଗୋଟେ ରାୟ ଦେବା ସବୁବେଳେ ବୁଦ୍ଧିମାନର କାମ ନୁହେଁ ।

ଆଜି ଆମମାନଙ୍କର ଋତ୍ୱିକମାନଙ୍କୁ ଯେଉଁମାନଙ୍କୁ ହୁଏତ ଦେଖୁଛ– କେତେ ଅର୍ଥନୈତିକ କୃଚ୍ଛତା, ସେମାନଙ୍କର ନିରଳସ ସେବା ଫଳରେ ହୁଏତ ଦେଖିବ ଦିନେ ସମଗ୍ର ଜାତି କେତେ ଦୂର ସମୃଦ୍ଧ ହୋଇ ଉଠିଛି । ମୁଁ କହିବି, ଗୋଟେ ମରଣୋନ୍ମୁଖ ଜାତିକୁ ବଞ୍ଚାଇବା ପାଇଁ, ମଣିଷ କରିବା ପାଇଁ ପ୍ରତ୍ୟେକେ ଯଦି ଲକ୍ଷେ କଷ୍ଟଦାରିଦ୍ର୍ୟ ବରଣ କରି ନିଅନ୍ତି, ତାହାହିଁ ସେମାନଙ୍କର ପରମ ଐଶ୍ୱର୍ଯ୍ୟ । ଆଉ ଏମାନେ ଯଦି ମଣିଷ ପଛରେ (ଆନ୍ତରିକ ଭାବେ) ଖଟନ୍ତି, ତେବେ ଏମାନଙ୍କର ଦୁଃଖ ଘୁଞ୍ଚିବାକୁ ଡେରି ଲାଗିବନି – ଏମାନେ ତା' ଚାହାନ୍ତୁ ବା ନ ଚାହାନ୍ତୁ । ମଣିଷର ଐଶ୍ୱର୍ଯ୍ୟର ଗୋଟେ କଣାବି ସେମାନଙ୍କୁ ପ୍ରଚୁର କରି ହେବ । ତେବେ ମଣିଷ ଯଦି ମୁହେଁ ମୁହେଁ ଇଷ୍ଟପ୍ରାଣ ହୁଏ, ଅଥଚ ବାସ୍ତବରେ ସେପରି ନହୁଏ, ତା'ହେଲେ ବି ସେ ଅର୍ଥନୈତିକ ଜୀବନରେ କୃତୀ ହେବନି, ଏକଥା କହିପାରେନା । ପୁଣି ଚୋରା କାରବାର କରି ବା ଫାଙ୍କିବାର ଭିତର ଦେଇ କେହି ଯଦି ବେଶ ଦୁଇପଇସା କମାଏ ତା'ହେଲେ ହିଁ ଯେ ସେ ଖୁବ୍ ଗୋଟେ ଯୋଗ୍ୟ ହୋଇଉଠିଲା, ଏକଥା ବି ମୁଁ କହିବାକୁ ଚାହେଁନା । ମୋର କଥା ହେଲା, ମଣିଷର ଇଷ୍ଟପ୍ରାଣତା ସଙ୍ଗେ ଜଡ଼ିତ ଅଛି ତା'ର ସୁନିୟନ୍ତ୍ରିତ ଯୋଗ୍ୟତା ଏବଂ ଏହା ସଙ୍ଗେ ଜଡ଼ିତ ଅଛି ତା'ର ଅର୍ଥନୈତିକ ଅବସ୍ଥା । (ଆଲୋଚନା – ପ୍ରସଙ୍ଗ, ୧ମ ଖଣ୍ଡ ତା୦୭/୧୨/୪୧)

ଗୁରୁଙ୍କଠାରୁ ଜ୍ଞାନ ଲାଭ କରିବାକୁ ହେଲେ ତାଙ୍କ ପ୍ରତି ଶ୍ରଦ୍ଧାନ୍ୱିତ ହେବା ଦରକାର । ଜ୍ଞାନ ଠାରୁ ପବିତ୍ର ଜିନିଷ ଆଉ କିଛି ନାହିଁ ଏବଂ ଶ୍ରଦ୍ଧା ବିନା ଜ୍ଞାନଲାଭ ହୋଇପାରେ ନାହିଁ । ଗୀତାରେ କୁହାଯାଇଛି–

*'ଶ୍ରଦ୍ଧାବାନ୍ ଲଭତେ ଜ୍ଞାନଂ ତତ୍ପରୋ*
*ସଂଯତେନ୍ଦ୍ରିୟଃ । ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତି*
*ମଚିରେଣାଧିଗଚ୍ଛତି ।'*

ସୁତରାଂ ସୁଖ ପଛରେ ନ ଗୋଡ଼ାଇ ମଣିଷକୁ ସଦ୍‌ଗୁରୁଙ୍କ ଦୀକ୍ଷା ଗ୍ରହଣ କରି ତନ୍ନିଷ୍ଠ ଚଳନରେ ଚାଲିବାକୁ ହେବ । ତା'ହେଲେ ଯାଇ ଜ୍ଞାନ, ଅର୍ଥ, ଧର୍ମ, ସୁଖ, ଶାନ୍ତି, ଆନନ୍ଦ ସବୁକିଛି ଲାଭ ହୋଇପାରିବ ।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
**ସହପ୍ରତିରତ୍ୱିକ, କଟକ,**
**ମୋ– ୯୪୩୭୦୫୧୯୫୭**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଉରକେଲା...

ଯୁବତୀକୁ ଉଠାଇ ନେଇ ଦୁଷ୍କର୍ମ କରାଯାଇଥିବାର ଅଭିଯୋଗ ହୋଇଥିଲା। ସାଇଣ୍ଟିଫିକ ଟିମ, ପୋଲିସ ସନ୍ଧାନୀ କୁକୁର ସହିତ ପୋଲିସ ତଦନ୍ତ କରୁଛି। ପୀଡିତା ନାବାଳିକାଙ୍କ ମେଡିକାଲ ଟେଷ୍ଟ କରାଯିବା ସହ ବୟାନ ରେକର୍ଡ କରାଯାଇଛି। ନାବାଳିକାକୁ ଗଣଦୁଷ୍କର୍ମ ନେଇ ରଘୁନାଥପାଲି ଥାନାରେ ଅଭିଯୋଗ ହୋଇଥିଲା।

## ନୂତନ...

ନିୟନ୍ତ୍ରଣ କରିବା ଲାଗି ଆଲୋଚନା କରାଯିବ । ଶେଷରେ ମୁଖ୍ୟମନ୍ତ୍ରୀ ଉଦ୍‌ଯାପନୀ ଅଭିଭାଷଣ ରଖିବେ ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଲୋକଙ୍କ ସମସ୍ୟା ପ୍ରତି ରାଜ୍ୟ ସରକାରଙ୍କ ବିକାଶର ରୋଡ୍ ମ୍ୟାପ ନେଇ ସବୁ ଜିଲ୍ଲାପାଳ, ଏସ୍‌ପି ଓ ଉପରିସ୍ଥ ଅଧିକାରୀଙ୍କ ସହିତ ବୈଠକ କରାଯିବ । ସରକାରଙ୍କ ବିଭିନ୍ନ ଯୋଜନାଗୁଡ଼ିକର କ୍ରିୟାନ୍ୱୟନ ବାବଦରେ ବିସ୍ତୃତ ଆଲୋଚନା ହେବ । ସାମଗ୍ରୀକ ଭାବେ ପ୍ରଶାସନକୁ ଲୋକାଭିମୁଖୀ କରାଯିବା ସହ ଧାଡ଼ିର ଶେଷରେ ଥିବା ବ୍ୟକ୍ତି ପାଖରେ କିଭଳି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ପହଞ୍ଚିବ, ସେନେଇ ସରକାର ଅଧିକାରୀମାନଙ୍କୁ ସୂଚନା ଦେବେ । ପ୍ରଶାସକମାନେ ସମ୍ବେଦନଶୀଳ ହେବେ, ଗରିବଙ୍କ ହୃଦୟ ବେଦନା ବୁଝିବେ ଏବଂ ଆଖିର କୋହ ଦେଖିପାରିବେ, ତାହାହିଁ ମୂଳ ବିଷୟ ରହିବ । ଜିଲ୍ଲାପାଳ ଓ ଏସ୍‌ପିଙ୍କ ପରେ ବ୍ଲକ ଅଧିକାରୀ ଓ ତହସିଲଦାରମାନଙ୍କୁ ଗୁରୁମନ୍ତ୍ର ଦିଆଯିବ । ଦୁର୍ନୀତି ପ୍ରତି ଶୂନ୍ୟ ସମ୍ବେଦନଶୀଳତା, ଦୁର୍ନୀତିରେ ଲିପ୍ତ ଅଧିକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ, ଆଇନ ପ୍ରତି ଭୟ, ଲୋକଙ୍କ ପ୍ରତି ମମତା, ଏହାହିଁ ଜିଲ୍ଲାପାଳଙ୍କ ବୈଠକର ମୂଳମନ୍ତ୍ର ରହିବ ।

## ବେଆଇନ୍...

ହାତବାରିସୀ ସାଜି କାର୍ଯ୍ୟ କରୁଛନ୍ତି । ଏସବୁ ସ୍ଥାନରେ ରହୁଥିବା କ୍ଷେତ୍ର ଅଧିକାରୀମାନଙ୍କ ନାମରେ ଏଭଳି ଅଭିଯୋଗ ଆସିଛି । ସମସ୍ତ କ୍ଷେତ୍ର ଅଧିକାରୀମାନେ ଏହାକୁ ଗୁରୁତ୍ୱର ସହ ନେଇ କାର୍ଯ୍ୟ କରିବାକୁ କୁହାଯାଇଛି ।

## ବିକଶିତ...

ବିଜେପି ସବୁବେଳେ ସଦସ୍ୟତା ଅଭିଯାନକୁ ଗୁରୁତ୍ୱ ଦେଇଆସିଛି। ଏହି ଅଭିଯାନ ପାଇଁ ଗୋଟିଏ ମଂଚରେ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ପ୍ରଦେଶର ଅଧ୍ୟକ୍ଷ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଏକତ୍ରିତ ହୋଇଛନ୍ତି । ଅନ୍ୟ କୌଣସି ଦଳରେ ସଦସ୍ୟତା କାର୍ଯ୍ୟକ୍ରମକୁ ଏଭଳି ଗୁରୁତ୍ୱ ଦିଆଯାଏନାହିଁ । ବିଜେପିର ସଦସ୍ୟ ସଂଖ୍ୟା ଏବେ ୧୮ କୋଟିରୁ ଊର୍ଦ୍ଧ୍ୱ ରହିଛି । ଏହା କେବଳ କଥା କୁହାଯାଉନାହିଁ । ଏହା ରେକର୍ଡ ହୋଇ ରହିଛି । ପ୍ରତି ୬ବର୍ଷରେ ଥରେ ଏହି ସଦସ୍ୟତା ଅଭିଯାନ ହୋଇଥାଏ। ସବୁ ପୁରାତନ ସଦସ୍ୟତାମାନଙ୍କୁ ପୁଣି ଥରେ ସଦସ୍ୟ ହେବାକୁ ପଡ଼େ। ପ୍ରଥମେ ପ୍ରାଥମିକ ସଦସ୍ୟ ହେବା ପରେ କାର୍ଯ୍ୟକର୍ତାମାନେ ସକ୍ରିୟ ସଦସ୍ୟ ହୁଅନ୍ତି । ଏହାପରେ ମଣ୍ଡଳ, ଜିଲ୍ଲା, ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରୀୟ କମିଟି ନିର୍ବାଚନ ହୁଏ । ଚଳିତ ଥର ସଦସ୍ୟତା ଅଭି୍ାନ – ୨୦୨୪ ଗତ ୨ ତାରିଖରୁ ଦେଶବ୍ୟାପୀ ଆରମ୍ଭ ହୋଇଛି ଏବଂ ପ୍ରଥମେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଦସ୍ୟ ହେବାପରେ ଅନ୍ୟମାନେ ସଦସ୍ୟ ହୋଇଥିଲେ । ନୂତନ ସଦସ୍ୟତା ଅଭିଯାନ ଏବେ ୬ କୋଟି ଅତିକ୍ରମ କରିସାରିଲାଣି। ଏହି ଗଣତାନ୍ତ୍ରିକ ପ୍ରକ୍ରିୟା କେବଳ ବିଜେପିରେ ରହିଛି । ଏହି କାରଣରୁ ଦଳ ମଧ୍ୟରେ କୌଣସି ବଂଶବାଦ ରାଜନୀତି ନାହିଁ। ବିଜେପି ଦଳ କୌଣସି ନେତା ପୁଅକୁ ନୁହେଁ ବରଂ ସାଧାରଣ ବର୍ଗରୁ ଆସି ତୃଣମୂଳସ୍ତରରେ କାର୍ଯ୍ୟକରିଥିବା କାର୍ଯ୍ୟକର୍ତାକୁ ହିଁ ନେତା ବନିବାକୁ ସୁଯୋଗ ଦିଆଯାଏ। କେରଳ ଓ ପଶ୍ଚିମବଙ୍ଗରେ କଂଗ୍ରେସ ଓ ବାମପନ୍ଥୀ ଦଳ ପରସ୍ପର ମଧ୍ୟରେ ଲଢ଼େଇ କରୁଥିବାବେଳେ ଦିଲ୍ଲୀରେ ମିତ୍ରତା କରୁଛନ୍ତି । ଦେଶରେ ବିଭେଦ ଓ ଅସନ୍ତୋଷ ସୃଷ୍ଟି କରୁଥିବା ଲୋକଙ୍କୁ ପ୍ରୋତ୍ସାହନ ଦେବା ସହ ସେମାନଙ୍କୁ ଆଗକୁ ବଢ଼ାଇବା କାମ ଆଜି କଂଗ୍ରେସ ଦଳ କରୁଛି। ସେମାନଙ୍କ ସହ ମିଶି ଧାରା ୩୭୦ ହଟାଇବାକୁ ବିରୋଧ କରିଛି। ଜାମ୍ମୁକାଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିବା ସହିତ ବର୍ତମାନ ନିର୍ବାଚନ ହେଉଛି । ବିଜେପିର ନିରନ୍ତର ପ୍ରଚେଷ୍ଟା ଓ ନୀତି ଆଦର୍ଶ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି।

ଏବେ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ 'ସବକା ସାଥ, ସବକା ବିକାଶ, ସବକା ପ୍ରୟାସ ଓ ସବକା ବିଶ୍ୱାସ' ମନ୍ତ୍ରରେ ବିଜେପି ଆଗକୁ ବଢ଼ିଚାଲିଛି। ୧୯୮୯ରୁ ଆରମ୍ଭ ହୋଇଥିବା ରାମମନ୍ଦିର ନିର୍ମାଣ ପ୍ରୟାସକୁ ବାସ୍ତ ରୂପ ଦେଇଛନ୍ତି ମୋଦି ସରକାର ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

ବିଜେପିର ମୂଳ ଆଧାର ହେଉଛି କାର୍ଯ୍ୟକର୍ତା । ସାରା ଦେଶରେ ବିଜେପିର ଆଜି ୧୦ ଲକ୍ଷ ୪୦ ହଜାର ବୁଥ୍ ଥିବାବେଳେ ସେଥିରୁ ୮ ଲକ୍ଷ ୪୦ ହଜାର ବୁଥରେ ବିଜେପିର ଅଧ୍ୟକ୍ଷ ରହିଛନ୍ତି । ଦେଢ଼ଲକ୍ଷ ଶକ୍ତିକେନ୍ଦ୍ର ଥିବାବେଳେ ୧୫ହଜାରରୁ ଅଧିକ ମଣ୍ଡଳ ରହିଛି। ସଦସ୍ୟମାନେ ହିଁ ଦଳକୁ ଆଗକୁ ନେଇ ଚାଲିଛନ୍ତି । ଆଜି ଦଳର ୩୫୦ ଅଧିକ ସାଂସଦ ଥିବାବେଳେ, ୧୫୦୦ରୁ ଅଧିକ ବିଧାୟକ ଅଛନ୍ତି । ୭୦୦୦ରୁ ଅଧିକ ମେୟର, ଜିଲାପରିଷଦ ଅଧ୍ୟକ୍ଷ, ବ୍ଲକ ସମିତି ଅଧ୍ୟକ୍ଷ ରହିଛନ୍ତି । ମୋଦିଜୀଙ୍କ '୨୦୪୭ ବିକଶିତ ଭାରତ' ଲକ୍ଷ୍ୟ ପୂରଣ କରିବା ପାଇଁ ସମସ୍ତେ ବିଜେପି ସହ ଯୋଡ଼ି ହୋଇ ଦେଶକୁ ଆଗେଇ ନେବାକୁ ଶ୍ରୀ ନଡ୍ଡା ଆହ୍ୱାନ ଦେଇଥିଲେ।

ବର୍ତମାନ ଆମେରିକାଠାରୁ ଆରମ୍ଭ କରି ଚୀନ, ଜାପାନ, ଅଷ୍ଟ୍ରେଲିଆ ଭଳି ଦେଶର ଅର୍ଥନୀତି ତଳକୁ ଖସୁଥିବାବେଳେ ଭାରତର ଅର୍ଥନୀତି ଆଗକୁ ବଢ଼ି ଚାଲିଛି।

ଶ୍ରୀ ନଡ୍ଡା କହିଥିଲେ ଯେ, ବର୍ତମାନ ୯୭% ମୋବାଇଲ ଉତ୍ପାଦନ ଭାରତରେ ହେଉଛି । ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଭାରତ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଖେଳଣା ରପ୍ତାନୀ କ୍ଷେତ୍ରରେ ଭାରତ ତୃତୀୟ ସ୍ଥାନରେ ରହିଛି। ଅଟୋମୋବାଇଲ କ୍ଷେତ୍ରରେ ତୃତୀୟ ସର୍ବବୃହତ ବଜାରରେ ପରିଣତ ହୋଇଛି । ଗ୍ରାମାଂଚଳରେ ମୋଟର ସାଇକେଲ କ୍ରୟ ୩ ଗୁଣ ବୃଦ୍ଧି ପାଇଛି। ଏବେ ବିଶ୍ୱସ୍ତରୀୟ ସଡ଼କ, ରାଜପଥ, ଉନ୍ନତ ସଡ଼କ, ଅଣ୍ଡରୱେ, ମେଟ୍ରୋ ବ୍ୟବସ୍ଥା ଏବଂ ଫ୍ଲାଇଓଭର ଆଦି ନିର୍ମାଣ କରାଯାଉଛି। ଆୟୁଷ୍ମାନ ଭାରତ ଏବେ ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା କାର୍ଯ୍ୟକ୍ରମ ହୋଇଛି। ଏହାଦ୍ୱାରା ୫୫ କୋଟି ଲୋକ ଉପକୃତ ହେଉଛନ୍ତି । ଭାରତରେ କେହି ବି ଘର ବିନା ରହିବେ ନାହିଁ। ପୂର୍ବରୁ ୪ କୋଟି ଘର ନିର୍ମାଣ ହୋଇସାରିଥିବାବେଳେ ବର୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ଆଉ ୩ କୋଟି ନୂତନ ଘର ନିର୍ମାଣ କରାଯିବ। ବିଦେଶ ନୀତିରେ ଭାରତବର୍ଷ ଆଜି ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ନେତୃତ୍ୱ ନେଉଛି ।

ଶ୍ରୀ ନଡ୍ଡା କହିଥିଲେ ଯେ, ଏବେ ବିଜେପିର ସଦସ୍ୟ ହେବା ପାଇଁ ଉପଯୁକ୍ତ ସମୟ। ଦେଶରେ ଅସଂଖ୍ୟ ପରିବାର ଅଛନ୍ତି ଯେଉଁମାନଙ୍କର କୌଣସି ରାଜନୈତିକ ପ୍ରତିନିଧିତ୍ୱ ନାହିଁ, ସେମାନଙ୍କୁ ଖୋଜି ବାହାର କରି ମୁଖଧାରାକୁ ଆଣି ସେମାନଙ୍କୁ ସଶକ୍ତ କରିବାକୁ ଆହ୍ୱାନ ଦେବା ସହିତ ବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବା ପାଇଁ ବିଜେପି ବଦ୍ଧପରିକର । ତେଣୁ ଲୋକମାନଙ୍କୁ ବିଜେପିରେ ଯୋଗଦେବାକୁ, ସଦସ୍ୟ ହେବାକୁ ଏବଂ ପରେ ଅନ୍ୟମାନଙ୍କୁ ମଧ୍ୟ ସଦସ୍ୟ କରି ବିଜେପିକୁ ମଜବୁତ କରିବା ପାଇଁ ଶ୍ରୀ ନଡ୍ଡା ଆହ୍ୱାନ ଦେଇଛନ୍ତି ।

ଶ୍ରୀ ନଡ୍ଡା କହିଥିଲେ ଯେ, ଭାରତୀୟ ଜନତା ପାର୍ଟି 'ବିଜେପିକୁ ଜାଣ'' ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛି। ବିଭିନ୍ନ ଦେଶରୁ ପ୍ରାୟ ୭୦ ଜଣ ରାଷ୍ଟ୍ରଦୂତ ଦଳ ବିଷୟରେ ଭଲ ଭାବରେ ବୁଝିବା ପାଇଁ ବିଜେପି ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି । ଆଜି ସାରା ବିଶ୍ୱ ବିଜେପି ବିଷୟରେ ଜାଣିବାକୁ ଆଗ୍ରହୀ। ନିର୍ବାଚନ ପ୍ରକ୍ରିୟା, ୱାର ରୁମର କାର୍ଯ୍ୟକାରିତା, ବ୍ୟାକଅପ୍ ଅଫିସ୍ ଏବଂ ସୋସିଆଲ ମିଡିଆ ରଣନୀତି ବିଶ୍ଳେଷଣ କରିବା ପାଇଁ ପ୍ରାୟ ୩୦ ଜଣ କୂଟନୀତିଜ୍ଞ ଭାରତୀୟ ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖିଛିଁ। ବହୁ ବିଶିଷ୍ଟ ରାଷ୍ଟ୍ରଗୁଡ଼ିକର ଏହି କୂଟନୀତିଜ୍ଞମାନେ ଭାରତରେ ଗଣତନ୍ତ୍ରକୁ ବୁଝିବା ପାଇଁ ବିଜେପି କାର୍ଯ୍ୟାଳୟକୁ ଆସୁଛନ୍ତି । ଫଳସ୍ୱରୂପ, ବିଜେପି ଆ'ର୍ଜାତୀୟ ସ୍ତରରେ ଉଲ୍ଲେଖନୀୟ ଅଗ୍ରଗତି କରିପାରିଛି।

ଆଜି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ନଡ୍ଡା ଭୁବନେଶ୍ୱର ପହଂଚିବା ପରେ ଏଜି ଛକସ୍ଥିତ ଡ.ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଳୀ ଜ୍ଞାପନ କରିଥିଲେ । ସଦସ୍ୟତା ଅଭିଯାନ ପ୍ରସଙ୍ଗରେ ବୁଦ୍ଧିଜୀବି ସମ୍ମିଳନୀରେ ଯୋଗ ଦେବା ପରେ ଶ୍ରୀ ନଡ୍ଡା ରାଜ୍ୟ କାର୍ଯ୍ୟାଳୟଠାରେ ମନ୍ତ୍ରୀ, ସାଂସଦ, ବିଧାୟକ ଏବଂ ପାର୍ଟୀର ପଦାଧିକାରୀ ବୈଠକରେ ଯୋଗ ଦେଇ ସଦସ୍ୟତା ଅଭିଯାନକୁ ସର୍ବସ୍ପର୍ଶୀ, ସର୍ବ ସମାବେଶୀ ଏବଂ ଗତିଶୀଳ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

## ପାଣିରେ...

ନିର୍ଜଳା ବ୍ରତ ପାଳନ କରନ୍ତି । ଏହି ବ୍ରତରେ ବ୍ରତଧାରୀମାନେ ପୋଖରୀ କିମ୍ବା ନଦୀରେ ସ୍ନାନ କରିବା ପରେ ସେହି ସ୍ଥାନରେ ପୂଜାର୍ଚ୍ଚନା କରନ୍ତି । ଆଶ୍ୱୀନ ମାସର କୃଷ୍ଣ ପକ୍ଷରେ ଏହା ପାଳନ କରାଯାଏ । ନେପାଳର ଏହା ମୁଖ୍ୟ ପର୍ବ ହୋଇଥିବାବେଳେ ଆମ ଦେଶରେ ଉତ୍ତରପ୍ରଦେଶ, ବିହାର ଓ ଝାଡଖଣ୍ଡରେ ଏହାକୁ ପାଳନ କରାଯାଏ ।

## ଆଜିଠୁ...

ଦେଇଥିବାରୁ ଓଡିଶାର ହଜାର ହଜାର ନର୍ସିଂ କର୍ମଚାରୀମାନଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଉଛି ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଅଗଷ୍ଟ ୭ ତାରିଖରୁ ରାଜ୍ୟରେ କାର୍ଯ୍ୟରତ ନର୍ସ, ପାରାମେଡିକ୍ସ, ଟେକ୍ନିସିଆନ୍ ଓ ଅନ୍ୟ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ଏସମା ଲାଗୁ କରିଛନ୍ତି । ଏହା ୬ ମାସ ଯାଏଁ ବଳବତ୍ତର ରହିବ । ତେଣୁ ଏସମା ଲାଗୁ ବେଳେ ଆନ୍ଦୋଳନକୁ ଓହ୍ଲାଇଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସରକାର କହିଛନ୍ତି ।

## ରେକର୍ଡପତ୍ର...

କରିବା ଲାଗି ଉଭୟ ଭରତପୁର ଥାନାରେ ରାତି ପ୍ରାୟ ସାଢ଼େ ଗୋଟାଏ ସମୟରେ ପହଞ୍ଚି ଥିଲେ । କିନ୍ତୁ ସେଠାରେ ପୁଲିସ ସେମାନଙ୍କୁ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଏପରିକି ବାନ୍ଧବୀଙ୍କୁ ଅସଦାଚରଣ କରାଯାଇଥିବା ଓ ପରେ ବେଆଇନ ଭାବେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା । ଏହି ଘଟଣାକୁ ନେଇ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା । ଏଥିରେ ପ୍ରଥମେ ବାନ୍ଧବୀ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏଥିସହ ତାଙ୍କ ବିରୋଧରେ ରୁଜୁ ମାମଲାକୁ ରଦ୍ଦ ପାଇଁ ସେ ପ୍ରାର୍ଥନା କରିଥିଲେ । ହାଇକୋର୍ଟ ତାଙ୍କୁ ଜାମିନ୍ ପ୍ରଦାନ କରିଥିଲାବେଳେ ଆଜି ମୂଳ ମାମଲା ଉପରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା ।

## ହାର୍ପିସ୍...

ଯେ, ଗତ ୨୦୨୩ ମସିହା ଜୁନ ୨୫ ତାରିଖରେ କେଉଁଝର ଡିଭିଜନ ରୁ ଛୁଆ ହାତୀ ଅଭି ନନ୍ଦନକାନନକୁ ଆସିଥିଲା। ସେତେବେଳେ ତାର ବୟସ ୨ମାସ ର ହୋଇଥିଲା। ନନ୍ଦନକାନନ କୁ ଆସିବା ପରେ ଲାଳନପାଳନ ଗୃହରେ ଛଡାଯାଇଥିଲା ।ଏଠାରେ ରହି ପର୍ଯ୍ୟଟକଙ୍କ ମନୋରଞ୍ଜନ ଖୋରାକର କେନ୍ଦ୍ରବିନ୍ଦୁ ସାଜିଥିଲା । ହେଲେ ଚଳିତ ମାସ ୧୯ ତାରିଖରେ ଛୁଆ ହାତୀ ଅଭି ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲା । ଠିକ୍ ସେ ଖିଆ ପିଆ କରୁନଥିଲା। ଥଣ୍ଡା ଜ୍ୱର ଲକ୍ଷଣ ଦେଖାଦେଇଥିଲା । ନନ୍ଦନକାନନ କର୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ବନ୍ୟପ୍ରାଣୀ ଚିକିତ୍ସକ ଅଭିର ରକ୍ତ ପରୀକ୍ଷା କରିଥିଲେ । ରିପୋର୍ଟ ଆସିବା ପରେ 'ଅଭି' ହର୍ପିସ ଭୂତାଣୁଜନିତ ରୋଗରେ ପୀଡ଼ିତ ଥିବା ଜଣାପଡ଼ିଥିଲା। କର୍ତୃପକ୍ଷ ବନ୍ୟପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଅଭିର ଚିକିତ୍ସା ଜାରି ରଖିଥିଲେଛ ଅଭି ଧୀରେ ଧୀରେ ସୁସ୍ଥ ହୋଇ ବୁଧବାର ରାତିରେ ନିଜେ ଖିଆପିଆ କରିଥିଲା।କିନ୍ତୁ ଗୁରବାର ଦିନ ସାଢ଼େ ୧୨ ସମୟରେ ଅଭି ହଠାତ୍ ଅସୁସ୍ଥ ହୋଇ ତଳେ ପଡିଯାଇଥିଲା। ଆଉ ତାର ପ୍ରାଣବାୟୁ ଚାଲିଯାଇଥିଲା । ଏହି ହାତୀ ମୃତ୍ୟୁ ପରେ ହାତୀ ସଂଖ୍ୟା ୪ କୁ ହ୍ରାସ ପାଇଛି।

## ବିଲକିସ୍...

ଅଭିଯୁକ୍ତଙ୍କ ଅନ୍ତରୀଣ ବେଲ୍‌କୁ ମଧ୍ୟ ଖାଜର କରିଦେଇଥିଲେ । ଜାନୁଆରୀରେ ସୁପ୍ରିମ୍‌କୋର୍ଟ କହିଥିଲେ ଯେ ଗୁଜରାଟ ସରକାରଙ୍କ ପକ୍ଷରୁ ଭଲ ଆଚରଣ ପାଇଁ ଯେଉଁ ୧୧ ଜଣଙ୍କୁ ମୁକ୍ତ କରାଯାଇଛି ସେମାନେ ଜେଲ୍‌କୁ ଫେରିବା ଦରକାର । ରାଜ୍ୟ ସରକାର ଏମାନଙ୍କୁ ଜେଲ୍‌ରୁ ମୁକ୍ତି ଦେବାପାଇଁ କ୍ଷମତାପ୍ରାପ୍ତ ନୁହଁନ୍ତି । ଗୁଜରାଟ ସରକାର ନିଜର ବୁଦ୍ଧି ଖର୍ଚ୍ଚ ନକରି ଏଭଳି ନିର୍ଦ୍ଦେଶ ଦେଇଥିଲେ ।


**AFFIDAVIT**

I, Bijay Sankar Mishra, S/o- Late Raghunath Mishra, resident of N-4/11, IRC Village, Nayapalli, Bhubaneswar, Dist- Khordha, Odisha Pin- 751015 declare by this Affidavit no.327, dated 25/09/2024 that now onwards I shall be known as **Bijoy Sankar Mishra** for all future purposes.

**AFFIDAVIT**

I, Sajida Bibi, W/o- Shaikh Hafiz, resident of Vill- Majhikhanda, PO/ PS- Niali, Dist- Cuttack, PIN- 754004, Odisha declare by this affidavit No.1627, dtd. 24/09/2024 that now onwards I shall be known as Sajida Begum for all future purposes.

**ଜିଲ୍ଲା ପରିଷଦ, ଅନୁଗୋଳ**

**ZILLA PARISHAD, ANGUL**

**Notice No. : 3198 Date : 25.09.2024**
**(File No : XV-55/2024)**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର
ଜିଲ୍ଲା-ଅନୁଗୋଳ, ଓଡ଼ିଶା
ପିନ୍ – ୭୫୯୧୨୨
Inside Collectorate Campus
Dist-Angul, Odisha
PIN-759122
E-mail : ori-dangul@nic.in
drdaangul@gmail.com

**CAD-1208**

**ADVERTISEMENT**

**Invitation of Application for Recruitment to the post of Gram Rozaar Sevak (GRS) under MGNREGS in Angul District**

Applications are invited from eligible candidates to fill up 144 nos of posts of Gram Rozgar Sevak (GRS) to be engaged in different Gram Panchayats in Angul District on Contractual basis under MGNREGS. The newly engaged GRS will get a consolidated monthly remuneration of Rs. 7,000/- (Rupees Seven Thousand) only, after successfully worked for more than 01 year & less than 06 years will get Rs. 8,500/- (Rupees Eight Thousand Five Hundred) only per month & will get Rs. 8,880/- per month after successfully worked for more than 06 years. The last date of submission of application is **08.11.2024** through **Read. / Speed Posts** only. No other mode of submission will be accepted. Again the applications received after due date are liable for rejection. The detailed advertisement having no. of vacancies, remuneration, age, eligibility criteria, application format & other terms & conditions are available in the District official website https://angul.odisha.gov.in

**Collector-cum-DPC,**
**MGNREGS, Angul**

OIPR : 19236/11/0005/2425

**ନୟାଗଡ଼ ପୌରପରିଷଦ କାର୍ଯ୍ୟାଳୟ, ନୟାଗଡ଼**

**ପତ୍ର ସଂଖ୍ୟା ୨୭୯୭ ତା. ୨୫.୦୯.୨୦୨୪**

C- 672

**ବିଜ୍ଞାପନ**

ପୌର ପରିଷଦ, ନୟାଗଡ଼ ଆମ ପୋଖରୀ ଯୋଜନା ମାଧ୍ୟମରେ ହେବାକୁ ଥିବା ''ସହରାଞ୍ଚଳ ଜଳାଶୟ ନବୀକରଣ'' କାର୍ଯ୍ୟ ଗୁଡିକର ନିର୍ମାଣ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି । କାର୍ଯ୍ୟ ଗୁଡିକର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା । ନିଜ ନିଜ ୱାର୍ଡର କାମ ଅନୁସାରେ ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ ତା.୩୦.୦୯.୨୦୨୪ ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ତା. ୧୫.୧୦.୨୦୨୪ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ପୌର ପରିଷଦ, ନୟାଗଡ଼ କାର୍ଯ୍ୟାଳୟରୁ ଆବେଦନ ଫର୍ମ / ପତ୍ର ଗ୍ରହଣ କରିବେ । ତା. ୧୭.୧୦.୨୦୨୪ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ କିମ୍ବା ପୌରପରିଷଦର ଆବେଦନ ପତ୍ର ଦାଖଲ ପାଇଁ ଉଦ୍ଦିଷ୍ଟ ଥିବା ବାକ୍ସରେ ସିଧାସଳଖ ଭାବରେ ଦରଖାସ୍ତ ସହ ଦରକାରୀ ଦସ୍ତାବେଜ ଦାଖଲ କରିବେ । ଆବେଦନ ପତ୍ର ତା. ୧୮.୧୦.୨୦୨୪ ରିଖ ଦିବା ୧୧.୦୦ ଘଟିକା ସମୟରେ ଖୋଲାଯିବ । ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ବିସ୍ତୃତ ବିବରଣୀ ପାଇଁ ନୟାଗଡ଼ ପୌରପରିଷଦ ସହିତ ଯୋଗାଯୋଗ କରନ୍ତୁ । କର୍ତୃପକ୍ଷ ଚାହିଁଲେ ଯେ କୌଣସି ମୂହୁର୍ତ୍ତରେ ବିଜ୍ଞାପନକୁ ବାତିଲ କରିଦେଇ ପାରିବେ ।

| କ୍ର.ସଂ. | ଜଳାଶୟ | ୱାର୍ଡ ନଂ. |
|---|---|---|
| ୦୧ | ଦିଆନ ବନ୍ଧ–୧ | ୦୨ |
| ୦୨ | ବେବର୍ତାପଲ୍ଲୀ ପୋଖରୀ | ୦୩ |
| ୦୩ | ଦିଆନ ବନ୍ଧ–୨ | ୦୮ |

ସ୍ୱା/- କାର୍ଯ୍ୟ ନିର୍ବାହୀ ଅଧିକାରୀ
ନୟାଗଡ଼ ପୌରପରିଷଦ

OIPR : 13134/11/0002/2425

**OFFICE OF THE PARADEEP MUNICIPALITY, PARADEEP**

**No. 4013 Dt. 26.09.2024**

**QUOTATION CALL NOTICE**

**C-678 :** The Executive Officer, Paradeep Municipality on behalf of Paradeep Municipality, Dist-Jagatsinghpur invites sealed quotations from the intending registered Supplier/ Dealers/ Firm for supply of Bleaching Powder(Grade-I) to Paradeep Municipality for the one year. The prescribed quotation schedule (DTCN) can be downloaded from Paradeep Municipality website www.paradeepmunicipality.in from 10.00 AM date 27.09.24 to date 03.10.24 upto 12.00 Noon on payment of Paper cost Rs.1,000,00 (Rupees One Thousand) only (non-refundable & EMD Rs.10,000.00 refundable) in shape of cash/ bankdraft/ bankers cheque drawn in favour of the Executive Officer, Paradeep Municipality payable at Paradeep from any nationalized bank.

The quotation paper alongwith all documents shall be received in the office of the Executive Officer, Paradeep Municipality through by person on or before date 04.10.24 upto 12.00 Noon. The quotation will be opened on the same date at 12.30 PM in presence of the quotationer or their authorized representative. The quotation received beyond the schedule date and time will not be considered at all. The undersigned has the rights to accept, cancel or reject any or all the quotations without assigning any reason thereof.

**Executive Officer**
**Paradeep Municipality**

OIPR : 13120/11/0011/2425


## ସୁବର୍ଣ୍ଣରେଖାରେ...

ଗୁରୁବାର ପୂର୍ବାହ୍ନ ୧୦ଟାରେ ନଦୀକୁ ବନ୍ୟା ଜଳ ଛଡ଼ା ଯାଇଥିବା ସୂଚନା ମିଳିଛି । ଗାଲୁଡ଼ିହି ବ୍ୟାରେଜରେ ଜଳଧାରଣ କ୍ଷମତା ୯୪.୫ ମିଟର ହୋଇଥିବା ବେଳେ ଏହା ଠାରୁ ଯଥେଷ୍ଟ ଉପରେ ଅର୍ଥାତ ୧୦୧.୨୫ ମିଟର ଜଳ ପତ୍ତନ ରହିଛି । ଲଗାଣ ବର୍ଷା ଯୋଗୁଁ ନଦୀର ନିମ୍ନ ଅବବାହିକା ଅଞ୍ଚଳରେ ମଧ୍ୟ ଜଳସ୍ତର ବୃଦ୍ଧି ପାଉଥିବା ବେଳେ ସୁବର୍ଣ୍ଣରେଖାରେ ପୁଣି ବନ୍ୟା ଆଶଙ୍କା ଲୋକଙ୍କ ନିଦ ହଜାଇ ଦେଇଛି ।

ସୂଚନାଯୋଗ୍ୟ, ଗତ ସପ୍ତାହରେ ସୁବର୍ଣ୍ଣରେଖାରେ ବନ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଓ ବସ୍ତା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ବିଗତ ଦିନରେ ଦେଖାଯାଇଥିବା ବନ୍ୟା ଯୋଗୁଁ ଅନ୍ୟମାନେ ମଧ୍ୟ ପ୍ରଭାବିତ ହୋଇଥିଲେ । ବନ୍ୟାର ପ୍ରକୋପ କମି ନଥିବା ବେଳେ ଏବେ ପୁଣି ସୁବର୍ଣ୍ଣରେଖା ଫୁଲୁଛି । ପୁଣି ଥରେ ବନ୍ୟା ଆଶଙ୍କା ଦେଖାଯାଇଛି ।


**PARADIP PORT AUTHORITY**
**e-TENDER CALL NOTICE**
**No.EM/PED-27/2024**
**No.EM/PED/TECH-11/2024/370**
**Date: 18.09.2024**

Name of the work: Vehicle Speed Detection System at Paradip Port Authority. Estimated Cost: **1,57,50,050/-**. Last date & time of submission of bid: **dt. 09.10.2024 up to 18:00 Hrs.**

Refer our website for details : https://eprocure.gov.in/eprocure/app.

**Sd/- Executive Engineer (E), PED-I**
**Paradip Port Authority**
PPA/PR/40/2024-2025 dtd.26.09.2024

**NOTICE**

The Partnership Firm bearing IGR Regn. No. 1820202400107 on dated 30.01.2024 in the name & style M/S. DNA SKIN & HAIR SCIENCES situated AT- SHOP NO-8, CITY HEART APARTMENT, GROUND FLOOR, OLD POST OFFICE LANE, AT/PO-BUDHESWARI, PS- LAXMISAGAR, BHUBANESWAR, KHURDA, ODISHA, PIN-751006 is hereby dissolved w.e.f. 25.09.2024 i.e. the date of execution of the dissolution deed. (1) Ms. Rojalin Mohanty & (2) Ms. Charulata Ranasingh are the outgoing partners.

**Sd/- Ms. Rojalin Mohanty**
**Partner**
**Sd/- Ms. Charulata Ranasingh**
**Partner**

obcc
**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧିନର ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
**(A Government of Odisha Undertaking under Works Department)**

**Letter No: 9411**
**File No. SMT-2031**
**Date : 25.09.2024**

**NOTICE FOR EMPANELMENT OF CONSULTANCY**

**CAD-1200 :** The Managing Director, Odisha Bridge & Construction Corporation Limited, Vikas Bhavan, Bhubaneswar on behalf of Governor of Odisha invites Expression of Interest (EoI) for empanelment of consulting agencies for different categories of Projects as mentioned below.

| SL NO | NAME OF WORK | NON-REFUNDABLE PROCESSING FEE (OFF-LINE SUBMISSION) | ELIGIBILITY CRITERIA | DURATION OF CONTRACT |
|---|---|---|---|---|
| 1 | 2 | 3 | 4 | 5 |
| 1. | Empanelment of Consulting Services towards Land Acquisition of various Projects OB&CC Ltd. | Rs.10,000.00 (Including GST) | AS PER EOI | THREE FINANCIAL YEARS |
| 2. | Empanelment of Consulting Services towards Forest Clearance of various Projects OB&CC Ltd. | Rs.10,000.00 (Including GST) | AS PER EOI | THREE FINANCIAL YEARS |

1. EOI documents consisting of set of terms and conditions of contract and other necessary documents.
2. Documents will be available in the website: mdobcc.in from 27.09.2024 and until further order.
3. The Bidder shall deposit offline the Non-refundable Processing fee of the Amount specified in the table col.3 in form of Demand Draft or Pay Order or Banker's Cheque in any Nationalized Bank drawn in favour of the MD, OB&CC Ltd payable at Bhubaneswar, to be submitted along with the EOI documents in the O/O- Managing Director, OB&CC Ltd, Vikas Bhavan, Nayapalli Bhubaneswar, 751012.
4. The empanelment of various categories of services will be a continuous process round the year and the period of empanelment shall be for a period of 3(three) financial years including the year of empanelment.
5. Other details can be seen in the EOI documents.
6. The authority reserves the right to cancel any or all bids without assigning any reason thereof.
7. The addendum/ corrigendum/ notice if any will be hosted in the OB&CC web site only.

OIPR : 34106/11/0007/2425
**Sd/- EIC-cum-Managing Director**

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
**E-mail - eephchpr@gmail.com**
**NATIONAL COMPETITIVE BIDDING THROUGH e-Procurement**

**C-666**

**Invitation For Bids (IFB)**

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of Completion | Availability of Bid Document for online bidding: From | Availability of Bid Document for online bidding: To | Name & address of office inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Procurement of 100mm to 300mm dia DI pipes inconnection with the wori. Improvement of water supply to Digapahandi NAC and Balliguda NAC under AMRUT 2.0 SWAP-III | Identification No 49/03/SPH(C)/ 2024-25 24.09.2024 | 540.73 | 3 (Three) Calendar Months | 11.00 Hrs. of 27.09.2024 | 17.30 Hrs. of 14.10.2024 | Superintending Engineer P.H. Division, Bhanjanagar at Chatrapur |

The Technical Bid shall be opened on dt. 15.10.2024 at 01.00 PM
Further details can be seen from the e-procurement portal **https://www.tenderorissa.gov.in**

**Sd/- Superintending Engineer (PH)**
**P.H. Division, Bhanjanagar at Chatrapur**
OIPR : 13013/11/0010/2425

**O-319**

**Government of Odisha "e" Procurement Notice**
**Bid Identification No. 02 of 2024-25**

| | | | |
|---|---|---|---|
| 1 | Number of Works | : | **1 No. of Building Work** |
| 2 | Estimated Cost **(Aprox.)** | : | **Rs. 52.26 lakh** |
| 3 | Period of Completion | : | **6 (Six) Calendar months** |
| 4 | Date & Time of availability of Bid documents in the Portal | : | **01/11/2024 at 11:00 hrs.** |
| 5 | Last date & Time for receipt of Bids in the Portal | : | **14/11/2024 at 17:00 hrs.** |
| 6 | Date of Opening of Tender | : | **15/11/2024 at 11:00 hrs.** |
| 7 | Name and address of the Officer Inviting Bid | : | **Superintending Engineer, Rural Works Division, Jagatsinghpur.** |

Further details can be seen from the Government website: **www.tendersorissa.gov.in**

**Sd/- Superintending Engineer**
**Rural Works Division, Jagatsinghpur**
OIPR : 25056/11/0002/2425

**ODISHA TOURISM DEVELOPMENT CORPORATION LIMITED**
**(A GOVT. OF ODISHA UNDERTAKING**
**PANTHANIVAS (OLD BLOCK): LEWIS ROAD: BHUBANESWAR-14**

Letter No. 1138
Date. 25.09.2024

**CAD-1206**

**NOTICE INVITATION FOR BIDS (NIFB)**
**E-Procurement Notice No. BP-I/02/2024-25 dt.. 25.09.2024**

| | | | |
|---|---|---|---|
| 1. | Nature of Work | : | Construction of Compound wall, minor Repair and Painting of Staff Quarters at Panthanivas Rambha |
| 2. | Total No. of Work | : | 01 No. |
| 3. | Value of Works | : | Rs.16,70,156.00 |
| 4. | Bid Security | : | As per NIT |
| 5. | Class of Contractor | : | As Per NIT |
| 6. | Period of Completion | : | 03 (Three) Calendar Months. |
| 7. | Other details as follows | : | |

| Procurement Officer | Bid Identification No. | Availability of Bid online: From | Availability of Bid online: To | Date, Time & Place of opening of Tender |
|---|---|---|---|---|
| Superintending Engineer, OTDC Ltd., Bhubaneswar | BP-I/02/2024-25 dt. 25.09.2024 | 30.09.2024 | 14.10.2024 | 11.30 Hours of **dt. 15.10.2024** in the office of the Superintending Engineer, OTDC Ltd., Bhubaneswar |

Further details can be seen from the Govt. Website **www.tenderodisha.gov.in**

**Sd/- Superintending Engineer**
**O.T.D.C. Ltd., BBSR**
OIPR : 37002/11/0015/2425

**IDBI BANK**

ଆଇଡ଼ିବିଆଇ ବ୍ୟାଙ୍କ ଲିଃ.: କ୍ଷେତ୍ରୀୟ କାର୍ଯ୍ୟାଳୟ, ଆଇଡ଼ିବିଆଇ ହାଉସ୍, ୧ମ ମହଲା, ୟୁନିଟ୍ - ୯, ଜନପଥ, ଭୁବନେଶ୍ୱର-୭୫୧୦୨୨, ଓଡ଼ିଶା
CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) (ସରଫେଶୀ ଆକ୍ଟ) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତାମାନେ ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗକରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଦେୟ ଓ ଖର୍ଚ୍ଚ ପାଇଁ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ସହ-ଋଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ପ୍ରଦୀପ କୁମାର ହାତୀ,** ପିତା: ଶ୍ରୀ କୈଳାଶ ହାତୀ, **ଠିକଣା-୧ :** ସା/ପୋ: ପୁରୁଣା ତିଗିରିଆ, ଥାନା: ତିଗିରିଆ, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୩୦, **ଠିକଣା-୨ :** ପ୍ଲଟ୍ ନଂ.: ୨୩୭୩/୪୪୨୬, ସା/ପୋ: ପାଇକାଆଁରା, ଥାନା: ତିଗିରିଆ, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୩୦/ **ସହ-ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ କୈଳାଶ ହାତୀ,** ପିତା: ଶ୍ରୀ ଅନନ୍ତ ହାତୀ, ସା/ପୋ: ପୁରୁଣା ତିଗିରିଆ, ଥାନା: ତିଗିରିଆ, ଜିଲ୍ଲା: କଟକ, ଓଡିଶା, ପିନ୍-୭୫୪୦୩୦ | ଟ.୮,୪୫,୯୩୯.୮୨ (ତା. ୦୯.୦୪.୨୦୨୪ ପର୍ଯ୍ୟନ୍ତ ସୁଧ ହିସାବ) + ତା.୧୦.୦୪.୨୦୨୪ ରିଖ ଠାରୁ ପରବର୍ତ୍ତୀ ସୁଧ | ୧୨.୦୬.୨୦୨୪ / ୨୪.୦୯.୨୦୨୪ | ଶ୍ରୀ କୈଳାଶ ହାତୀଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୩୭୩/୪୪୨୬, ହାଲ୍ ଖାତା ନଂ.: ୯୨୧/୫୪୧, କିସମ: ଘରବାରୀ, ପରିମିତ କ୍ଷେତ୍ର: ଏକର୦.୦୮ ଡିସିମିଲି, ମୌଜା: ପାଇକାଆଁରା, ପୁରୁଣା ତିଗିରିଆ, ଥାନା/ତହସିଲ: ତିଗିରିଆ, ଜିଲ୍ଲା: କଟକ, ରାଜ୍ୟ: ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: କହ୍ନେଇ ନାୟକ, ପଶ୍ଚିମ: ରାସ୍ତା, ଉତ୍ତର: ବିକଳ ଦାସ, ଦକ୍ଷିଣ: ଉଦ୍ଧବ ରାଉତ ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର |
| **ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ସିଂହ,** ପିତା: ନଗେନ୍ଦ୍ର ନାରାୟଣ ସିଂହ, **ଠିକଣା-୧ :** ଫ୍ଲାଟ୍ ନଂ.: ଏ୨୬, ୩ୟ ମହଲା, ବ୍ଲକ୍-ଏ, ଜଗାସାଇ ଆପାର୍ଟମେଣ୍ଟ, କହ୍ନେଇପୁର, ଯାଜପୁର ରୋଡ୍-୭୫୫୦୧୯, **ଠିକଣା-୨ :** ମାର୍ଫତ: ଟାଟା ଷ୍ଟିଲ୍ ଲିମିଟେଡ୍, କଳିଙ୍ଗ ନଗର, ଡୁବୁରି, ଯାଜପୁର-୭୫୫୦୨୬, ଓଡିଶା, **ଠିକଣା-୩:** ସା: ଫୁଲପରାସ, ଜଗତ୍‌ପୁର, ଜିଲ୍ଲା: ମଧୁବନୀ, ଘୋଘରଡିହା, ବିହାର-୮୪୭୪୦୨ | ଟ.୧୮,୫୪,୪୧୭/- (ତା. ୦୯.୦୪.୨୦୨୪ ପର୍ଯ୍ୟନ୍ତ ସୁଧ ହିସାବ) + ତା.୧୦.୦୪.୨୦୨୪ ରିଖ ଠାରୁ ପରବର୍ତ୍ତୀ ସୁଧ | ୧୯.୦୬.୨୦୨୪ / ୨୪.୦୯.୨୦୨୪ | ଶ୍ରୀ ଅରୁଣ କୁମାର ସିଂହଙ୍କ ନାମରେ "ଜଗାସାଇ କଲୋନୀ" ନାମକ ୨ବିଏଚ୍‌କେ ଆପାର୍ଟମେଣ୍ଟର ୩ୟ ମହଲାର ବ୍ଲକ୍-ଏ ରେ ଥିବା ଫ୍ଲାଟ୍ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ଏ/୨୬, ପରିମିତ କ୍ଷେତ୍ର: ୭୫୦ ବର୍ଗଫୁଟ, ଖାତା ନଂ.: ୭୭୧/୨୮୦, ପ୍ଲଟ୍ ନଂ.: ୬୦୮, ସା: ଚାନ୍ଦମା, ପୋ: ଯାଜପୁର ରୋଡ୍, ଥାନା: କୋରେଇ ନଂ.: ୩୭, ତହସିଲ: ଡୋଲିପୁର, ଜିଲ୍ଲା: ଯାଜପୁର, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଖୋଲା ସ୍ଥାନ, ଉତ୍ତର: ରାସ୍ତା, ଦକ୍ଷିଣ: ଖୋଲା ସ୍ଥାନ ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର |

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୬.୦୯.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।


# କନ୍ଧମାଳ ଓ ଢେଙ୍କାନାଳ ଜିଲ୍ଲାର ଦଳୀୟ କର୍ମକର୍ତ୍ତାଙ୍କୁ ଭେଟିଲେ ନବୀନ



ଭୁବନେଶ୍ୱର, (ସବ୍ୟୁ): ଶଙ୍ଖ ଭବନ ଠାରେ ଢେଙ୍କାନାଳ ଓ କନ୍ଧମାଳ ଜିଲ୍ଲା ର ସାଂଗଠନିକ ପଦାଧିକାରୀ ଓ ନେତୃ ବୃନ୍ଦ ଙ୍କ ବୈଠକ ଅନୁଷ୍ଠିତ ହୋଇ ସଂଗଠନ କୁ ମଜବୁତ କରିବା ସମ୍ପର୍କ ରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଉଦବୋଧନ ଦେଇ ଦଳ ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାର ର ୨୪ବର୍ଷ ଶାସନରେ ରାଜ୍ୟ ର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦିଆଯାଇଥିଲା । କନ୍ଧମାଳ ଓ ଢେଙ୍କାନାଳ ର ବିକାଶ ପାଇଁ ବିଜେଡି ସରକାର ସମୟ ରେ ଅନେକ କାମ ହୋଇଛି । ଦରଦାମ ବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେପି ସରକାରକୁ ଆସିବାର ଶହେଦିନ ବିତିଗଲାଣି । ଆଇନ ଶୃଙ୍ଖଳା ଠାରୁ ଆରମ୍ଭ କରି ଦରବୃଦ୍ଧି ଓ ବିକାଶ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାର ସେବା ଯୋଗାଇବାରେ ବିଫଳ ହୋଇଛନ୍ତି । ତେଣୁ ସାଧାରଣ ଲୋକଙ୍କ ସୁଖ ଦୁଃଖ ରେ ସାମିଲ ହେବା ସହ ସରକାରଙ୍କ ବିଫଳତା ବିଷୟରେ ଲୋକଙ୍କୁ ଙ୍କୁ ସଚେତନ କରିବାକୁ ସେ ପରାମର୍ଶ ଦେଇଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ବିଜେଡି ସରକାର ରେ ଥିବା ବେଳେ ଲୋକଙ୍କ ପାଇଁ ଅନେକ ଭଲ କାମ କରିଥିଲା । ଲୋକଙ୍କ ଭଲ ପାଇବା ଏବେବି ଆମ ସହିତ ରହିଛି । ତେଣୁ ଲୋକଙ୍କ ସେବା ଜାରି ରଖିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବିଜେଡି ର ବରିଷ୍ଠ ନେତା ଶ୍ରୀ ଦେବୀପ୍ରସାଦ ମିଶ୍ର ବୈଠକ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଚକ୍ରପାଣି କହ୍ନର,ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା,ପ୍ରଫୁଲ୍ଲ ମଲ୍ଲିକ, ନୃସିଂହ ସାହୁ, ସାଂସଦ ପ୍ରାର୍ଥୀ ମହେଶ ସାହୁ,ଅବିନାଶ ସାମଲ ପୂର୍ବତନ ବିଧାୟକ ସାଲୁଗା ପ୍ରଧାନ,ସୁଧୀର ସାମଲ,ଙ୍କ ସମେତ ଦୁଇ ଜିଲ୍ଲା ର ବରିଷ୍ଠ ନେତୃ ମଣ୍ଡଳୀ ଏବଂ ପଂଚାୟତ ପ୍ରତିନିଧି ମାନେ ଉଦବୋଧନ ଦେଇ ବିଜେଡି କୁ ଶକ୍ତିଶାଳୀ କରିବା ପାଇଁ ସଂକଳ୍ପ ବଦ୍ଧ ହୋଇ କାମ କରିବେ ବୋଲି ଘୋଷଣା କରଥିଲେ ।

# ଗ୍ରାମାଞ୍ଚଳରେ ବି ଦୁର୍ଗାପୂଜା ବେଳେ ଲେଜର ଲାଇଟ୍ ଓ ଡିଜେ କୁ ମନା : ଜିଲ୍ଲା ପ୍ରଶାସନର ନିଷ୍ପତ୍ତି

କଟକ,(ସବ୍ୟୁ): ଚଳିତ ବର୍ଷ କଟକ ଜିଲ୍ଲାରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ନିମନ୍ତେ ଆଜି କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ କଟକ ଗ୍ରାମାଂଚଳ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଛ ମାହାଙ୍ଗା ବିଧାୟକ ଶ୍ରୀ ଶାରଦା ପ୍ରସାଦ ପ୍ରଧାନ ବୈଠକରେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ ପୂର୍ବକ ସମସ୍ତଙ୍କ ସହଯୋଗରେ ଦୁର୍ଗାପୂଜା ପାଳନ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଚଳିତ ବର୍ଷ ଦୁର୍ଗାପୂଜା ସମୟରେ ଲେଜର ଲାଇଟ ବ୍ୟବହାର ଓ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରିବା ସହ ମାଦକ ଦ୍ରବ୍ୟ ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ଲଗାଯିବା ନେଇ ଗୁରୁତ୍ୱ ଦିଆଯାଇଥିଲା । ବିଶେଷଭାବେ ପୂଜା ଓ ଭଷାଣୀ ସମୟରେ ଚୋରାମଦ ରୋକିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଅବକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପୂଜା କମିଟି କର୍ମକର୍ତା ପୂଜା ପେଣ୍ଡାଲରେ ଅଗ୍ନି ନିର୍ବାପକ ଯନ୍ତ୍ର ଲଗାଇବା ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଥିଲା । ଟିପିସିଓଡିଏଲ ତରଫରୁ ବିଦ୍ୟୁତ ଜନିତ ଦୁର୍ଘଟଣା ନହେବା ପାଇଁ ସଂସ୍ଥାର କ୍ଷେତ୍ରୀୟ ଅଧିକାରୀମାନଙ୍କ ମାଧ୍ୟମରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଡିଜେ ଆମର ସଂସ୍କୃତି ନୁହେଁ, ଡିଜେ ବଦଳରେ ସ୍ଥାନୀୟ କଳାକାରମାନଙ୍କୁ ସେମାନଙ୍କ କଳା ପ୍ରଦର୍ଶନର ସୁଯୋଗ ଦେବାକୁ ପୂଜା କମିଟିର କର୍ମକର୍ତାଙ୍କୁ ଜିଲ୍ଲାପାଳ ପ୍ରବର୍ତାଇଥିଲେ । ଛୋଟ ଛୋଟ ପିଲାଙ୍କୁ ରାସ୍ତାରେ ଥାଳି ଧରି ଚାନ୍ଦା ଆଦାୟ କାର୍ଯ୍ୟରେ ନିୟୋଜିତ ନ କରିବା, ମେଢର ଉଚ୍ଚତାକୁ ସିମୀତ ରଖିବା, ସାଂସ୍କୃତିକ



କାର୍ଯ୍ୟକ୍ରମ ପରିବେଷଣ ସମୟରେ ରାସ୍ତା ଅବରୋଧ ନକରିବା ଆଦି ବିଷୟ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ବିଭିନ୍ନ ସ୍ଥାନରେ ରାସ୍ତାଘାଟ ମରାମତି, ଅଗ୍ନିଶମ ବ୍ୟବସ୍ଥା, ପାନୀୟ ଜଳ ଏବଂ ସ୍ୱଚ୍ଛତା ଓ ପରିମଳ ତଥା ଆଶୁ ଚିକିତ୍ସା ଉପରେ ଧ୍ୟାନ ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ପୂଜା ପେଣ୍ଡାଲ ଓ ଭସାଣୀ ଶୋଭାଯାତ୍ରା ନିମନ୍ତେ ଅନୁମତିପତ୍ର ପ୍ରଦାନ ପାଇଁ ଆସନ୍ତାବର୍ଷଠାରୁ ଏକକ ବାତାୟନ କକ୍ଷ ଉପଲବଧ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁବାସ ଚନ୍ଦ୍ର ରାୟ, ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ଥାନାର ଆଇଆଇସି, ତହସିଲଦାର ଓ ପୂଜା କମିଟିର କର୍ମକର୍ତା ଉପସ୍ଥିତ ଥିଲେ । ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ ପୋଲିସ୍ ପ୍ରଶାସନର ଏକ ମାର୍ଗଦର୍ଶିକା ଉପସ୍ଥାପନ କରିଥିବାବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଦତ୍ତ ବରାଳ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ ।

# ହରିଦ୍ୱାରରେ ଓଡିଶୀ ନୃତ୍ୟରେ ମନ ମୋହିଲେ ଡ. ଚିତ୍ତରଞ୍ଜନ ସାହାଣୀ



ଭୁବନେଶ୍ୱର (ସବ୍ୟୁ): ପୂଣ୍ୟ ପୀଠ ତଥା ଦେବଭୂମି ଦେବନଗରୀ ହରିଙ୍କ ଦ୍ୱାର ଉତରାଖଣ୍ଡ ସ୍ଥିତ ହରିଦ୍ୱାରରେ ଦକ୍ଷିଣ ଏସିଆ ରାଷ୍ଟ୍ର ସମୂହର ସମ୍ମିଳନି ପାଳିତ ହୋଇଛି। ଏଥିରେ ଭାରତର ସମସ୍ତ ରାଜ୍ୟର ନୃତ୍ୟଶିଳ୍ପୀ ଏବଂ ଅନ୍ତଃରାଷ୍ଟ୍ରିୟ ଶତାଧିକ ପ୍ରତିନିଧିମାନେ ଯୋଗ ଦେଇଥିବାବେଳେ ଓଡିଶାର ସୁପ୍ରସିଦ୍ଧ ଓଡିଶୀ ନୃତ୍ୟଶିଳ୍ପୀ ତଥା ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀ ଓଡିଶୀ ନୃତ୍ୟ ନବରସରେ ଶ୍ରୀରାମଙ୍କ ଚରିତ ଏବଂ ଶ୍ରୀ ଜୟଦେବଙ୍କ କୃତ ଗୀତଗୋବିନ୍ଦ ଯାହିମାଧବ ନୃତ୍ୟରେ ହରିଦ୍ୱାର ବାସୀଙ୍କୁ ବିମୋହିତ କରିଛନ୍ତି । ଏହାକୁ ଦକ୍ଷିଣ ଏସିଆ ସମ୍ମିଳନି ଓ ସାଉଥ୍ ଏସିଆ ଫ୍ରାଟରନିଟିର ରାଷ୍ଟ୍ରିୟ ସଭାପତି ଦୀପକ ମାଲବ୍ୟା, ଡ. ଚିତ୍ତରନଙ୍କ ନୃତ୍ୟକୁ ଭୂୟସୀ ପ୍ରଶଂସା କରିବା ସହ ନୃତ୍ୟ ମାଧ୍ୟମରେ ଆଧ୍ୟାତ୍ମିକତା ଏବଂ ବିଭୂକୃପା ପ୍ରଦର୍ଶନ କରି ହରିଦ୍ୱାରର ଆଧ୍ୟାତ୍ମିକ ବାତାବରଣକୁ ନୃତ୍ୟମୟ କରିଥିବାରୁ ନୃତ୍ୟଶିଳ୍ପୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମିଳନିରେ ସମ୍ବର୍ଦ୍ଧିତ କରିଛନ୍ତି ।

## ସ୍ପାମ୍ ଉପରେ ଏୟାରଟେଲ୍ ର କଡ଼ା କାର୍ଯ୍ୟାନୁଷ୍ଠାନ

# ସ୍ପାମ୍ ଚିହ୍ନଟ ପାଇଁ ପ୍ରଥମ ଏଆଇ-ଚାଳିତ ନେଟୱାର୍କ ସଲ୍ୟୁସନ୍

ଭୁବନେଶ୍ୱର (ସବ୍ୟୁ): ଦେଶର ସ୍ପାମ୍ ସମସ୍ୟାକୁ ରୋକିବା ପାଇଁ ଭାରତୀ ଏୟାରଟେଲ୍ ('ଏୟାରଟେଲ୍' ) ଆଜି ଭାରତର ପ୍ରଥମ ନେଟୱାର୍କ ଆଧାରିତ, ଏଆଇ-ଚାଳିତ ସ୍ପାମ୍ ଡିଟେକ୍ସନ ସଲ୍ୟୁସନ୍ ଲଞ୍ଚ କରିଛି ଯାହା ଏହାର ଗ୍ରାହକଙ୍କ ପାଇଁ ସ୍ପାମ୍ କଲ୍ ଏବଂ ମେସେଜ୍ ସମସ୍ୟାର ଯଥେଷ୍ଟ ସମାଧାନ କରିବ । ଦେଶର ଏକ ଟେଲିକମ୍ ସେବା ପ୍ରଦାନକାରୀ ସଂସ୍ଥା ଦ୍ୱାରା ପ୍ରଥମ ଥର ପାଇଁ ଏହି ଉପକରଣ ଗ୍ରାହକମାନଙ୍କୁ ସମସ୍ତ ସନ୍ଦିଗ୍ଧ ସ୍ପାମ୍ କଲ୍ ଏବଂ ଗଙ୍କଗ ବିଷୟରେ ରିୟଲ୍ ଟାଇମ୍ ରେ ସତର୍କ କରାଇବ । ଏହାର ସମାଧାନ ମାଗଣା ଏବଂ ଏହା ସମସ୍ତ ଏୟାରଟେଲ ଗ୍ରାହକଙ୍କ ପାଇଁ ଅଟୋ-ଆକ୍ଟିଭେଟ ହେବ ଯେଉଁଥିରେ ସେମାନଙ୍କୁ ସର୍ଭିସ ରିକ୍ୱେଷ୍ଟ କରିବାକୁ ପଡିବ ନାହିଁ କିମ୍ବା ଏକ ଆପ୍ ଡାଉନଲୋଡ୍ କରିବାକୁ ପଡିବ ନାହିଁ ।

ଭାରତୀ ଏୟାରଟେଲର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପାଳ ଭିଟ୍ଟାଲ କହିଛନ୍ତି, ସ୍ପାମ୍ ଗ୍ରାହକଙ୍କ ପାଇଁ ବିପଦ ପାଲଟିଛି । ଏହାର ବ୍ୟାପକ ସମାଧାନ ପାଇଁ ଆମେ ଗତ ବାର ମାସ ବିତାଇଛୁ । ଆଜି ଆମେ ଦେଶର ପ୍ରଥମ ଏଆଇ-ଚାଳିତ ସ୍ପାମ୍ ମୁକ୍ତ ନେଟୱାର୍କ ଆରମ୍ଭ କରିବା ସହିତ ଏକ ମାଇଲଖୁଣ୍ଟ ସୃଷ୍ଟି କରୁଛୁ ଯାହା ଆମ ଗ୍ରାହକମାନଙ୍କୁ ଅନୁପ୍ରବେଶକାରୀ ଏବଂ ଅବାଞ୍ଛିତ ଯୋଗାଯୋଗର କ୍ରମାଗତ ଆକ୍ରମଣରୁ ରକ୍ଷା କରିବ ।

ଡୁଆଲ୍ ଲେୟାର ସୁରକ୍ଷା ଭାବରେ ଡିଜାଇନ୍ କରାଯାଇଥିବା ଏହି ସଲ୍ୟୁସନ୍‌ରେ ଦୁଇଟି ଫିଲ୍ଟର ରହିଛି- ଗୋଟିଏ ନେଟୱାର୍କ୍ ସ୍ତରରେ ଏବଂ ଅନ୍ୟଟି ଆଇଟି ସିଷ୍ଟମ୍ ସ୍ତରରେ । ପ୍ରତ୍ୟେକ କଲ୍ ଏବଂ ଏସଏମଏସ ଏହି ଦ୍ୱିତୀୟ ସ୍ତରୀୟ ଏଆଇ ଶିଲ୍ଡ ଦେଇ ଯାଇଥାଏ । ୨ ମିଲିସେକେଣ୍ଡରେ ଆମର ସମାଧାନ ପ୍ରତିଦିନ ୧.୫ ବିଲିୟନ ମେସେଜ୍ ଏବଂ ୨.୫ ବିଲିୟନ କଲ୍ ପ୍ରକ୍ରିୟା କରେ । ଏହା ଏଆଇର ଶକ୍ତି ବ୍ୟବହାର କରି ରିୟଲ ଟାଇମ ଭିତ୍ତିରେ ୧ ଟ୍ରିଲିୟନ ରେକର୍ଡ ପ୍ରକ୍ରିୟାକରଣ ସହିତ ସମାନ ଅଟେ ଛ ଆମର ସମାଧାନ ପ୍ରତିଦିନ ଉତ୍ପନ୍ନ ହେଉଥିବା ୧୦୦ ନିୟୁତ ସମ୍ଭାବ୍ୟ ସ୍ପାମ୍ କଲ୍ ଏବଂ ୩ ନିୟୁତ ସ୍ପାମ୍ ଏସ୍ଏମ୍ଏସ୍‌କୁ ସଫଳତାର ସହ ଚିହ୍ନଟ କରିବାରେ ସକ୍ଷମ ହୋଇଛି । ଆମ ପାଇଁ ଗ୍ରାହକଙ୍କୁ ସୁରକ୍ଷିତ ରଖିବା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ।

# ଅର୍ବାନ ବ୍ୟାଙ୍କ, କଟକର ୪୩ ତମ ସାଧାରଣ ସଭା



କଟକ, (ସବ୍ୟ): ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ୍ ର ୪୩ ତମ ସାଧାରଣ ସଭା କଳାବିକାଶ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଅଛି । ବ୍ୟାଙ୍କର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର ସଭାପତିତ୍ୱ କରି ଅଂଶୀଦାର ତଥା ଜନ ସାଧାରଣ ଙ୍କର ସହଯୋଗ କାମନା କରି ଥିଲେଛଉକ୍ତ ସଭାରେ ବ୍ୟାଙ୍କର ଅଂଶୀଦାର ମାନେ ଆଲୋଚନାରେ ଭାଗ ନେଇ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ । ଗତବର୍ଷ ର ଅଡିଟ ରିପୋର୍ଟ ଉପସ୍ଥାପନା କରାଯିବା ସହ ଆସନ୍ତା ବର୍ଷର ବଜେଟ କୁ ଅନୁମୋଦନ କରାଯାଇଥିଲା ଓ ଅନେକ ଉନ୍ନୟନ ମୂଳକ ପ୍ରସ୍ତାବ ସହ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଅଂଶୀଦାର ମାନଙ୍କ ତରଫରୁ ପ୍ରସ୍ତାବ ଦିଆଯିବା ସହ ଅନୁମୋଦନ କରା ଯାଇଥିଲା ଛଏଥିରେ ନିର୍ଦ୍ଦେଶକ ଶରତ ଚନ୍ଦ୍ର ପ୍ରଧାନ, ଧର୍ମେଶ ନାୟକ, ନବକିଶୋର ସ୍ୱାଇଁ,ପ୍ରମିଳା ମହାନ୍ତି,ଲାଲା ପ୍ରତାପ ରାୟ,ପ୍ରମୋଦ କୁମାର ଦାସ,ସୁରେନ୍ଦ୍ର କୁମାର ଦାସ,ସଂଗୀତା ଦାସ,ଦିଲ୍ଲୀପ କୁମାର ପଟ୍ଟନାୟକ, ସୌମ୍ୟଦୀପ୍ ଘୋଷ, ଇମ୍ରାନ୍ ଖାନ୍, ନୀଳମଣି କର ପ୍ରମୁଖ ଯୋଗ ଦେଇଥିବା ବେଳେ ଏ ଆର୍ ସିଏସ ରଶ୍ମି ଦାସ ତାଙ୍କର ବକ୍ତବ୍ୟ ରଖି ବ୍ୟାଙ୍କ୍ ର ଉନ୍ନତି କାମନା କରିଥିଲେଛଭାରପ୍ରାପ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରିୟବ୍ରତ ପଣ୍ଡା ବିଗତ ବର୍ଷର ବିବରଣୀ ପାଠ କରିଥିଲେ । ସଭା ଶେଷରେ ଉପ ସଭାପତି ରଞ୍ଜିତା କାହାଳୀ ଧନ୍ୟବାଦ୍ ପ୍ରଦାନ କରିଥିଲେ ।

# ରାଜ୍ୟରେ ଜନ ଆନ୍ଦୋଳନକୁ ସକ୍ରିୟ କରିବ ଉତ୍କଳ ସର୍ବୋଦୟ ମଣ୍ଡଳ

କଟକ,(ସବ୍ୟୁ):ଉତ୍କଳ ସର୍ବୋଦୟ ମଣ୍ଡଳ ଓଡ଼ିଶାରେ ବିଭିନ୍ନ ଜନ ଆନ୍ଦୋଳନକୁ ସକ୍ରିୟ କରିବାକୁ ନିଷ୍ପତ୍ତି ନେଇଛି । ସ୍ଥାନୀୟ ଗୁଣନିଧି ଭବନ, ଥୋରିଆସାହି ଠାରେ ଅନୁଷ୍ଠିତ ବୈଠକରେ ସଭାପତି କୈଳାସ ଚନ୍ଦ୍ର ସାଉ ଅଧ୍ୟକ୍ଷତା କରିଥିଲେ । ଅଖିଳ ଭାରତ ସର୍ବୋଦୟ ମଣ୍ଡଳ ର ନବ ନିର୍ବାଚିତ ଅଧ୍ୟକ୍ଷ ଗାନ୍ଧିବାଦୀ ସମାଜସେବୀ ଆଦିତ୍ୟ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଜଣାଇବା ଅବସରରେ ଶ୍ରୀ ପଟ୍ଟନାୟକ ଦେଶରେ ସର୍ବୋଦୟ ସଂଗଠନ ର ଭୂମିକା ଓ ଇତିହାସ ଉପରେ ଅବତାରଣା କରିଥିଲେ । ଗାନ୍ଧୀ ବିଚାର ଓ ସର୍ବୋଦୟ ଆନ୍ଦୋଳନର ପ୍ରାସଂଗକିତା ରହିଛି, ଏହାକୁ ପୁଣି ସକ୍ରିୟ କରାଯିବ ବୋଲି ସେ କହିଥିଲେ । ଏହି ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା କର୍ମକର୍ତ୍ତା ଓ ମିତ୍ର ମାନେ ଆଲୋଚନାରେ ଅଂଶଗ୍ରହଣ କରି ନିଶା ମୁକ୍ତ ଜୀବନ, ନିଶା ମୁକ୍ତ ସମାଜ ଗଠନ ପାଇଁ ପଣ କରିଥିଲେଛ ଏଥି ସହିତ ବିଭିନ୍ନ ଜନ ଆନ୍ଦୋଳନ ସହିତ ସର୍ବୋଦୟ ମଣ୍ଡଳ ସମ୍ପର୍କ ରଖିବ ବୋଲି ମତ ପ୍ରକାଶ ପାଇଥିଲାଛ



ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ର ପ୍ରସାର ପାଇଁ କାମ କରିବାକୁ ଉଦ୍ୟମ କରାଯିବ ବୋଲି ବକ୍ତା ମାନେ ମତ ପ୍ରକାଶ କରିଥିଲେ । ସମ୍ପାଦକ ରମାକାନ୍ତ ମଣ୍ତଳ ବିବରଣୀ ପାଠ କରିଥିବା ବେଳେ କୁଳମଣି ଶୁକ୍ଳ, ଗିରିଜା ପ୍ରସାଦ ନାୟକ, ଗୌରାଙ୍ଗ ଚରଣ ସାମଲ, ପୂର୍ବତନ ସଭାପତି ଶୋଭାକର ସ୍ୱାଇଁ, ଜ୍ୟୋର୍ତିମୟୀ ପଟ୍ଟନାୟକ, ରମା ରଞ୍ଜନ ସ୍ୱାଇଁ, ବିଜୟ ଲକ୍ଷ୍ମୀ ମହାପାତ୍ର, ରମାକାନ୍ତ ନାଥ, ଡାକ୍ତର ରବି ରଞ୍ଜନ ସାହୁ, ଅମର ପାଣିଗ୍ରାହୀ, ଗୋବିନ୍ଦ ଓଝା, ଇନ୍ଦୁ ମତୀ ସାହୁ, ମାଳତୀ ପାତ୍ର, ବିଜୟ ଲକ୍ଷ୍ମୀ ମହାନ୍ତି,ରେଣୁକା ସାହୁ,ଅନ୍ନପୂର୍ଣ୍ଣା ପତି, ପ୍ରଦୀପ ସାହୁ, ସରୋଜ କୁମାର ଶତପଥୀ, ଶାନ୍ତିଲତା ବେହେରା, ଉର୍ବଶୀ ନାୟକ ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରି ଥିଲେଛ ନିର୍ମଳ ଗିରି ଙ୍କ ପୁସ୍ତକ ଓଡ଼ିଶା ନିର୍ମାଣରେ ଚୌଧୁରୀ ପରିବାର ଏବଂ ସର୍ବୋଦୟ ପତ୍ରିକା ଏହି ମାସର ସଂସ୍କରଣ ଉନ୍ମୋଚନ କରାଯାଇଥିଲା । ମା ' ରମାଦେବୀଙ୍କ ୧୨୫ ତମ ଜୟନ୍ତି ଅବସରରେ ବିବିଧ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ରାକେଶ କୁମାର ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବ୍ୟାଙ୍କ ଅଫ୍ ଇଣ୍ଡିଆ ବାରିପଦା ଅଞ୍ଚଳ ପକ୍ଷରୁ

# ହିନ୍ଦୀ ମାସ ସମାପନ ଉତ୍ସବ ପାଳିତ

ଭୁବନେଶ୍ୱର (ସବ୍ୟୁ): ବ୍ୟାଙ୍କ ଅଫ୍ ଇଣ୍ଡିଆ, ବାରିପଦା ଅଞ୍ଚଳ ପକ୍ଷରୁ ହିନ୍ଦୀ ମାସ ସମାପନ ଉତ୍ସବ ପୁରସ୍କାର ବିତରଣ ଏବଂ ପ୍ରମାଣ ପତ୍ର ପ୍ରଦାନ ସହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଞ୍ଚଳ କାର୍ଯ୍ୟାଳୟ ତରଫରୁ




ହିନ୍ଦୀରେ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ବ୍ୟାଙ୍କର ବାରିପଦା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ରମେଶ ଚନ୍ଦ୍ର ଦାସ ଏବଂ ଉପ-ଆଞ୍ଚଳିକ ପ୍ରବନ୍ଧକ ପ୍ରଦୀପ୍ତ ରଞ୍ଜନ ରାୟ ଅଞ୍ଚଳ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ହିନ୍ଦୀରେ କାର୍ଯ୍ୟ କରିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ। ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ଦାସ ହିନ୍ଦୀ କେବଳ ଆମର ରାଷ୍ଟ୍ର ଭାଷା ନୁହେଁ ଏହା ଆମ ଦେଶର ଧରୋହର ବୋଲି କହିଥିଲେ। ହିନ୍ଦୀ ମାସ ଅନ୍ତର୍ଗତ ରାଜଭାଷା ବିଭାଗ ଦ୍ୱାରା ବିଭିନ୍ନ ପ୍ରକାରର ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା ଯେଉଁଥିରେ ଅଞ୍ଚଳ ଅଧିନସ୍ଥ ଶାଖାଗୁଡିକ ମଧ୍ୟ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ପ୍ରିୟଙ୍କା ଗୁପ୍ତା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ବିଶ୍ୱର ପ୍ରମୁଖ ସାଂସ୍କୃତିକ କେନ୍ଦ୍ରରେ ସାମିଲ ହେଲା

# ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ଏନଏମଏସିସି

ଭୁବନେଶ୍ୱର (ସବ୍ୟୁ): ପ୍ରତିଷ୍ଠିତ ଆନ୍ତର୍ଜାତୀୟ ଜାପାନୀ ପତ୍ରିକା 'ମ୍ୟାଡାମ୍ ଫିଗାରୋ' ମୁମ୍ବାଇର 'ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର'କୁ ବିଶ୍ୱର ସର୍ବୋତ୍ତମ ସାଂସ୍କୃତିକ କେନ୍ଦ୍ର ତାଲିକାରେ ଅନ୍ତର୍ଭୁକ୍ତ କରିଛି । ପ୍ରଥମ ଥର ପାଇଁ ଏକ ଭାରତୀୟ ସାଂସ୍କୃତିକ କେନ୍ଦ୍ର ଆନ୍ତର୍ଜାତୀୟ ସ୍ତରରେ ନିଜର ଉପସ୍ଥିତି ଜାହିର କରିଛି । ଦେଶର ବୃହତ୍ତମ କଳାକେନ୍ଦ୍ର ମଧ୍ୟରୁ ଅନ୍ୟତମ ଏହି କେନ୍ଦ୍ର ଭାରତୀୟ ସଂସ୍କୃତିକୁ ଦୃଷ୍ଟିରେ ରଖି ପଦ୍ମ ଫୁଲ ଆକାରରେ ଡିଜାଇନ୍ କରାଯାଇଛି । ଏନଏମଏସିସି ମୁମ୍ବାଇ ସହରର ବାନ୍ଦ୍ରା କୁର୍ଲାରେ ଅବସ୍ଥିତ । ମ୍ୟାଡାମ୍ ଫିଗାରୋ ପତ୍ରିକା ଲେଖିଛି ଯେ ଏନଏମଏସିସି ୨୦୨୩ ମସିହାରେ ନୀତା ମୁକେଶ ଅମ୍ବାନୀଙ୍କ ଦ୍ୱାରା ବିଶ୍ୱର କଳାକୁ ଭାରତକୁ ଆଣିବା ଏବଂ ଭାରତର କଳାକୁ ବିଶ୍ୱ ମଞ୍ଚକୁ ନେବାର ମହତ ଉଦ୍ଦେଶ୍ୟ ନେଇ ପ୍ରତିଷ୍ଠିତ ହୋଇଥିଲା। ଏହାର ଅନେକ ପ୍ରେକ୍ଷାଳୟ ଏବଂ ଆର୍ଟହାଉସରେ ଭାରତୀୟ କଳାକାରମାନଙ୍କ ପ୍ରଦର୍ଶନୀଠାରୁ ଆରମ୍ଭ କରି ଶାସ୍ତ୍ରୀୟ ଗାୟନ-ବାଦନ-ନୃତ୍ୟ, ବ୍ରଡୱେ ମ୍ୟୁଜିକାଲ୍ ଏବଂ ଥିଏଟର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେଉଛି । ଏହି କଳା କେନ୍ଦ୍ର



ଭାରତର କଳା ପରିଦୃଶ୍ୟକୁ ପରିବର୍ତ୍ତନ କରୁଛି । ଏନଏମଏସିସି ବ୍ୟତୀତ, ଏହି ତାଲିକାରେ ନ୍ୟୁୟର୍କର ରିଚାର୍ଡ ଗିଲ୍ଡର୍ ସେଣ୍ଟର, ଲସ୍ ଆଞ୍ଜେଲସର ଇନଟିଉଟ୍ ଡୋମ୍, ଆମଷ୍ଟରଡାମର ଡେଡ୍ ଏଣ୍ଡ ଗ୍ୟାଲେରୀ, ହଂକଂର ସୋଥବାୟସ ମେସନ୍, ବ୍ୟାଙ୍କକର ବ୍ୟାଙ୍କକ୍ ଆର୍ଟ ବିନାଲେ ଏବଂ ଜର୍ମାନୀର ଡାର୍କ ମ୍ୟାଟର ସାମିଲ ରହିଛି । ଭାରତର ଆର୍ଥିକ ରାଜଧାନୀ ମୁମ୍ବାଇର ବାନ୍ଦ୍ରା କୁର୍ଲାରେ ଅବସ୍ଥିତ ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର ହେଉଛି ଭାରତୀୟ କଳା କ୍ଷେତ୍ରରେ ଏହିଭଳି ପ୍ରଥମ ସାଂସ୍କୃତିକ କେନ୍ଦ୍ରଛ ରିଲାଏନ୍ସ ଫାଉଣ୍ଡେସନର ଅଧ୍ୟକ୍ଷ ନୀତା ଅମ୍ବାନୀଙ୍କ ଦ୍ୱାରା ପରିକଳ୍ପିତ ଏହି କେନ୍ଦ୍ରର ଉଦ୍ଦେଶ୍ୟ ଭାରତର ସମୃଦ୍ଧ କଳା, ସଂସ୍କୃତି ଏବଂ ଐତିହ୍ୟ ପରମ୍ପରାକୁ ସଂରକ୍ଷିତ ତଥା ପ୍ରୋତ୍ସାହିତ କରିବାଛ ।

# ବେଆଇନ ଗୃହ ନିର୍ମାଣକୁ ବିରୋଧ କରି ସଂପୂର୍ଣ୍ଣ ବାସନ୍ତୀ ପୂଜା ପଡିଆକୁ ଘେରିନେଲେ ଗ୍ରାମବାସୀ

ବେତନଟୀ(ସବ୍ୟୁ) (ସବ୍ୟୁ): ନିକଟରେ ଥିବା ବାସନ୍ତୀ ପଡିଆ ଉପରେ ଜନୈକ ବ୍ୟକ୍ତିଙ୍କ ବେଆଇନ ଗୃହ ନିର୍ମାଣକୁ ବିରୋଧ କରି ସମ୍ପୂର୍ଣ ପଡିଆକୁ ଘେରିନେଲେ ଗ୍ରାମବାସୀ । ରାଜସ୍ୱ ନୀରୀକ୍ଷକ ଙ୍କ ବୁଝାସୁଝା କରିବା ସହ ନିର୍ମାଣ କାର୍ଯ୍ୟରେ ରୋକ ଲଗାଇବା ପରେ ଶାନ୍ତ ପଡିଲା ଘଟଣା । ଆଗକୁ ଯଥା ଶୀଘ୍ର ଏହାର ସମାଧାନ ନହେଲେ



ଗ୍ରାମବାସୀ ଆନ୍ଦୋଳନ ର ପନ୍ଥା ଅବଲମ୍ବନ କରିବେ ବୋଲି ଦେଲେ ଚେତାବନୀ ଘଟଣାରୁ ପ୍ରକାଶ ବେତନଟୀ ବ୍ଲକ ଅଧୀନରେ ପୁରାତନ ବାସନ୍ତୀ ପୂଜା ଭାବେ ନଡପୁର ବାସନ୍ତୀ ପୂଜା ସ୍ଥାନୀୟ ଅଞ୍ଚଳରେ ଖ୍ୟାତି ରହିଛି ଏବଂ ଏହି ପୂଜା ନଡ଼ପୁର ଗ୍ରାମର ବାସନ୍ତୀ ପୂଜା ପଡ଼ିଆରେ ଅନୁଷ୍ଠିତ ହୋଇଥାଏ । ମାତ୍ର ଉକ୍ତ ପୂଜା ପଡିଆର କିସମ ଜଙ୍ଗଲ ଜମି ହୋଇଥବା ବେଳେ କିଛି ସ୍ଥାନୀୟ ଲୋକ ପଡ଼ିଆର ଗୋଟିଏ ପାର୍ଶ୍ୱରେ ବେଆଇନ ଗୃହ ନିର୍ମାଣ କରିବା ସହ ଧୀରେ ଧୀରେ ବାଡ ଘେରି ନିଜ ଆୟତ୍ତକୁ ନେଇଯାଉଥିବାର ଦେଖାଯାଇଛିଛ ଯାହାର ଫଳ ସ୍ୱରୁପ ବାସନ୍ତୀ ପଡିଆର କ୍ଷେତ୍ରଫଳ ଧୀରେ ଧୀରେ କମିବାରେ ଲାଗିଥିବା ବେଳେ ଅନେକ ସମୟରେ ନଡପୁର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା । ମାତ୍ର ନଡପୁର ଗ୍ରାମର ଲକ୍ଷ୍ମୀଧର ମହାକୁଡ଼ଙ୍କର ବାସନ୍ତୀ ପଡିଆକୁ ଲାଗି ଜଙ୍ଗଲ ଜମିରେ ଏକ ସ୍ଥାୟୀ ଘର ବହୁ ପୂର୍ବରୁ ଥିବାବେଳେ ତାଙ୍କ ପୁଅ ଦୈତାରୀ ପୁଣି ଥରେ ଦୁଇ ଦିନ ପୂର୍ବରୁ ଆଉ ଗୋଟିଏ ନୂତନ ଗୃହ ନିର୍ମାଣ କାମ ଆରମ୍ଭ କରିଥିଲେ । ଯାହାକୁ ଗ୍ରାମବାସୀ ବିରୋଧ କରିବା ସହ ନିର୍ମାଣ ବନ୍ଦ କରିବା ସହିତ ଗ୍ରାମ କମିଟିର ପରାମର୍ଶ ନେବା ସହ ବାସନ୍ତୀ ପଡିଆର ସୀମା ନିରୂପଣ ପରେ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ବୈଠକ ବିଳମ୍ବ ହେବାରୁ ଦୈତାରୀ ଗ୍ରାମ କମିଟି ବା ଗ୍ରାମବାସୀ ଙ୍କ କଥାକୁ ଅବଜ୍ଞା କରି ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଇଥିଲା । ଫଳସ୍ୱରୂପ ନଡପୁର ଗ୍ରାମର ଶତାଧିକ ଗ୍ରାମବାସୀ ଗୁରୁବାର ପୂର୍ବାହ୍ନ ସମୟରେ ସମ୍ପୂର୍ଣ ବାସନ୍ତୀ ପଡିଆର କିଛି କିଛି ଅଂଶକୁ ବାଡ଼ଘେରି ନିଜ ଅକ୍ତିଆରକୁ ନେଇଯାଇଥିଲେ । ଯାହାଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଖବର ପାଇ ବେତନଟୀ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ସଷଧର ବିନ୍ଧାଣୀ ଘଟଣା ସ୍ଥଳରେ ପହଁଚି ଦୈତାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହିତ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିଥିଲେ । ତେବେ ଏନେଇ ବେତନଟୀ ତହସିଲଦାର ସୁରଥ ଚନ୍ଦ୍ର ରାଉତ ଉତ୍ତେଜନା ସୃଷ୍ଟି ହୋଇଥିବା ଉକ୍ତ ଜମିରେ ଦୈତାରୀ କରୁଥିବା ବେଆଇନ ଗୃହ ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ ବନ୍ଦ କରିବା ନେଇ ତାଙ୍କୁ ନୋଟିସ କରାଯିବ ବୋଲି ପ୍ରକାଶ କରିଥିଲେ । ତେବେ ଆଗାମୀ ଦିନରେ ଉକ୍ତ ଗୃହର ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ ରୂପେ ବନ୍ଦ ନକରାଗଲେ ଗ୍ରାମବାସୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ସହିତ ଜିଲ୍ଲାପାଳଙ୍କୁ ଭେଟିବା ନେଇ ମତ ପ୍ରକାଶ ପାଇଥିଲା ।


## କ୍ରମ୍ପଟନ ଆମିଓ ପ୍ରୋ ମିକ୍ସର ଗ୍ରାଇଣ୍ଡର ଦ୍ୱାରା ଗ୍ରାଇଣ୍ଡିଂର କାର୍ଯ୍ୟ ଦକ୍ଷତା ଏବଂ ସୁବିଧା ଅଭିଜ୍ଞତା


ଭୁବନେଶ୍ୱର (ସବ୍ୟୁ): ଉପଭୋକ୍ତା ସ୍ଥାୟୀ ଉଦ୍ୟୋଗମରେ ଭାରତର ପୁରୋଧା କ୍ରମ୍ପଟନ ଗ୍ରୀଭସ କଞ୍ଜ୍ୟୁମର ଇଲେକ୍ଟ୍ରିକାଲ୍ସ ଲିମିଟେଡବଢିଆ ସ୍ୱାଦର ରହସ୍ୟପ୍ରତି ଏହାର ପ୍ରତିବଦ୍ଧତାର ଏକ ଅଂଶ ଭାବରେ ଆମିଓ ପ୍ରୋ ମିକ୍ସର ଗ୍ରାଇଣ୍ଡରର ଶୁଭାରମ୍ଭ ସହିତ ଏହାର ରୋଷେଇ ଉପକରଣ ପରିସରକୁ ସମ୍ପ୍ରସାରଣ କରିଛି । ଦକ୍ଷତା ଏବଂ ସୁବିଧା ପାଇଁ ପରିକଳ୍ପିତ ହୋଇଥିବା ଆମିଓ ପ୍ରୋ ମିକ୍ସର ଗ୍ରାଇଣ୍ଡର ପ୍ରତ୍ୟେକ ରୋଷେଇ ଘର ପାଇଁ ଆପଣଙ୍କର ପସନ୍ଦର ଉପକରଣ । ଖାଦ୍ୟ ରାନ୍ଧିବା ସମୟରେ ସର୍ବୋତ୍ତମ ଗ୍ରାଇଣ୍ଡିଂ ପାଇବା ପାଇଁ ଦୈନନ୍ଦିନ ଜଞ୍ଜାଳ ହ୍ରାସ କରି ଏକାସାଙ୍ଗରେ ଆପଣଙ୍କ ସମୟ ଏବଂ ଶକ୍ତି ସଞ୍ଚୟ କରିବା ପାଇଁ ଏହାକୁ କାରିଗରୀ କରା ଯାଇଛିଛ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଏବଂ ସମୟ ଅଭାବୀ ଜୀବନ ଶୈଳୀର ପ୍ରାବଲ୍ୟତା ବଢିବା ଯୋଗୁଁ କାର୍ଯ୍ୟକୁ ସରଳ କରିବା ଏବଂ ସମୟ ସଞ୍ଚୟ କରୁଥିବା ଉତ୍ପାଦ ପାଇଁ ଚାହିଦା ବଢି ଚାଲିଛି । ସ୍ୱାଦିଷ୍ଟ ମସଲା ତିଆରି କରନ୍ତୁ କିମ୍ବା ଅତିଥିମାନଙ୍କ ପାଇଁ ଶୀଘ୍ର ଭୋଜନ ପ୍ରସ୍ତୁତ କରନ୍ତୁ ।


## ଇଣ୍ଡୋ-ଆମେରିକାନ୍ ଆର୍ଟସ୍ କାଉନସିଲ୍ ସାହିତ୍ୟ ମହୋତ୍ସବରେ

# ଓଡ଼ିଆ ସିନେମା ପୁସ୍ତକ 'ଅଫ୍ ରିଲ୍ସ, ରୋମାନ୍ସ ଏଣ୍ଡ ରିଟେକ୍ସ-ସୋସିଆଲ୍ ନେରେଟିଭ୍ସ ଅଫ୍ ସିନେମା ଇନ୍ ଓଡ଼ିଶା'

ଭୁବନେଶ୍ୱର (ସବ୍ୟୁ): ନଭେମ୍ବର ୯ ଓ ୧୦ ତାରିଖରେ ଆମେରିକାର ନ୍ୟୁୟର୍କ ସହରରେ ଅନୁଷ୍ଠିତ ହେବାକୁ ଥିବା ଇଣ୍ଡୋ-ଆମେରିକାନ୍ ଆର୍ଟସ୍ କାଉନସିଲ୍ (ଆଇଏଏସି)ର ୨୦୨୪ ସାହିତ୍ୟ ମହୋତ୍ସବରେ ଲେଖକ ତଥା ଭାଷ୍ୟକାର ସଂଜୟ ପଟ୍ଟନାୟକଙ୍କ ପୁସ୍ତକ 'ଅଫ୍ ରିଲ୍ସ, ରୋମାନ୍ସ ଏଣ୍ଡ୍ ରିଟେକ୍ସ - ସୋସିଆଲ୍ ନେରେଟିଭ୍ସ ଅଫ୍ ସିନେମା ଇନ୍ ଓଡ଼ିଶା' ଅନ୍ୟତମ ଆକର୍ଷଣ ହେବ ।

ନ୍ୟୁୟର୍କସ୍ଥିତ ଆଇଏଏସି ଏସୀୟ ଭାରତୀୟ କଳା ଏବଂ କଳାକାରଙ୍କୁ ପ୍ରୋତ୍ସାହନ କରିବା ଏବଂ ସେମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ କାର୍ଯ୍ୟ କରିଥାଏ । ସାହିତ୍ୟ ଓ ଲୋକକଳା ସମେତ ପରଫର୍ମିଂ ଆର୍ଟ ଉପରେ ଏହି ପରିଷଦ ଫୋକସ୍ କରିଥାଏ । ଏହି ସାହିତ୍ୟ ମହୋତ୍ସବ ଭାରତୀୟ - ଆମେରିକୀୟ କଳା ଏବଂ ସଂସ୍କୃତି




ଉପରେ ଏକ ଅଗ୍ରଣୀ କାର୍ଯ୍ୟକ୍ରମ ଅଟେ ଏବଂ ଏହି ପୁସ୍ତକର ଅନନ୍ୟ ଦୃଷ୍ଟିକୋଣ ଏହି କାର୍ଯ୍ୟକ୍ରମକୁ ଅଧିକ ସମୃଦ୍ଧ କରିବ ବୋଲି ଆଶା କରାଯାଉଛି । ଏହି ମହୋତ୍ସବ ପ୍ରତିଷ୍ଠିତ ଏବଂ ଉଦୀୟମାନ ଲେଖକମାନଙ୍କୁ ଉତ୍ସାହୀ କଳା ଏବଂ ସାହିତ୍ୟପ୍ରେମୀ ମାନଙ୍କ ସହ ଜଡ଼ିତ କରିବା ଏବଂ ସାଥୀ ସାହିତ୍ୟିକ କଳାକାରଙ୍କ ସହ ଯୋଡ଼ି ହେବା ପାଇଁ ଏକ ମଞ୍ଚ ପ୍ରଦାନ କରି ଆସୁଛି ଅତୀତରେ ଏହି ସାହିତ୍ୟ ମହୋତ୍ସବରେ ଦଲାଇ ଲାମା, ନୋବେଲ ପୁରସ୍କାର ବିଜେତା ପ୍ରଫେସର ଅମର୍ତ୍ୟ ସେନ, ଇନ୍ଦିରା ନୁୟୀ, ମଧୁର ଜାଫରୀ, ନୋବେଲ ଶାନ୍ତି ପୁରସ୍କାର ବିଜେତା ଡ. କୈଳାସ ସତ୍ୟାର୍ଥୀ, ସାଂସଦ ଡ. ଶଶି ଥରୁର, ଚନ୍ଦ୍ରିକା ଟଣ୍ଡନ ଏବଂ ରାମଚନ୍ଦ୍ର ଗୁହାଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କୁ ସାମିଲ ହୋଇଛନ୍ତି ।

### ଜାତିସଂଘରେ ସ୍ଥାୟୀ ସଦସ୍ୟତା

# ଭାରତ ସପକ୍ଷରେ ଫ୍ରାନ୍ସ ରାଷ୍ଟ୍ରପତି

**ଜାତିସଂଘ:** ମିଳିତ ଜାତିସଂଘ ସୁରକ୍ଷା ପରିଷଦ(ୟୁଏନଏସସି)ରେ ଭାରତକୁ ସ୍ଥାୟୀ ସଦସ୍ୟ କରାଯାଉ ବୋଲି କହିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରନ । ମିଳିତ ଜାତିସଂଘ ସୁରକ୍ଷା ପରିଷଦର ପରିସରକୁ ବିସ୍ତାର କରିବା ସମ୍ପର୍କରେ ମତ ରଖି ମାକ୍ରନ ଭାରତକୁ ୟୁଏନଏସସିର ସ୍ଥାୟୀ ସଦସ୍ୟତା ମିଳୁ ବୋଲି କହିଛନ୍ତି । ମିଳିତ ଜାତିସଂଘର ସାଧାରଣ ମହାସଭାକୁ ସମ୍ବୋଧନ କରି ମାକରନ କହିଛନ୍ତି, ବର୍ତ୍ତମାନ ବିଶ୍ୱରେ ଅନେକ ପରିବର୍ତ୍ତନ ହେଉଛି । ଏହାକୁ ଦୃଷ୍ଟିରେ ରଖି ୟୁଏନଏସସିର ମଧ୍ୟ ବିସ୍ତାର ହେବା ଦରକାର ।ଏହାର ସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି କରାଯାଉ । ଫ୍ରାନ୍ସ ଏହା ସମର୍ଥନରେ



ରହିଛି । ଜର୍ମାନୀ, ଜାପାନ, ଭାରତ ଓ ବ୍ରାଜିଲ ଭଳି ଦେଶକୁ ୟୁଏନଏସସିର ସ୍ଥାୟୀ ସଦସ୍ୟତା ମାନ୍ୟତା ମିଳିବା ଦରକାର ।ଏହା ବାଦ ଦୁଇ ଆଫ୍ରିକା ଦେଶର ପ୍ରତିନିଧି ମଧ୍ୟ ଏଠାରେ ରହିବା ଦରକାର । ୟୁଏନଏସସିର କାର୍ଯ୍ୟ ଶୈଳୀକୁ ବଦଳାଇବାକୁ ପଡ଼ିବ । ସାମୂହିକ ଅପରାଧ ବେଳେ ଭିଟୋ ପ୍ରୟୋଗ କରିବାର ଅଧିକାରର ସୀମା ନିର୍ଦ୍ଧାରଣ ହେବା ଉଚିତ । ଶାନ୍ତି ପ୍ରତିଷ୍ଠା ପାଇଁ ୟୁଏନଏସସି ଅଧିକ ଗୁରୁତ୍ୱ ଦେବା ସପକ୍ଷରେ ମାକ୍ରନ ମତ ରଖିଛନ୍ତ । ୟୁକ୍ରେନ ଓ ଗାଜାରେ ଚାଲିଥିବା ଯୁଦ୍ଧକୁ ରୋକିବାରେ ମିଳିତ ଜାତିସଂଘ ବିଫଳ ହୋଇଥିବା ବେଳେ ଏଥିରେ ସଂସ୍କାର ଆଣିବା ପାଇଁ ବର୍ତ୍ତମାନ ସ୍ୱର ଉଠିବାରେ ଲାଗିଛି ।

## କର୍ଣ୍ଣାଟକରେ ସିବିଆଇ ପ୍ରବେଶକୁ ବାରଣ

**ବେଙ୍ଗାଲୁରୁ:** ରାଜ୍ୟରେ ସିବିଆଇର ଅନାୟସ ପ୍ରବେଶ ଓ ତଦନ୍ତ ଉପରେ କଟକଣା ଜାରି କରିଛନ୍ତି କର୍ଣ୍ଣାଟକ ସରକାର । ଏଣିକି କୌଣସି ସରକାରୀ କାମରେ ସିବିଆଇ ଅଧିକାରୀ ଯଦି କର୍ଣ୍ଣାଟକ ସୀମାରେ ପ୍ରବେଶ କରନ୍ତି, ତା'ହେଲେ ଏଥିପାଇଁ ରାଜ୍ୟ ସରକାରଙ୍କ ଅନୁମତି ନେବାକୁ ପଡ଼ିବ । ସିବିଆଇ ପ୍ରବେଶ ନେଇ ରହିଥିବା ସହମତି ପ୍ରଦାନ ବ୍ୟବସ୍ଥାକୁ କର୍ଣ୍ଣାଟକ ସରକାର ପ୍ରତ୍ୟାହାର କରି ନେଇଥିବା ଆଇନ ମନ୍ତ୍ରୀ ଏଚକେ ପାଟିଲ ସୂଚନା ଦେଇଛନ୍ତି ।ଆଇନ ମନ୍ତ୍ରୀ ପାଟିଲଙ୍କ କହିବା କଥା ଯେ ସିବିଆଇ ପକ୍ଷପାତିତା କରୁଛି । ତେଣୁ ରାଜ୍ୟରେ ସିବିଆଇ ତଦନ୍ତ ପାଇଁ ଥିବା ଖୋଲା ସହମତିକୁ ସରକାର ପ୍ରତ୍ୟାହାର କରି ନେଇଛନ୍ତି । ସିବିଆଇର ଅପବ୍ୟବହାର କରାଯାଉଥିବା ନେଇ ଆମେ ଆମର ଚିନ୍ତା ବ୍ୟକ୍ତି କରୁଛୁ । ସେମାନେ ପକ୍ଷପାତିତା କରୁଛନ୍ତି । ଏଥିପାଇଁ ସହମତି ପ୍ରତ୍ୟାହାର କରାଯାଇଛି ।ଏହା ମୁଦା ପ୍ରସଙ୍ଗ ପାଇଁ ନୁହେଁ । ଆମେ ସିବିଆଇକୁ ଅନେକ ମାମଲା ପଠାଇଛୁ ।କିନ୍ତୁ ସେମାନେ ଚାର୍ଜଶିଟ ଫାଇଲ କରୁ ନାହାନ୍ତି । କେବଳ ମାମଲାକୁ ପକାଇ ରଖିଛନ୍ତି । ଆମେ ପଠାଇଥିବା ମାମଲା ଗୁଡ଼ିକର ତଦନ୍ତ କରିବାକୁ ମଧ୍ୟ ସେମାନେ ମନା କରୁଛନ୍ତି । ଏପରି ଅନେକ ଘଟଣା ରହିଛି ବୋଲି ସେ କହିଛନ୍ତି । ବିରୋଧୀ ଦଳର ନେତାଙ୍କୁ ଟାର୍ଗେଟ କରିବା ପାଇଁ କେନ୍ଦ୍ରର କ୍ଷମତାସୀନ ବିଜେପି ସରକାର ସିବିଆଇକୁ ବ୍ୟବହାର କରୁଥିବା ଅଭିଯୋଗ ହୋଇ ଆସୁଛି । ନିକଟରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ମଧ୍ୟ ମୁଦା ଦୁର୍ନୀତିରେ ଫସିଛନ୍ତି ।ଏହାର ଲୋକାୟୁକ୍ତ ତଦନ୍ତ ଆରମ୍ଭ ହୋଇଥିବେ ବେଳେ ସିବିଆଇ ଏଥିରେ ପଶିବାର ଆଶଙ୍କା ରହିଛି । ସମ୍ଭବତଃ ଏହି କାରଣ ପାଇଁ କର୍ଣ୍ଣାଟକ ସରକାର ସିବିଆଇ ଉପରେ କଟକଣା ଲଗାଇ ଥିବା କୁହାଯାଉଛି ।




## ପାକିସ୍ତାନରେ ଶିଆ-ସୁନ୍ନି ମୁସଲିମ ସଙ୍ଘର୍ଷ, ୨୫ ମୃତ



**ଇସଲାମାବାଦ:**ପାକିସ୍ତାନର ଉତ୍ତର-ପଶ୍ଚିମ ଖାଇବର ପଖତନଖ୍ୱାରେ ଦୀର୍ଘ ଦିନ ଧରି ଶିଆ ଏବଂ ସୁନ୍ନି ମୁସଲିମଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ପୁଣି ଥରେ ମୁଣ୍ଡ ଟେକିଛି । ଦୁଇ ଗୋଷ୍ଠୀ ମଧ୍ୟରେ ସଙ୍ଘର୍ଷ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।ଏହି ହିଂସାରେ ଉଭୟ ପକ୍ଷରୁ ପ୍ରାୟ ୧୦ ହଜାରରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚେଷ୍ଟା କରାଯାଉଥିବା ଖାଇବର ପଖତନଖ୍ୱାଆରେ ଆଇନ ମନ୍ତ୍ରୀ ଅଫତାବ ଆଲମ କହିଛନ୍ତି । ସୂଚନା ଅନୁସାରେ, ଏହି ଅଞ୍ଚଳରେ ଜମିଜମା ବିବାଦକୁ ନେଇ ସୁନ୍ନି ଏବଂ ଶିଆ ସମ୍ପ୍ରଦାୟ ମଧ୍ୟରେ ବିବାଦ ଲାଗି ରହିଛି । ଚଳିତ ବର୍ଷ ଜୁଲାଇରେ ମଧ୍ୟ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରବଳ ହିଂସା ଦେଖିବାକୁ ମିଳିଥିଲା ।ଏଥିରେ ୫୦ ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଥିଲେ । କିଛି ଦିନର ବିରତି ପରେ ପୁଣି ଥରେ ହିଂସା ପରିସ୍ଥିତି ସୃଷ୍ଟି ହୋଇଛି । ହଜାର ହଜାର ସଂଖ୍ୟକ ମହିଳା ଓ ପୁରୁଷ ରାସ୍ତାକୁ ଓହ୍ଲାଇ ଆକ୍ରମଣ କରିଛନ୍ତି । ଏଥିରେ ୨୫ ଜଣଙ୍କ ମୃତ୍ୟୁ ଘଟି ଥିବାବେଳେ ଅନେକ ଲୋକ ଆହତ ହୋଇଛନ୍ତି । ଖାଇବର ପଖତନଖ୍ୱାର ଆଇନ ମନ୍ତ୍ରୀ କହିଛନ୍ତି, ସଙ୍ଘର୍ଷରେ କିଛି ଲୋକେ ଇରାନରେ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି ।

# ଭାରତକୁ ମିଳିଲା ପରମରୁଦ୍ର ସୁପର କମ୍ପ୍ୟୁଟର

### ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ଟି ପରମ ରୁଦ୍ର ସୁପରକମ୍ପ୍ୟୁଟିଂ ସିଷ୍ଟମ ଏବଂ ପାଣିପାଗ ଓ ଜଳବାୟୁ ପାଇଁ ଏକ ହାଇ ପରଫର୍ମାନ୍ସ କମ୍ପ୍ୟୁଟିଂ ସିଷ୍ଟମର ଉଦଘାଟନ କରିଛନ୍ତି । ଏହି ଅବସରରେ ମୋଦୀ କହିଛନ୍ତି ଯେ ସୁପର କମ୍ପ୍ୟୁଟର ନିର୍ମାଣ କ୍ଷେତ୍ରରେ ଭାରତ ଏବେ ବିଶ୍ୱର ଏକ ଅଗ୍ରଣୀ ଦେଶ । ଦେଶରେ ୨୦୧୫ରେ ନ୍ୟାସନାଲ ସୁପର କମ୍ପ୍ୟୁଟିଂ ମିସନ ଆରମ୍ଭ ହୋଇଥିଲା । ଆମେ ଏଠାରେ ନ ଅଟକି, କ୍ୱାଣ୍ଟମ କମ୍ପ୍ୟୁଟି କ୍ଷେତ୍ରରେ ବି ଦେଶ କମ କରୁଛି । ଏ କ୍ଷେତ୍ରରେ ନ୍ୟାସନାଲ କ୍ୱାଣ୍ଟମ କମ୍ପ୍ୟୁଟିଂ ମିସନ ସହାୟକ ହେବ ।




ଟେକନଲୋଜୀ କ୍ଷେତ୍ରରେ ଦେଶର ବିକାଶ ଦେଶର ସାଧାରଣ ଲୋକଙ୍କ ବିକାଶକୁ ବିରାନ୍ୱିତ କରିବ ବୋଲି ସେ କହିଛନ୍ତି । ଏହି ସୁପର କମ୍ପ୍ୟୁଟର ଅତ୍ୟନ୍ତ ଦ୍ରୁତ ଏବଂ ଶକ୍ତିଶାଳୀ କମ୍ପ୍ୟୁଟର ଅଟନ୍ତି । ସେଗୁଡ଼ିକ ଖୁବ୍ କମ୍ ସମୟ ମଧ୍ୟରେ ଜଟିଳ ଗଣନା ସମ୍ପୂର୍ଣ୍ଣ କରିଥାନ୍ତି । ଏକ ସୁପର କମ୍ପ୍ୟୁଟର ଏକାଥରକେ ଏତେ ପରିମାଣର ଡାଟା ପ୍ରୋସେସ୍ କରିପାରେ ଯେ ସାଧାରଣ କମ୍ପ୍ୟୁଟର କଳ୍ପନା ମଧ୍ୟ କରିପାରିବ ନାହିଁ । ବୈଜ୍ଞାନିକ ଏବଂ ଗବେଷଣା ଉଦ୍ଦେଶ୍ୟରେ ଏହି ସୁପର କମ୍ପ୍ୟୁଟର ବ୍ୟବହାର କରାଯାଏ । ଏହି ୩ଟି ସୁପର କମ୍ପ୍ୟୁଟରକୁ ପୁଣେ, ଦିଲ୍ଲୀ ଓ କୋଲକାତାରେ ଲଗାଯିବ । ଏହି କମ୍ପ୍ୟୁଟର ଗୁଡ଼ିକରେ ଅତ୍ୟାଧୁନିକ ଅତ୍ୟାଧୁନିକ ହାର୍ଡୱେର୍ ଏବଂ ସଫ୍ଟୱେର ଟେକ୍ନୋଲୋଜି ବ୍ୟବହାର କରାଯାଇଛି । ଏହାର ଅଧିକାଂଶ ଉପାଦାନ ଭାରତରେ ଉତ୍ପାଦନ ଓ ଆସେମ୍ବଲ୍ କରାଯାଇଛି । ଏକ ସୁପର କମ୍ପ୍ୟୁଟର ସେହି କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିପାରିବ ଯାହା ନିୟମିତ କମ୍ପ୍ୟୁଟର ପାଇଁ ୫୦୦ ବର୍ଷ ସମୟ ନେବ ।

## ଆମେରିକା ପୁରସ୍କାର ନେବାକୁ ମନା କଲେ ଝୁମ୍ପା ଲାହିଡି

**ୱଶିଂଟନ:** ନ୍ୟୁୟର୍କର ନୋଗୁଚି ମ୍ୟୁଜିୟମ (ସଂଗ୍ରହାଳୟ)ର ଆୱାର୍ଡ ନେବାକୁ ମନା କରି ଦେଇଛନ୍ତି ପ୍ରସିଦ୍ଧ ଇଂରାଜୀ ଲେଖିକା ଭାରତୀୟ ବଂଶୋଦ୍ଭବ ଝୁମ୍ପା ଲାହିଡ଼ି ।ପାଲେଷ୍ଟିନୀୟ ପୋଷାକ କେଫିୟେହ ପିନ୍ଧିବାକୁ ନେଇ ମ୍ୟୁଜିୟମ ତିନି ଜଣ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରିଥିବାରୁ ସେ ଏହି ସମ୍ମାନଜନକ ପୁରସ୍କାର ନେବାକୁ ସିଧା ସିଧା ମନାକରି ଦେଇଛନ୍ତି । ନିକଟରେ ନ୍ୟୁୟର୍କ ସିଟିର ନୋଗୁଚି ମ୍ୟୁଜିୟମ କର୍ମଚାରୀଙ୍କ ଡ୍ରେସ୍ କୋଡ ଉପରେ ଏକ କଟକଣା ଜାରି କରିଥିଲା । ମ୍ୟୁଜିୟମକୁ କେଫିୟେହ (ଆରବ ଦେଶରେ ପୁରୁଷମାନେ ପିନ୍ଧୁଥିବା ପଗଡ଼ି)କୁ ବାରଣ କରିଥିଲା । କୌଣସି କର୍ମଚାରୀ ଏହି କେଫିୟେହ ପିନ୍ଧି ଆସିବେ ନାହିଁ ବୋଲି ମ୍ୟୁଜିୟମ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଥିଲା । ଗାଜାରେ ଚାଲିଥିବା ପାଲେଷ୍ଟାଇନ ଏବଂ ଇସ୍ରାଏଲ ବିବାଦକୁ ନେଇ ଏପରି ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଏହି ନିୟମ ଘୋଷଣା ହେବା ପରେ ମଧ୍ୟ ତିନି ଜଣ କେଫିୟେହ ପିନ୍ଧି ମ୍ୟୁଜିୟମକୁ ଆସିଥିଲେ । ତେଣୁ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା । ଏହି ପ୍ରସଙ୍ଗକୁ ନେଇ ପ୍ରସିଦ୍ଧ ଇଂରାଜୀ ଲେଖିକା ଭାରତୀୟ ବଂଶୋଦ୍ଭବ ଝୁମ୍ପା ଲାହିଡ଼ି ନୋଗୁଚି ମ୍ୟୁଜିୟମର ପୁରସ୍କାର ଗ୍ରହଣ କରିବାକୁ ମନା କରି ଦେଇଛନ୍ତି । ଏହାକୁ ନେଇ ସଂଗ୍ରହାଳୟ ପକ୍ଷରୁ କୁହାଯାଇଛି, ଲେଖିକା ଝୁମ୍ପା ଲାହିଡି ଇସାମୁ ନୋଗୁଚି ଆୱାର୍ଡ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି । ମ୍ୟୁଜିୟମର ନୂତନ ଡ୍ରେସ୍ କୋଡ଼ ନୀତିକୁ ନେଇ ସେ ଏହି ନିଷ୍ପତ୍ତି ନେଇଛନ୍ତି । ଆମେ ତାଙ୍କ ନିଷ୍ପତ୍ତିକୁ ସମ୍ମାନ କରୁଛୁ । କିନ୍ତୁ କେଫିୟହ ଆମ ନୂତନ ଡ୍ରେସ୍ କୋଡ଼ରେ ନାହିଁ ।ଝୁମ୍ପା ଲାହିଡି ବାସ୍ତବରେ ଜଣେ ପ୍ରବାସୀ ବଙ୍ଗୀୟ ଭାରତୀୟ ପରିବାରର ଝିଅ । ତାଙ୍କୁ ତିନି ବର୍ଷ ହୋଇ ଥିବାବେଳେ ତାଙ୍କ ପରିବାର ବେଙ୍ଗଲରୁ ଆମେରିକା ଯାଇଥିଲେ ।

## 'ବିଧବାଙ୍କ ମେକ୍ ଅପ୍': ଜଜ୍‌ଙ୍କ ମନ୍ତବ୍ୟ ଉପରେ ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ବୁଧବାର ସୁପ୍ରିମକୋର୍ଟ ପାଟନା ହାଇକୋର୍ଟଙ୍କୁ ତାଗିଦ କରିଛନ୍ତି । ଜଣେ ବିଧବାଙ୍କ ଉପରେ ହାଇକୋର୍ଟଙ୍କ ମନ୍ତବ୍ୟକୁ ଅତ୍ୟନ୍ତ ଆପତ୍ତିଜନକ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ନିକଟରେ ପାଟନା ହାଇକୋର୍ଟରେ ଜଣେ ମହିଳାଙ୍କ ହତ୍ୟା ମାମଲାକୁ ନେଇ ଶୁଣାଣି ହୋଇଥିଲା । ପୀଡ଼ିତାଙ୍କ ଘରୁ ମେକ୍ଅପ୍ ସାମଗ୍ରୀ ମିଳିବାକୁ ନେଇ ଶୁଣାଣି ସମୟରେ ହାଇକୋର୍ଟ କହିଥିଲେ ଯେ ଜଣେ ବିଧବା ମହିଳାଙ୍କ ପାଇଁ ମେକ୍ ଅପ୍ ଆବଶ୍ୟକ ନାହିଁ । ଏହି ମନ୍ତବ୍ୟ ଉପରେ ସୁପ୍ରିମକୋର୍ଟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।ଏହା ଅତ୍ୟନ୍ତ ଆପତ୍ତିଜନକ ବୋଲି କହିଛନ୍ତି । ଏଭଳି ମନ୍ତବ୍ୟ



ନ୍ୟାୟପାଳିକାଠାରୁ ଆଶା କରାଯାଉନଥିବା କହିଛନ୍ତି ସର୍ବୋଚ୍ଚ ଅଦାଲତ ।ଏଭଳି ମନ୍ତବ୍ୟ ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ପାଟନା ହାଇକୋର୍ଟଙ୍କୁ କହିଛନ୍ତି ସୁପ୍ରିମକୋର୍ଟ । ଜଷ୍ଟିସ ବେଲା ଏମ ତ୍ରିବେଦୀ ଏବଂ ସତ୍ୟେନ୍ଦ୍ର ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଏକ ବେଞ୍ଚ କହିଛନ୍ତି ଯେ ଏଭଳି ମନ୍ତବ୍ୟ ଆଇନ ଅନୁଯାୟୀ ଠିକ ନୁହେଁ । ଏହି ମନ୍ତବ୍ୟ କୌଣସି ପ୍ରମାଣ ଆଧାରରେ କରାଯାଇ ନାହିଁ ଏବଂ ବିଚାରପତିଙ୍କ ଏଭଳି ମନ୍ତବ୍ୟ ନ୍ୟାୟପାଳିକାର ସମ୍ବେଦନଶୀଳତା ଏବଂ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ମାମଲା ୧୯୮୫ର ଏକ ହତ୍ୟା ମାମଲା ସହିତ ଜଡ଼ିତ । ପାଟନାର ମୁଙ୍ଗେରରେ ଜଣେ ମହିଳାଙ୍କୁ ଅପହରଣ କରି ହତ୍ୟା କରାଯାଇଥିଲା । ପାଟନା ହାଇକୋର୍ଟ ଏହି ମାମଲାରେ ୫ ଜଣଙ୍କୁ ଦଣ୍ଡିତ କରିଥିବାବେଳେ ଦୁଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ସେହିପରି ଅନ୍ୟ ଦୁଇ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ । ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ଦାଖଲ ହୋଇଥିବା ଆବେଦନଗୁଡ଼ିକର ବୁଧବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲାଛ ସୁପ୍ରିମକୋର୍ଟ କହିଛନ୍ତି ଯେ ହାଇକୋର୍ଟ ପୀଡ଼ିତାଙ୍କ ଘରୁ ମିଳିଥିବା ମେକ୍ଅପ୍ ସାମଗ୍ରୀକୁ ସେ ସେଠାରେ ଥିବା ନେଇ ପ୍ରମାଣ ଭାବରେ ଗ୍ରହଣ କରିଥିଲେ । ଜଣେ ବିଧବା ମହିଳା ମଧ୍ୟ ସେହିଘରେ ରହୁଥିଲେ । ହାଇକୋର୍ଟ ଏହା ଉପରେ କହିଥିଲେ ଯେ ମେକ୍ ଅପ୍ ସାମଗ୍ରୀ ବିଧବା ମହିଳାଙ୍କର ହୋଇ ନଥିବ, କାରଣ ତାଙ୍କୁ ମେକ୍ଅପ୍ ଦରକାର ନାହିଁ ।ତେବେ ସୁପ୍ରିମକୋର୍ଟ ପାଟନା ହାଇକୋର୍ଟଙ୍କ ଏହି ଯୁକ୍ତିକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି । ପ୍ରମାଣ ଆଧାରରେ ଏହି ଯୁକ୍ତିକୁ ବିଚାର କରାଯାଇପାରିବ ନାହିଁ ବୋଲି କହିଛନ୍ତ । ଏଥିସହ ପ୍ରମାଣ ଅଭାବ ଥିବା ଦର୍ଶାଇ ସୁପ୍ରିମକୋର୍ଟ ସମସ୍ତ ୭ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରି ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ସଂସଦୀୟ ସ୍ଥାୟୀ କମିଟିରେ ଓଡ଼ିଶାରୁ ଦୁଇ ସାଂସଦ

ନୂଆଦିଲ୍ଲୀ,୨୬।୯ (ଏଜେନ୍ସି) :କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ ପାଇଁ ସଂସଦୀୟ ସ୍ଥାୟୀ କମିଟି ଗଠନ କରାଯାଇଛି । ଅର୍ଥ ବିଭାଗ ପାଇଁ ଗଠିତ କମିଟିରେ ରାଜ୍ୟସଭା ପାଇଁ ଗଠିତ କମିଟିରେ ଉଭୟ ଲୋକସଭା ଓ ରାଜ୍ୟସଭାରୁ ୩୧ ଜଣ ସଦସ୍ୟ ରହିଥିବା ବେଳେ ଓଡ଼ିଶାର ବିଜେପି ସଂସଦ ଭର୍ତ୍ତୃହରି ମହତାବ ଏହି କମିଟିର ଅଧ୍ୟକ୍ଷ ଅଛନ୍ତି । ସେହିପରି ଓଡ଼ିଶାର କଂଗ୍ରେସ ସାଂସଦ ସପ୍ତଗିରି ଉଲକା ମଧ୍ୟ ସଂସଦୀୟ ସ୍ଥାୟୀ କମିଟିର ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି ।

## ସଞ୍ଜୟ ରାଉତଙ୍କୁ ୧୫ ଦିନ ଜେଲ୍ ଦଣ୍ଡ

**ମୁମ୍ବାଇ:** ରାଜ୍ୟସଭା ସାଂସଦ ତଥା ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତଙ୍କୁ ୧୫ ଦିନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ସୁପ୍ରିମ୍‌କୋର୍ଟ । ପୂର୍ବତନ ବିଜେପି ସାଂସଦ କିରିତ ସୋମୟାଙ୍କ ପତ୍ନୀ ମେଧା ସୋମୟା ରୁଜୁ କରିଥିବା ମାନହାନୀ ମକଦ୍ଦମାରେ ଅଦାଲତ ସଞ୍ଜୟଙ୍କୁ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ମେଧା ସୋମୟା ହେଉଛନ୍ତି ମୁମ୍ବାଇର ରୁଇୟା କଲେଜର ଜୈବ ରସାୟନ ବିଜ୍ଞାନର ଅଧ୍ୟାପିକା । ମେଧା ସୋମାୟା ଓକିଲ ବିବକୋନନ୍ଦ ଗୁପ୍ତାଙ୍କ ଜରିଆରେ ଦାଖଲ କରିଥିବା ଏକ ଅଭିଯୋଗରେ ଦର୍ଶାଇଥିଲେ ଯେ ରାଉତ ସେ ଏବଂ ତାଙ୍କ ସ୍ୱାମୀଙ୍କ ବିରୋଧରେ ଭିତ୍ତିହୀନ ତଥା ସମ୍ପୂର୍ଣ୍ଣ ମିଥ୍ୟ ପ୍ରଚାର କରି ସେମାନଙ୍କୁ ବଦନାମ କରୁଛନ୍ତି ।

## କାରରୁ ପରିବାରର ୫ ଜଣଙ୍କ ମୃତଦେହ ଉଦ୍ଧାର

**ଚେନ୍ନାଇ:** ତାମିଲନାଡୁ ପୁଡୁକୋଟାଇ ଜିଲ୍ଲାର ତ୍ରିଚି-କରାଇକୁଡି ଜାତୀୟ ରାଜପଥ ନିକଟରେ ଏକ କାର୍ ଭିତରୁ ଉଦ୍ଧାର ହୋଇଛି ପାଞ୍ଚ ଜଣଙ୍କ ମୃତଦେହ । ସମସ୍ତ ମୃତକ ଗୋଟିଏ ପରିବାରର ହୋଇ ଥିବାବେଳେ କାରଟି ଘରଠାରୁ ୨୦୦ କିଲୋମିଟର ଦୂରରେ ପାର୍କିଂ ହୋଇଥିଲା ।ରିପୋର୍ଟ ମୁତାବକରାସ୍ତାକଡରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୋଟିଏ କାର୍ ରହିବା ଦେଖି ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ । କାର୍ ପାଖକୁ ଯାଇ ଦେଖନ୍ତି ତ, ପାଞ୍ଚ ଜଣ ମୃତ ଅବସ୍ଥାରେ ପଡିଥିବା ଜାଣିବାକୁ ପାଇଥିଲେ । ଏନେଇ ସେମାନେ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାଞ୍ଚ ଜଣଙ୍କ ମୃତଦେହ ଉଦ୍ଧାର କରିଛି ।ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁସାରେ, ମୃତକମାନେ ହେଉଛନ୍ତି ୫୦ ବର୍ଷୀୟ ବ୍ୟବସାୟୀ ମାଣିକନନ୍ଦନ, ତାଙ୍କ ପତ୍ନୀ ନିତ୍ୟା, ମାଆ ସରୋଜା ଏବଂ ସେମାନଙ୍କର ଦୁଇ ପିଲା । ମୃତଦେହ ଜବତ କରାଯାଇ ପୋଷ୍ଟମୋର୍ଟମ ପାଇଁ ପଠାଯାଇଛି ।ପ୍ରାଥମିକ ତଦନ୍ତରୁ ସେମାନେ ବିଷ ପିଇ ଆତ୍ମହତ୍ୟା କରିଥିବା




ସନ୍ଦେହ କରାଯାଉଛି । କାରରୁ ମଧ୍ୟ ଏକ ସୁଇସାଇଟ ନୋଟ୍ ଜବତ ହୋଇଛି । କିନ୍ତୁ ସେମାନଙ୍କ ଘର ସାଲେମରେ ହୋଇ ଥିବାବେଳେ ୨୦୦ କିଲୋମିଟର ଦୂରରେ ଥିବା କାରରୁ ମୃତଦେହ ମିଳିବା ପୁଲିସର ସନ୍ଦେହ ବଢାଇଛି । ସେପଟେ, ମାଣିକନନ୍ଦନ ଜଣେ ମେଟାଲ (ଧାତୁ) ବ୍ୟବସାୟ ଥିବା ଜଣାପଡିଛି । ସେ ଋଣ ଭାରରେ ଥିଲେ ବୋଲି ସ୍ଥାନୀୟ ଲୋକେ କହୁଛନ୍ତି । କିନ୍ତୁ ଆତ୍ମହତ୍ୟାର କାରଣ ଋଣ ଚାପ ନା ଅନ୍ୟକିଛି ସେନେଇ ସ୍ପଷ୍ଟ ହୋଇନାହିଁ । ପୁଲିସ ତଦନ୍ତ ପ୍ରକ୍ରିୟା ଜାରିରଖିଛି ।ତଦନ୍ତ ପରେ ଆତ୍ମହତ୍ୟାର ପ୍ରକୃତ କାରଣ ଜଣାପଡିବ ।

# ଅନ୍ ଲାଇନ୍ ଗେମିଂ: ଭାରତରୁ ୪୦୦ କୋଟି ଠକି ନେଲାଣି ଚୀନ୍

**ନୂଆଦିଲ୍ଲୀ:** ଏକ ଅନଲାଇନ୍ ଗେମିଂ ଆପ୍ ଉପରେ ଚଢାଉ କରି ୪୦୦ କୋଟି ଟଙ୍କା ଠକେଇର ପର୍ଦ୍ଦାଫାସ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)।ଏହି ଗେମିଂ ଆପରେ ଚୀନ୍ ନାଗରିକଙ୍କ ସମ୍ପୃକ୍ତି ଥିବା ମଧ୍ୟ ଜଣାପଡିଛି । ରିପୋର୍ଟ ଅନୁସାରେ, ଇଡି ଅନଲାଇନ୍ ଗେମିଂ ଆପ୍ ଫିୱିନ୍ ଉପରେ ଚଢାଉ କରିଥିଲା । ଏହି ଆପ୍ ସହ ଜଡ଼ିତ ଥିବା କେତେକ ଚୀନ୍ ନାଗରିକଙ୍କ ଆକାଉଣ୍ଟ ସହ ସେମାନଙ୍କ ଆକାଉଣ୍ଟରେ ଥିବା ପ୍ରାୟ ୨୫ କୋଟି ଟଙ୍କା ଅଚଳ କରାଯାଇଛି ।

ପୂର୍ବରୁ ଏହି ଠକେଇରେ ଚୀନ୍ ନାଗରିକଙ୍କୁ ସାହାଯ୍ୟ କରୁଥିବା ଅଭିଯୋଗରେ କୋଲକାତାର ଚାରି ଜଣ ନାଗରିକଙ୍କୁ ଗିରଫ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଅନଲାଇନ୍ ଆପ୍ ଠକାମି ନେଇ ଥାନାକୁ ଏକାଧିକ ମାମଲା ଆସିବା ପରେ ପୁଲିସ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ମାମଲା ହସ୍ତାନ୍ତର କରିଥିଲା । ଏହାପରେ ପୁଲିସ କୋଲକାତାର ଚାରି ଜଣଙ୍କୁ ଗିରଫ କରି




ଖୋଲତାଡ଼ ଆରମ୍ଭ କରିଥିଲା । ବିଶ୍ୱର ସର୍ବବୃହତ୍ତ କ୍ରିପ୍ଟୋକରେନ୍ସି ଏକ୍ସଚେଞ୍ଜ (ଅଦଳବଦଳ) କରୁଥିବା କମ୍ପାନୀ ବିନାନ୍ସ ର ସହାୟତାରେ ଏହି ତଦନ୍ତ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ବିନାନ୍ସର ରିପୋର୍ଟ ଅନୁସାରେ, ମିନି ଗେମ୍ ଖେଳିବା ଦ୍ୱାରା ଉପଭୋକ୍ତାମାନଙ୍କୁ ସହଜରେ ଟଙ୍କା ରୋଜଗାରର ସୁଯୋଗ ଦେଇ ଠକେଇ କରୁଥିଲା ଫିୱିନ୍ । ୟୁଜର୍ ଆପର ଆକାଉଣ୍ଟ ଖୋଲିବା ମାତ୍ରେ ଏହାର ଗେମିଂ ପ୍ରକ୍ରିୟାରେ ସାମିଲ ହୁଅନ୍ତି ।ଏହାପରେ ଗେମରୁ ରୋଜଗାର କରୁଥିବା ଟଙ୍କା ସେମାନଙ୍କ ଆକାଉଣ୍ଟରେ ଜମା ହୁଏ । ଯେତେବେଳେ ଆକାଉଣ୍ଟରେ ମୋଟା ଅଙ୍କର ଅର୍ଥ ଜମା ହୋଇଯାଏ, ସେତେବେଳେ ତୁରନ୍ତ ସେମାନଙ୍କ ଆକାଉଣ୍ଟ ହ୍ୟାକ୍ ହୋଇଯାଏ । ବ୍ୟବହାରକାରୀମାନେ ସେମାନଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ପାରନ୍ତି ନାହିଁ । ଏହାପରେ ଏହି ସବୁ ଟଙ୍କା ବିଭିନ୍ନ କ୍ରିପ୍ଟୋକରେନ୍ସି ଆଡ୍ରେସକୁ ଟ୍ରାନ୍ସଫର ହୋଇଥାଏ । ଏହି ଉପାୟରେ ଆପ୍ ଭାରତରୁ ପ୍ରାୟ ୪୦୦ କୋଟି ଟଙ୍କା ଲୁଟ୍ କରିଥିବା ଇଡି ତଦନ୍ତରୁ ଜଣାପଡିଛି । ଏଥିରେ ଚୀନ୍ ନାଗରିକଙ୍କ ସମ୍ପୃକ୍ତି ଥିବା ମଧ୍ୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଜାଣିବାକୁ ପାଇଛି ।

## ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍




# ସୁରଟ୍ ଲଢ଼େଇ ପାଇଁ ସୂର୍ଯ୍ୟସ୍ ପ୍ରସ୍ତୁତ

ଭୁବନେଶ୍ୱର,୨୬ା୯ (ସବ୍ୟୁ): ଲିଜେଣ୍ଟସ୍ ଲିଗ୍ କ୍ରିକେଟ୍ ଜାରି ରହିଛି । ନୂଆ କରି ତୃତୀୟ ସଂସ୍କରଣରେ ସାମିଲ ହୋଇଥିବା କୋଣାର୍କ ସୂର୍ଯ୍ୟସ୍ ଓଡ଼ିଶା ଦଳ ପଦାର୍ପଣରେ ଡିଫେଣ୍ଡିଂ ଚାମ୍ପିଅନ୍ ମଣିପାଳକୁ ଧରାଶାୟୀ କରି ଅଭିଯାନ ଆରମ୍ଭ କରିଥିଲା । ଏହି ଧାରା ଆଗକୁ ଜାରି ରଖିବା ପାଇଁ ୟୁସୁଫ ପଠାଣଙ୍କ ନେତୃତ୍ୱରେ ସୂର୍ଯ୍ୟସ୍ ସୁରଟରେ ପ୍ରସ୍ତୁତ ହୋଇଛି । ପୁଣିଥରେ ମଣିପାଳ ଟାଇଗର୍ସକୁ କଡା ଟକ୍କର ଦେବ କୋଣାର୍କ ସୂର୍ଯ୍ୟସ । ତେବେ ଏହି ମ୍ୟାଚରେ ବର୍ଷାବାଧକ ସାଜିବାର ସମ୍ଭାବନା ରହିଛି । କାରଣ ବିଗତ ୩ ଦିନ ହେବ ସୁରଟରେ ବିକ୍ଷିପ୍ତ ବର୍ଷା ଜାରି ରହିଛି । ଏପରିକି ମ୍ୟାଚର ପୂର୍ବ ଦିନ ପ୍ରବଳ ବର୍ଷା ଯୋଗୁଁ ଉଭୟ ଦଳର ନେଟ୍ ଅଭ୍ୟାସ ବାଧାପ୍ରାପ୍ତ ହୋଇଥିଲା । ତଥାପି ପୂର୍ବ ପ୍ରସ୍ତୁତି ଅନୁଯାୟୀ କୋଣାର୍କ ସୂର୍ଯ୍ୟସ୍ ଦଳ ମଣିପାଳ ଟାଇଗର୍ସକୁ ଟକ୍କର ଦେବା ପାଇଁ ପ୍ରସ୍ତୁତ ଅଛି ।

ପ୍ରଥମ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ୨ ରନ୍‌ରେ ମଣିପାଳକୁ ହରାଇଥିଲା । ପରାଜୟରୁ ଅଭିଯାନ ଆରମ୍ଭ କରିଥିବା ମଣିପାଳ ବିଜୟଧାରାକୁ ଫେରିବାକୁ ଚାହିଁବ । ପ୍ରଥମ ମ୍ୟାଚ ଖେଳାଯାଇଥିବା ପିଚ ଧୀମା ଥିଲା । ଏବଂ ବୋଲରଙ୍କୁ ସୁହାଉଥିଲା । ଫଳରେ କୋଣାର୍କ ସୂର୍ଯ୍ୟସ ବଡ଼ ସ୍କୋର ନକରି ମଧ୍ୟ ବିଜୟୀ ହୋଇଥିଲା । ଆଗକୁ ଦଳ ବଡ଼ ସ୍କୋର କରିବା ଲକ୍ଷ୍ୟରେ ରହିବ । ରସ୍ ଟେଲର, ଇର୍ଫାନ ପଠାଣ, ଜେସି ରାଇଡରଙ୍କ ଉପରେ ଗୁରୁଦାୟିତ୍ୱ ରହିବ । ଓଡ଼ିଶାର ପୂର୍ବତନ ରଣଜୀ ଖେଳାଳି ନଟରାଜ ବେହେରା ଏହି ମ୍ୟାଚ ଖେଳିପାରନ୍ତି । ଅବଶ୍ୟ ଏହା ସମ୍ପୂର୍ଣ୍ଣ ଭାବେ ସ୍ପଷ୍ଟ ହୋଇନାହିଁ । ତଥାପି ଆଶା ଅଛି କୋଣାର୍କ ସୂର୍ଯ୍ୟସ୍ ନଟରାଜଙ୍କୁ ସୁରଟରେ ସୁଯୋଗ ଦେଇପାରେ ।

ଏହି ମ୍ୟାଚ ଭାରତୀୟ ସମୟ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ । ସୂର୍ଯ୍ୟସ ଗୋଟିଏ ମ୍ୟାଚରୁ ଦୁଇ ପଏଣ୍ଟ ସହ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଥିବା ବେଳେ ମଣିପାଳ ଟାଇଗର୍ସ ପଞ୍ଚମ ସ୍ଥାନ ସହ ପ୍ରଥମ ବିଜୟଲକ୍ଷ୍ୟରେ ରହିଛି ।

### ଯୁବ ଖେଳାଳିଙ୍କୁ ଉତ୍ସାହିତ କରୁଛି ଏଲ୍ଏଲ୍ସି

ଭାରତର ପୂର୍ବତନ ବିସ୍ଫୋରକ ବ୍ୟାଟର ୟୁସୁଫ ପଠାନ ଲିଜେଣ୍ଟସ୍ ଲିଗ୍ କ୍ରିକେଟ୍‌ରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ପକ୍ଷରୁ ଖେଳୁଛନ୍ତି । ଚଳିତ ସଂସ୍କରଣରେ କୋଣାର୍କ ସୂର୍ଯ୍ୟସ ତାର ପ୍ରଥମ ମ୍ୟାଚରେ ମଣିପାଲ ଟାଇଗର୍ସକୁ ହରାଇ ଅଭିଯାନ ଆରମ୍ଭ କରିଛି । ଲିଜେଣ୍ଟସ୍ ଲିଗ୍ ଯୁବ ଖେଳାଳିଙ୍କୁ ଆକୃଷ୍ଟ କରିବ ବୋଲି ୟୁସୁଫ କହିଛନ୍ତି । ୨୦୦୭ରେ ସେ ଅନ୍ତର୍ଜାତୀୟ ଟି-୨୦ରେ ପଦାର୍ପଣ କରିଥିଲେ । ଆମେ ବିଶ୍ୱକପ୍ ଜିତିଥିଲୁ । ଏହା ମଧ୍ୟରେ ୧୭ ବର୍ଷ ବିତିଗଲାଣି । ଟି-୨୦ ଫର୍ମାଟରେ ଅନେକ ପରିବର୍ତ୍ତନ ହୋଇସାରିଛି । ସେ ସମୟରେ ଏହା କିପରି ଖେଳାଯିବ ଆମେ ଭଲ ଭାବେ ଜାଣିନଥିଲୁ । ତଥାପି ଟାଇଟଲ ଜିତିଥିଲୁ ବୋଲି ୟୁସୁଫ କହିଛନ୍ତି । ୨୦୦୭ ପରଠାରୁ ଏହି ଫର୍ମାଟ ପ୍ରତି ଯୁବ ପୀଢ଼ୀ ବେଶ ଆକୃଷ୍ଟ ହୋଇଥିଲେ । ଆମେ ଏକ ବେଞ୍ଚମାର୍କ ସ୍ଥାପନ କରିଥିଲୁ । ଲିଜେଣ୍ଟସ୍ ଲିଗ୍ ଖେଳୁଥିବା ଅନେକ ଖେଳାଳି ଅନ୍ତର୍ଜାତୀୟସ୍ତରରେ ନିଜ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି । ପରିଣତ ବୟସରେ କ୍ରିକେଟ୍ ପ୍ରତି କେତେ ଉତ୍ସର୍ଗକୃତ ଥିଲେ ତାହା ଏହି ଲିଗ୍‌ରୁ ପ୍ରମାଣିତ ହୋଇଛି । ଏବେ ଆମେ ଫିଟ୍ ରହିବା ପାଇଁ କଠିନ ପରିଶ୍ରମ କରୁଛୁ, ଓଡ଼ିଶା ଏକ ଦଳ ଗଠନ କରିବା ପ୍ରଶଂସକଙ୍କୁ ଉତ୍ସାହିତ କରିଛୁ । କୋଣାର୍କ ସୂର୍ଯ୍ୟସ ଓଡ଼ିଶା ନିଶ୍ଚିତ ଭାବେ ଭଲ ପ୍ରଦର୍ଶନ କରିବ । ଏହାର ମ୍ୟାନେଜମେଣ୍ଟ ଓଡ଼ିଶା ଲୋକ ଜାତୀୟସ୍ତରୀୟ ଦଳ ଗଠନ ପ୍ରଶଂସନୀୟ ପଦକ୍ଷେପ ବୋଲି ୟୁସୁଫ କହିଛନ୍ତି । ପ୍ରତ୍ୟେକ ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରି ଦଳକୁ ଜିତାଇବା ପାଇଁ ଉଦ୍ୟମ କରିବୁ ବୋଲି ପଠାନ ଆଶାବାଦୀ ଅଛନ୍ତି ।

ଜଣେ ଖେଳାଳି ଅବସର ନେବା ପରେ ପଡିଆରେ ଅଧିକ ପରିଶ୍ରମ କରନ୍ତି ନାହିଁ ଭାବିବା ଭୁଲ । ସେମାନେ ନିଜକୁ ଉତ୍ସାହିତ ଅଛନ୍ତି । ସମ୍ପୂର୍ଣ୍ଣ ଉତ୍ସାହର ସହ ଖେଳନ୍ତି । ଏହିପରି ଲିଗ୍‌ର ଅଂଶ ହେବା ପାଇଁ ଆମେ ନିଜକୁ ଫିଟ୍ ରଖୁ ବୋଲି ୟୁସୁଫ କହିଛନ୍ତି । ଆମେ ପ୍ରତ୍ୟେକ ମ୍ୟାଚରେ ଆମର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବୁ ବୋଲି ୟୁସୁଫ କହିଛନ୍ତି ।






## ଅବସର ନେବେ ସାକିବ

ନୂଆଦିଲ୍ଲୀ,୨୬ା୯ (ଏଜେନ୍ସି): ବାଂଲାଦେଶ କିମ୍ବଦନ୍ତୀ ଅଲରାଉଣ୍ଡର ସାକିବ ଅଲ୍ ହାସନ୍ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି । ଶୁକ୍ରବାର ଠାରୁ କାନପୁରରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଆରମ୍ଭ ହେବ । ଏହା ପୂର୍ବରୁ ସାକିବ ଅବସର ଘୋଷଣା କରିଛନ୍ତି । ଦ.ଆଫ୍ରିକା ବିପକ୍ଷ ମୀରପୁରରେ ସେ ତାଙ୍କ ଟେଷ୍ଟ କ୍ୟାରିୟରର ଶେଷ ମ୍ୟାଚ ଖେଳିବେ ବୋଲି କହିଛନ୍ତି । ବାଂଲାଦେଶକୁ ଅନେକ ମ୍ୟାଚରେ ଜିତାଇଥିବା ସାକିବ ଦୀଘ ବର୍ଷ ଧରି କ୍ରିକେଟ୍‌ର ୩ଟି ଯାକ ଫର୍ମାଟରେ ଖେଳି ଆସୁଛନ୍ତି । ସେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ।

ଦ.ଆଫ୍ରିକା ବିପକ୍ଷ ମୀରପୁର ମ୍ୟାଚ ପରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବା ପାଇଁ ଚାହୁଁଥିବା କହିଛନ୍ତି । ଯଦି ସେହି ମ୍ୟାଚ ସମ୍ଭବ ହେବ ନାହିଁ ତେବେ ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ତାଙ୍କ କ୍ୟାରିୟରର ଶେଷ ମ୍ୟାଚ ହେବ । ପୂର୍ବରୁ ସେ ଟି-୨୦ କ୍ୟାରିୟରର ଶେଷ ମ୍ୟାଚ ଖେଳିସାରିଥିବା କହିଛନ୍ତି । ଏଯାଏଁ ୭୦ଟି ଟେଷ୍ଟ ମ୍ୟାଚ ଖେଳିସାରିଥିବା ସାକିବ ୩୮.୩୯ ହାରରେ ୪,୬୦୦ ରନ୍ ହାସଲ କରିଛନ୍ତି । ୫ଟି ଶତକ ଓ ୩୧ଟି ଅର୍ଦ୍ଧଶତକ ରହିଛି । ବୋଲିଂରେ ମଧ୍ୟ ସେ କମାଲ କରିଛନ୍ତି । ସେ ଟେଷ୍ଟରେ ୨୪୨ ୱିକେଟ୍ ନେଇଥିବା ବେଳେ ୫ଥର ୫ ୱିକେଟ୍ ନେବାର ଗୌରବ ହାସଲ କରିଥିଲେ । ସେ ୨ଥର ୱିକେଟ ମଧ୍ୟ ଅକ୍ତିଆର କରିଥିଲେ । ଜଣେ ଭଲ ଅଲ୍‌ରାଉଣ୍ଡ ମାନ୍ୟତା ପାଇଥିବା ସାକିବ ୨୦୦୭ରେ ଭାରତ ବିପକ୍ଷ ଚଟୋଗ୍ରାମ ଟେଷ୍ଟରେ ଡେବ୍ୟୁ କରିଥିଲେ । ଏବେ ସେ ୩୭ ବର୍ଷ ବୟସରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବାକୁ ଯାଉଛନ୍ତି । ଦୀର୍ଘ ସମୟ ଧରି ଆଇସିସି ଅଲ୍‌ରାଉଣ୍ଡର ର୍‍ୟାଙ୍କିଙ୍ଗର ଶୀର୍ଷ ସ୍ଥାନ ମଣ୍ଡନ କରିଥିବା ସାକିବଙ୍କ ଜଲୱା ଟେଷ୍ଟ କ୍ରିକେଟ୍‌ରେ ଦେଖିବାକୁ ମିଳିବ ନାହିଁ ।



# ଆଜିଠୁ ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟ

କାନପୁର,୨୬ା୯ (ଏଜେନ୍ସି): ଚେନ୍ନାଇ ଟେଷ୍ଟରେ ବାଂଲାଦେଶକୁ ୨୮୦ ରନ୍‌ରେ ପରାଜିତ କରି ଭାରତ ୧-୦ରେ ଶୃଙ୍ଖଳା ଆଗୁଆ ରହିଛି । ତେଣୁ ଭାରତ ନିକଟରେ ଶୃଙ୍ଖଳା ପୋଛି ନେବାର ଭଲ ସୁଯୋଗ ରହିଛି । ଶୁକ୍ରବାର ଠାରୁ କାନପୁରରେ ଭାରତ ଓ ବାଂଲାଦେଶ ମଧ୍ୟରେ ଦ୍ୱିତୀୟ ତଥା ନିର୍ଣ୍ଣାୟକ ଟେଷ୍ଟ ଆରମ୍ଭ ହେବାକୁଯାଉଛି । ଯଦି ରୋହିତ ବାହିନୀ ଏହି ଟେଷ୍ଟ ମ୍ୟାଚରେ ଜିତିବାକୁ ସକ୍ଷମ ହୁଅନ୍ତି ତେବେ ଟିମ୍ ଇଣ୍ଡିଆ ଶୃଙ୍ଖଳା କ୍ଲିନ୍ ସୁଇପ୍ ସହ କ୍ରମାଗତ ତୃତୀୟଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲର ନିକଟତର ହୋଇଯିବ । ଏଥିପାଇଁ କାନପୁର ଟେଷ୍ଟର ଗୁରୁତ୍ୱ ବଢ଼ିଯାଇଛି । ଚଳିତ ରିତୁରେ ଅବଶିଷ୍ଟ ୯ ମ୍ୟାଚରୁ ଅନ୍ୟୁନ ୪ଟି ଜିତିବା ଦରକାର । ବାଂଲାଦେଶ ବିପକ୍ଷରେ ଗୋଟିଏ ମ୍ୟାଚ ସହ ନ୍ୟୁଜିଲାଣ୍ଡ ବିପକ୍ଷରେ ୩ଟି ଓ ଅଷ୍ଟ୍ରେଲିଆ ବିପକ୍ଷରେ ୫ଟି ଟେଷ୍ଟ ଖେଳିବାକୁ ବାକି ରହିଛି । ଏହି ୪ଟି ବିଜୟଲକ୍ଷ୍ୟ ପାଇଁ ଘରୋଇ ପରିବେଶ ଭାରତ ଲାଗି ସୁଯୋଗ ଆଣି ଦେଇଛି । ଅଷ୍ଟ୍ରେଲିଆ ମାଟିରେ ବର୍ଡର ଗାଭାସ୍କର ଶୃଙ୍ଖଳାର ୫ଟି ମ୍ୟାଚ ଜିତିବା ଭାରତ ପାଇଁ ସହଜ ହେବ ନାହିଁ । ଏଦୃଷ୍ଟିରୁ ଘରୋଇ ପରିବେଶ ଉପରେ ଭାରତର ଅଧିକ ଫୋକସ ରହିବ ।



ଚେନ୍ନାଇରୁ କାନପୁରକୁ ମ୍ୟାଚ ଆସିବା ସହ ଉଭୟ ଭାରତ ଓ ବାଂଲାଦେଶ ପାଇଁ ପିଚ ନୂଆ ଆହ୍ୱାନ ହେବାକୁଯାଉଛି । କାରଣ ଚେନ୍ନାଇର ଲାଲମାଟିର ପିଚ ସ୍ପିନ ଓ ବାଉନ୍ସ ଥିବା ବେଳେ କାନପୁରର କଳାମାଟିର ପିଚ ପାରମ୍ପରିକ ଭାବେ ସ୍ପିନରଙ୍କୁ ସୁହାଇବ । ଉଭୟ ଗ୍ରାଉଣ୍ଡର ପିଚ ମଧ୍ୟରେ ଆକାଶ ପାତାଳ ଫରକ ରହିଛି । ସେହିପରି ଉତ୍ତରରୁ ଦକ୍ଷିଣରୁ ପାଗ ଓ ପରିବେଶ ମଧ୍ୟ ବଦଳିବ । ଏଦୃଷ୍ଟିରୁ ଉଭୟ ଦଳକୁ ରଣନୀତିରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ହେବ । ଏଥର ପିଚ ପ୍ରଥମ ଦିନରୁ ସ୍ପିନରଙ୍କୁ ସୁହାଇବା ସମ୍ଭାବନା କମ୍ ଥିବାରୁ କ୍ୟୁରେଟର ସଂକେତ ଥିବାରୁ ସାମାନ୍ୟ ଆଶ୍ୱସ୍ତ ରହିଛନ୍ତି ।

### ଭାରତକୁ ସୁହାଇବ ବର୍ଷା

କାନପୁରରେ ବର୍ଷା କାରଣରୁ ଦ୍ୱିତୀୟ ମ୍ୟାଚ ହେବାର ଆଶା କମ୍ ରହିଛି । ମ୍ୟାଚର ଗୋଟିଏ ଦିନ ପୂର୍ବରୁ କାନପୁରରେ ପ୍ରବଳ ବର୍ଷା ହୋଇଛି । ପିଚ ସହିତ ଗ୍ରୀନ୍‌ପାର୍କ ଷ୍ଟାଡିୟମ୍‌କୁ ସମ୍ପୂର୍ଣ୍ଣ ଭାବେ ଢ଼ଙ୍କା ଯାଇଛି । ଯଦି ଦ୍ୱିତୀୟ ମ୍ୟାଚ ବାତି ହୁଏ ତେବେ ଭାରତ ଶୃଙ୍ଖଳାକୁ ୧-୦ରେ ଜିତିବ । ପାଣିପାଗ ବିଭାଗର ସୂଚନା ଅନୁସାରେ ଶୁକ୍ରବାର ଏବଂ ଶନିବାର ମଧ୍ୟ କାନପୁରରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ଗୁରୁବାର ଘନମେଘ ଦେଖାଯିବା ମାତ୍ରେ ପଡ଼ିଆ ଓ ପିଚକୁ ସମ୍ପୂର୍ଣ୍ଣ ଭାବେ ଢ଼ଙ୍କା ଯାଇଥିଲା । ପରିସ୍ଥିତି ଏପରି ଯେ ଦିଲ୍ଲୀ ଏବଂ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ରୁ ଅଧିକ କଭର ମଗା ଯାଇଥିଲା । ପ୍ରଥମ ଦିନ ୯୩% ଓ ଦ୍ୱିତୀୟ ଦିନ ୮୦% ବର୍ଷା ହେବାର ସମ୍ଭାବନା ଅଛି । ଚତୁର୍ଥ ଓ ପଞ୍ଚମ ଦିନ ଆକାଶ ମେଘମୁକ୍ତ ରହିପାରେ । କିନ୍ତୁ ପ୍ରଥମ ଦିନ ବର୍ଷା ହେଲେ ପଡ଼ିଆ କର୍ମଚାରୀଙ୍କୁ ଗ୍ରାଉଣ୍ଡକୁ ଖେଳ ଉପଯୋଗୀ କରିବା ପାଇଁ କଷ୍ଟକର ହୋଇପାରିବ । ଏଦୃଷ୍ଟି ମ୍ୟାଚ ସମ୍ଭାବ ହୋଇନପାରେ ।

## ଅଶ୍ୱିନ ଭାଙ୍ଗି ପାରନ୍ତି ୬ ରେକର୍ଡ

ନୂଆଦିଲ୍ଲୀ,୨୬ା୯ (ଏଜେନ୍ସି): ଚେନ୍ନାଇ ଟେଷ୍ଟରେ ଚମତ୍କାର ପ୍ରଦର୍ଶନ କରି ଭାରତକୁ ବଡ଼ ବିଜୟ ଦେଇଥିବା ଅଭିଜ୍ଞ ସ୍ପିନର ରବି ଚନ୍ଦ୍ରନ ଅଶ୍ୱିନଙ୍କ ପାଖରେ କାନପୁରରେ ଟେଷ୍ଟରେ ଇତିହାସ ରଚିବାର ସୁଯୋଗ ରହିଛି । ଗୋଟିଏ କିମ୍ବା ଦୁଇଟି ନୁହେଁ ଏକା ସାଙ୍ଗରେ ୬ଟି କୀର୍ତ୍ତିମାନ ସ୍ଥାପନ କରିବାର ସୁଯୋଗ ପାଇବେ । ୩୮ ବର୍ଷୀୟ ଅଶ୍ୱିନୀ ଯଦି ଚେନ୍ନାଇ ଟେଷ୍ଟର ପ୍ରଦର୍ଶନକୁ ଦୋହରାଇ ପାରନ୍ତି ତା ହେଲେ କ୍ରିକେଟ୍ ଇତିହାସରେ ଭାରତର ସର୍ବଶ୍ରେଷ୍ଠ ସ୍ପିନର ହେବା ଦିଗରେ ଏକ ବଡ଼ ପାଦ ବଢ଼ାଇବେ । ପ୍ରଥମ ଭାରତୀୟ ଭାବେ ଚତୁର୍ଥ ପାଳିରେ ୧୦୦ ୱିକେଟ୍ ନେବାର ସୁଯୋଗ ରହିଛି । ଏପର୍ଯ୍ୟନ୍ତ ସେ ୯୯ ୱିକେଟ୍ ନେଇଛନ୍ତି । ଜାହିର ଖାନ୍‌ଙ୍କ ୩୧ ୱିକେଟ୍‌କୁ ଟପି ଭାରତ-ବାଂଲାଦେଶ ଟେଷ୍ଟରେ ସର୍ବାଧିକ ୱିକେଟ୍ ନେଇପାରନ୍ତି । ୨୦୨୩-୨୫ କ୍ରୀଡା ଚକ୍ରରେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍‌ର ସର୍ବାଧିକ ୱିକେଟ୍ ଦଖଲକାରୀ ହେବାର ସୁଯୋଗ ରହିଛି । ସେ ଆଉ ୫ ୱିକେଟ୍ ଅକ୍ତିଆର କରିପାରିଲେ ସେନ୍ ୱର୍ଣ୍ଣଙ୍କୁ ଟପିବାର ସୁଯୋଗ ରହିଛି । ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍‌ରେ ସର୍ବାଧିକ ୱିକେଟ୍‌ରକ୍ଷକାରୀ ହେବାର ଗୌରବ ହାସଲ କରିପାରନ୍ତି । ଟେଷ୍ଟ ଇତିହାସରେ ସପ୍ତମ ସର୍ବାଧିକ ୱିକେଟ୍ ଦଖଲକାରୀ ହେବା ସହ ନାଥନ ଲିଆନଙ୍କୁ ଟପିବାର ଭଲ ସୁଯୋଗ ରହିଛି । ଗତ ଚେନ୍ନାଇ ଟେଷ୍ଟରେ ଅଶ୍ୱିନ କ୍ୟାରିୟରର ଷଷ୍ଠ ଶତକ ହାସଲ କରିବା ସହ ୬ ୱିକେଟ୍ ଦଖଲ କରିଥିଲେ ।



## ଇଣ୍ଡିଆନ୍ ଓପନ ଆଥଲେଟିକ୍ସ

# ଓଡ଼ିଶାରୁ ଭାଗ ନେବେ ୧୦

ଭୁବନେଶ୍ୱର,୨୬ା୯ (ସବ୍ୟୁ) : ଆଗାମୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ବିହାରର ପାଟଣା ଠାରେ ଚତୁର୍ଥ ଇଣ୍ଡିଆ ଓପନ ୨୩ ବର୍ଷରୁ କମ୍ ଆଥଲେଟିକ୍ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି । ଓଡ଼ିଶାରୁ ୧୦ ଜଣ ଆଥଲେଟ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଅନିମେଶ କୁଜୁର ଏବଂ ରେୟାନ ବାସା ୧୦୦ ଓ ୨୦୦ ମିଟର ତଥା ଅଭିଶେକ ଦଳବେହେରା ଓ ସୁଖୀ ବାସ୍କେ ୧୦୦ ମିଟର ଦୌଡ଼ରେ ଅଂଶଗ୍ରହଣ କରିବେ ।

ଆସ୍ତିକ ପ୍ରଧାନ ୪୦୦ ମିଟର ଦୌଡ଼, ଜସବୀର ନାୟକ ଡେକାଥଲନ, ଲକ୍ଷ୍ମୀପ୍ରିୟା କିଶାନ ଓ ଦୟାନିଧି ମୁଣ୍ଡା ୮୦୦ ମିଟର ଦୌଡ଼, ନିଖିଳ କୁମାର ଦାସ ହାଇଜମ୍ପ ଏବଂ ସୁସ୍ମିତା ତିଗା ଷ୍ଟିପଲଚେଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଓଡ଼ିଶାରୁ ଭାଗ ନେବାକୁ ଥିବା ସମସ୍ତ ପ୍ରତିଯୋଗୀ ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ଆଥଲେଟିକ୍ସ ହାଇପରଫରମାନ୍ସ ସେଣ୍ଟର ଠାରେ ପ୍ରଶିକ୍ଷଣ ନେଉଛନ୍ତି । ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ଆଥଲେଟିକ୍ ସେଣ୍ଟର ପ୍ରଶିକ୍ଷକ ମାର୍ଟିନ ସମସ୍ତ କ୍ରୀଡାବିତ୍ ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶାବାଦୀ ଅଛନ୍ତି । ପ୍ରତିଯୋଗିତା ପାଇଁ ଓଡ଼ିଶା କ୍ରୀଡାବିତ୍ କଠିନ ପରିଶ୍ରମ କରିଛନ୍ତି । ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶା ପାଇଁ ପଦକ ଜିତିବେ ବୋଲି ଆମର ଆଶା ରହିଛି ବୋଲି ମାର୍ଟିନ ମତ ପ୍ରକାଶ କରିଛନ୍ତି ।



## ଦ୍ୱିତୀୟ ଏୟୁଏସ୍ଏଫ୍ ଫୁଟବଲ
## ଭାରତୀୟ ବିଶ୍ୱବିଦ୍ୟାଳୟ ମହିଳା ଦଳ ଚତୁର୍ଥ

ଭୁବନେଶ୍ୱର,୨୬ା୯ (ସବ୍ୟୁ) : ଚୀନ୍‌ର ୟାନବିହାନ୍‌ରେ ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ଏୟୁଏସ୍ଏଫ୍ ଫୁଟବଲ କପ୍ ଅନୁଷ୍ଠିତ ହୋଇଯାଇଛି । ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଭାରତୀୟ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଦଳ ଚତୁର୍ଥ ସ୍ଥାନ ସହ ଫେୟାର ପ୍ଲେ ଆୱାର୍ଡ ହାସଲ କରିଛି । କିସ୍ ଛାତ୍ରୀ ଭାରତୀୟ ବିଶ୍ୱବିଦ୍ୟାଳୟ ମହିଳା ଦଳରେ ସ୍ଥାନ ପାଇ ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇଛନ୍ତି । ୧୫ ଜଣ ଖେଳାଳିଙ୍କ ସହ ଦୁଇ ଜଣ ଅଫିସିଆଲ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଖେଳାଳିମାନେ ହେଲେ ଜେମା ସୋଏ, ଅର୍ଚ୍ଚିତା ନାୟକ, ଜ୍ୟୋତ୍ସ୍ନା ମୁଣ୍ଡାରୀ, ସଲମା ମୁର୍ମୁ, ରିଲାନ୍ ଏକ୍କା, ସାଲଗେ ସୋରେନ୍, ମାମା ସୋରେନ୍, ଆଶିକା ଓରାମ, ସୀତାମଣି ବାସ୍କେ, ଭାରତୀ ଓରାମ, ରଞ୍ଜିତା ନାୟକ, ମାଳତୀ ଟୁଡୁ, ବର୍ଷାରାଣୀ ମାଝୀ, ସୁଲେନ୍ଦ୍ରୀ ଚଲନ, ଆରତୀ ଦେବୀ ତଥା କୋଚ ରେସ୍ମା ବେଗମ ଓ ଟିମ୍ ଅଫିସିଆଲ କନ୍ଦନ ମୁର୍ମୁ ଚୀନ୍‌ଗସ୍ତ କରିଥିଲେ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Rakesh Chandra Mohanty: ମୁଖ୍ୟ ସମ୍ପାଦକ: ରାକେଶ ଚନ୍ଦ୍ର ମହାନ୍ତି। Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି